R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୨୫୧
ତିଥି : ପ୍ରତିପଦ
୧୬ ଜୁନ୍ ୨୦୨୬, ମଙ୍ଗଳବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 251
16 June 2026, Tuesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ମଧ୍ୟପ୍ରାଚ୍ୟରେ ଫେରିବ ଶାନ୍ତି

ନୂଆଦିଲ୍ଲୀ,୧୫।୬: ଇରାନ-ଆମେରିକା ମଧ୍ୟରେ ଶାନ୍ତିଚୁକ୍ତି ପାଇଁ ସହମତ ହୋଇଛି। ଶୁକ୍ରବାର ଦୁଇ ଦେଶ ମଧ୍ୟରେ ସ୍ୱିଜରଲାଣ୍ଡରେ ଏହି ଚୁକ୍ତି ସ୍ୱାକ୍ଷର ହେବ। ମଧ୍ୟପ୍ରାଚ୍ୟରେ ଦେଖାଦେଇଥିବା ୧୦୦ ଦିନର ଯୁଦ୍ଧ ପରିସ୍ଥିତିର ଅନ୍ତ ଘଟିବ। ଯୁଦ୍ଧ ବନ୍ଦ ଲାଗି ଆମେରିକା ଓ ଇରାନ ଉଭୟ ରାଜି ହୋଇଛନ୍ତି।



ଡୋନାଲ୍ଡ ଟ୍ରମ୍ପ ସୂଚନା ଦେଇଛନ୍ତି। ଚୁକ୍ତିକୁ ଏକ ଡିଲ ବୋଲି ଟ୍ରମ୍ପ ବର୍ଣ୍ଣନା କରିଛନ୍ତି।

ପାକିସ୍ତାନ ପ୍ରଧାନମନ୍ତ୍ରୀ ସେହବାଜ ସରିଫ କହିଛନ୍ତି ଯେ, ଶୁକ୍ରବାର ସ୍ୱିଜରଲାଣ୍ଡରେ ଚୁକ୍ତିରେ ସ୍ୱାକ୍ଷର କରାଯିବ। ଇରାନର ସୁପ୍ରିମ ଜାତୀୟ ସୁରକ୍ଷା ପରିଷଦ ପକ୍ଷରୁ କୁହାଯାଇଛି ଯେ, ସବୁ କ୍ଷେତ୍ରରୁ ସାମରିକ କାର୍ଯ୍ୟାନୁଷ୍ଠାନକୁ ତୁରନ୍ତ ସ୍ଥଗିତ ରଖାଯାଇଛି। ଏହା ମଧ୍ୟରେ ଲେବାନନ ମଧ୍ୟ ରହିଛି। ଆଜି

- ➤ ଇରାନ-ଆମେରିକା ମଧ୍ୟରେ ଶାନ୍ତି ଚୁକ୍ତି ଚୂଡାନ୍ତ
- ➤ ଶୁକ୍ରବାର ଜେନେଭାରେ ହେବ ସ୍ୱାକ୍ଷର
- ➤ ୧୪ ସୂତ୍ରୀ ପ୍ରସ୍ତାବ ଦେଇଛି ଇରାନ

୧୪ ସ୍ମୃତି ଶାନ୍ତି ଚୁକ୍ତି ଲାଗି ଦୁଇ ରାଷ୍ଟ୍ର ରାଜି ହୋଇଥିବା ଆମେରିକା ରାଷ୍ଟ୍ରପତି ରାତି ସୁଦ୍ଧା ଏହାକୁ ବନ୍ଦ କରାଯିବ। ଏହାଛଡା ଇରାନ (୯ ପୃଷ୍ଠାରେ)

## ପ୍ରଧାନମନ୍ତ୍ରୀ ମୋଦୀଙ୍କ ସ୍ୱାଗତ

ନୂଆଦିଲ୍ଲୀ,୧୫।୬: ଆମେରିକା ଓ ଇରାନ ମଧ୍ୟରେ ଚାଲିଥିବା ବିବାଦର ଅନ୍ତ ପାଇଁ ହୋଇଥିବା ଚୁକ୍ତିକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱାଗତ କରିଛନ୍ତି। ସେ କହିଛନ୍ତି ଯେ, ଚୁକ୍ତି ଏହି ଅଞ୍ଚଳରେ ଶାନ୍ତି ଓ ସ୍ଥିରତା ଫେରାଇ ଆଣିବାରେ ସାହାର୍ଯ୍ୟ କରିବ। ସମୁଦ୍ର ପଥରେ ଅବାଧ ଗତିବିଧି ତଥା ବିଶ୍ୱ ବାଣିଜ୍ୟକୁ ସୁଦୃଢ଼ କରିବ। ଏହି ବାବାଦ ସାରା ବିଶ୍ୱରେ ଗମ୍ଭୀର ଓ ଆର୍ଥିକ ଅସ୍ଥିରତା ଓ ଅନେକ ଦେଶର ଜୀବନ ଏବଂ ସମ୍ପତ୍ତି କ୍ଷତି କରିଛି। ଦ୍ୱିପାକ୍ଷିକ ମଧ୍ୟରେ ବାକିଥିବା ସମାଲୋଚନା ଗୁଡିକ ଆଲୋଚନା ମାଧ୍ୟମରେ ସମାଲୋଚନା କରାଯିବ। ଯାହା ଦ୍ୱାରା ସ୍ଥାୟୀ ଚୂଡାନ୍ତ ସମାଧାନ ହୋଇପାରିବ।

# ଓଡ଼ିଶାରେ ମୌସୁମୀ ଅଗ୍ରସର ନେଇ ଦ୍ୱନ୍ଦ୍ୱ

ଭୁବନେଶ୍ୱର, ୧୫।୬ (ସବ୍ୟୁ) : ଓଡ଼ିଶାରେ ଆଜି(ସୋମବାର) ମୌସୁମୀ ଆଗକୁ ବଢ଼ିଛି। ହେଲେ କେଉଁ ଜିଲ୍ଲାକୁ ଛୁଇଁଲା, ସେହି ତଥ୍ୟ ଦେଉନି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର। ଗତ ୩ରୁ ୪ଦିନ ହେବ ରାଜଧାନୀ ଭୁବନେଶ୍ୱରରେ ଭଲ ବର୍ଷା ହୋଇନଥିବା ବେଳେ ରବିବାର ୧ମିମି ବି ବର୍ଷା ହୋଇନି। ତେବେ କେଉଁ ମାନକ ଆଧାରରେ ମୌସୁମୀକୁ ଭୁବେନଶ୍ୱର ଦେଇ ଆଗକୁ ବଢ଼ାଇଲା ପାଣିପାଗ ବିଭାଗ, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେବା ସହିତ ସମସ୍ତଙ୍କ ମନରେ ଦ୍ୱନ୍ଦ ବଢ଼ାଇଛି।

ପାଣିପାଗ ବିଭାଗର ଜଣେ ବିଜ୍ଞାନୀ କହିଥିଲେ, ଓଡ଼ିଶାର ୫୦ରୁ ୬୦ ପ୍ରତିଶତ ଅର୍ଥାତ ଉପକୂଳ ଓ ଏହାର ପାଶ୍ୱର୍ବର୍ତ୍ତୀ ଅଞ୍ଚଳକୁ ମୌସୁମୀ ଛୁଇଁଲା। ପାଣିପାଗ ବିଭାଗ ଦ୍ୱାରା ଜାରି ମାନଚିତ୍ରରେ ମୌସୁମୀ ଆଗକୁ ବଢ଼ିବା ନେଇ ଯେଉଁ ଗାର ଟାଣିଛି, ସେଥିରେ ଭୁବନେଶ୍ୱର ଆସୁଛି। ଗତ ୩ରୁ ୪ଦିନ ଧରି ଗରମ ଓ ଗୁଳୁଗଳି ସନ୍ତୁଳି ହେଉଛନ୍ତି ରାଜଧାନୀବାସୀ। ଶୁଖିଲା ପାଗରେ କିପରି ମୌସୁମୀ ମାନଙ୍କକୁ ନମାନି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଆଗକୁ ବଢ଼ାଇଥିଲା କିଛି ପାଣିପାଗ ବିଶେଷଜ୍ଞମାନେ ପ୍ରଶ୍ନ ଉଠାଇଛନ୍ତି।

- ⏭ ମୌସୁମୀ ଆସିଛି, ଗୁଳୁଗୁଳି କମିନି
- ⏭ ରାଜଧାନୀରେ ପାଗ ଶୁଖିଲା, ତଥାପି ମୌସୁମୀ ବଢ଼ୁଛି
- ⏭ ପାଣିପାଗ ବିଭାଗ ଜିଲ୍ଲାର ନାଁ ନଦେଇ ତଥ୍ୟ ଲୁଚାଇଲା

ଅଦୃଶ୍ୟ ତଥା ଶୁଖିଲା ମୌସୁମୀକୁ ନେଇ ଲୋକମାନେ ଚାଷ କାମ ଆଗକୁ ବଢ଼ାଇବେ ନା ବିଳମ୍ବ କରିବେ, ତାହାକୁ ନେଇ ସେମାନଙ୍କ ମନରେ ଅନେକ ପ୍ରଶ୍ନ ଉଙ୍କି ମାରୁଛି। ସେମାନେ କହୁଛନ୍ତି ଯେ, ଯଦି ଖୋର୍ଦ୍ଧା ସମେତ ଭୁବନେଶ୍ୱରରେ ମୌସୁମୀ ଛୁଇଁଲା, ତେବେ ବର୍ଷା କେଉଁ ଆଡ଼େ ଗଲା? ମୌସୁମୀ କେଉଁ ଜିଲ୍ଲାକୁ ପ୍ରବେଶ କଲା ବୋଲି ଭୁବନେଶ୍ୱର ପାଣିପାଗ କେନ୍ଦ୍ରର ବୈଜ୍ଞାନିକଙ୍କୁ ପଚାରିବାରୁ ସେ ଏହି ତଥ୍ୟକୁ ଲୁଚାଇଥିଲେ। ସୂଚନାଯୋଗ୍ୟ, ଗତ ୧୨ ତାରିଖରେ ଉତ୍ତର ଉପକୂଳ ଓଡ଼ିଶାର କିଛି ଜିଲ୍ଲାକୁ ଅଗ୍ରସର ହୋଇଥିବା ବେଳେ ୧୫ ତାରିଖରେ ଅର୍ଥାତ ସୋମବାର ଓଡ଼ିଶାର ଆହୁରି କିଛି ଜିଲ୍ଲାକୁ ଅଗ୍ରସର ହୋଇଛି ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ।

ଆସନ୍ତାକାଲି (ମଙ୍ଗଳବାର) ବାଲେଶ୍ୱର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, (୯ ପୃଷ୍ଠାରେ)

# ଯୁବତୀଙ୍କୁ ଦୁଷ୍କର୍ମ ପରେ ହତ୍ୟା

ନବରଙ୍ଗପୁର/ବାରିପଦା, ୧୫।୬ (ସବ୍ୟୁ) : ବାପା ଛେଉଣ୍ଡ ଯୁବତୀଙ୍କୁ ଦୁଷ୍କର୍ମ ପରେ ହତ୍ୟା ଅଭିଯୋଗ। ରଜର ଖୁସି ଭିତରେ ଆସିଛି ଲୋମହର୍ଷଣକାରୀ ଘଟଣା। ଯେଉଁ ସମୟରେ ସମଗ୍ର ଓଡ଼ିଶା ରଜ ପର୍ବର ଉତ୍ସାହରେ ମସଗୁଲ ଥିଲା, ସେହି ସମୟରେ ନବରଙ୍ଗପୁର ଜିଲ୍ଲା କୋଡ଼ିଙ୍ଗା ଥାନା ଅଞ୍ଚଳରେ ଘଟିଛି ଏକ ଲୋମହର୍ଷଣକାରୀ ଘଟଣା। ବାପା ଛେଉଣ୍ଡ ଜଣେ ଯୁବତୀଙ୍କୁ ଦୁଷ୍କର୍ମ କରିବା ପରେ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ଏତିକିରେ ଅଟକି ନଥିଲା ନରରାକ୍ଷସଙ୍କ ବର୍ବରତା। ହତ୍ୟା ପରେ ଯୁବତୀଙ୍କ ମୃତଦେହକୁ ଘର ବାରିପଟେ ଫିଙ୍ଗି ଫେରାର ହୋଇଯାଇଛନ୍ତି ଦୁର୍ବୃତ୍ତ। ଘଟଣାକୁ ସାରା ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି। ଲୋକଙ୍କ ଭିତରେ ଶୋକ ଓ ଆକ୍ରୋଶ ଦେଖିବାକୁ ମିଳିଛି।

ଅନ୍ୟପଟେ ଦୋଷୀଙ୍କୁ ନ ଧରିବା ପର୍ଯ୍ୟନ୍ତ ଶବକୁ ନଛାଡିବା ଜିଦରେ ଅଡିବସିଛନ୍ତି ପରିବାର ଲୋକ। ବାପାଙ୍କୁ ପୂର୍ବରୁ ହରାଇଥିବା ଯୁବତୀଙ୍କୁ ଦୁଷ୍କର୍ମ ହୋଇଥିବା ଅଭିଯୋଗ ହୋଇଛି। ରବିବାର ରାତିରେ ପହିଲି ରଜ ଖେଳିବାକୁ ସାଙ୍ଗସାଥିଙ୍କ ସହ ଯାଇଥିଲେ

## ରାଇରଙ୍ଗପୁରରେ ନାବାଳିକାକୁ ଗଣଦୁଷ୍କର୍ମ ଅଭିଯୋଗ

## ପୁରୁଷ ବନ୍ଧୁଙ୍କ ସମେତ ୩ ଅଟକ

ଯୁବତୀ। ହେଲେ ଆଜି ସକାଳୁ ଘର ବାରିପଟେ ମିଳିଥିଲା ଯୁବତୀଙ୍କ ରକ୍ତାକ୍ତ ମୃତଦେହ। ଖବର ପାଇ କୋଡ଼ିଙ୍ଗା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏହି ଘଟଣା ପରେ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରି କଠୋର ଦଣ୍ଡ ଦେବାକୁ ଦାବି କରିଛନ୍ତି ସ୍ଥାନୀୟ ଲୋକ ଓ ପରିବାରବର୍ଗ।

ସେହିଭଳି ମୟୂରଭଞ୍ଜ ଜିଲ୍ଲାରେ ପୁଣି ଘଟିଯାଇଛି ଏକ ଲଜ୍ଜାଜନକ ଘଟଣା। ଜଣେ ନାବାଳିକାକୁ ଦୁଷ୍କର୍ମ ହୋଇଥିବା ଅଭିଯୋଗ ହୋଇଛି। ପୀଡିତା ଜଣକ ନାବାଳିକା ଥିବାରୁ ପୋକ୍ସୋ ଆଇନରେ ମାମଲା ରୁଜୁ ହୋଇଛି। ଏହି ଘଟଣାରେ ୩ ଜଣଙ୍କୁ ଅଟକ ରଖିଛି ରାଇରଙ୍ଗପୁର ପୋଲିସ। ପୀଡିତାଙ୍କ ଡାକ୍ତରୀ ମାଇନା କରାଯାଇଛି। ସେ ଏବେ ସୁସ୍ଥ ଥିବା ଜଣାପଡିଛି। ଏନେଇ ପରିବାର ଲୋକେ ପ୍ରଥମେ ଗଣଦୁଷ୍କର୍ମ ହୋଇଥିବା ଅଭିଯୋଗ କରିଥିଲେ। କିନ୍ତୁ ମାମଲାର ତଦନ୍ତ କରି କେବଳ ଦୁଷ୍କର୍ମ ହୋଇଥିବା ସ୍ପଷ୍ଟ କରିଛନ୍ତି ଅତିରିକ୍ତ ଏସପି ଦୀପକ କୁମାର ଗୋଛାୟତ। ଅତିରିକ୍ତ ଏସପି କହିଛନ୍ତି ଯେ ଏହି ଘଟଣା ଗଣଦୁଷ୍କର୍ମ ନୁହେଁ ବରଂ ପୁରୁଷ ବନ୍ଧୁ ଦୁଷ୍କର୍ମ କରିଛି। ପୁରୁଷ ବନ୍ଧୁ ଏସକେ (୯ ପୃଷ୍ଠାରେ)

## 'ସୋମନାଥ ସ୍ୱାଭିମାନ ଯାତ୍ରା-୨୦୨୬ ଆରମ୍ଭ

# ଆମ ସାଂସ୍କୃତିକ ସ୍ୱାଭିମାନର ଯାତ୍ରା : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୫।୬ (ସବ୍ୟୁ) : ଓଡ଼ିଶାର ସାଂସ୍କୃତିକ ଓ ଆଧ୍ୟାତ୍ମିକ ଇତିହାସରେ ଆଜି ଏକ ନୂତନ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡ଼ି ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱରଠାରେ ଆନୁଷ୍ଠାନିକ ଭାବେ ଐତିହାସିକ 'ସୋମନାଥ ସ୍ୱାଭିମାନ ଯାତ୍ରା-୨୦୨୬ଦର ଶୁଭାରମ୍ଭ କରିଛନ୍ତି।

ଓଡ଼ିଶାର ପ୍ରାୟ ୧୧୦୦ରୁ ଅଧିକ ଭକ୍ତଙ୍କୁ ନେଇ ଗୁଜରାଟର ପବିତ୍ର ପ୍ରଭାସ ପାଟଣସ୍ଥିତ ପ୍ରଭୁ ସୋମନାଥଙ୍କ ଧାମ ଅଭିମୁଖେ ଯାତ୍ରା କରିବାକୁ ଥିବା ଏହି ସ୍ୱତନ୍ତ୍ର ଟ୍ରେନକୁ ମୁଖ୍ୟମନ୍ତ୍ରୀ ସବୁଜ ପତାକା ଦେଖାଇ ତୀର୍ଥ ଯାତ୍ରାର ଶୁଭ ଆରମ୍ଭ କରିଛନ୍ତି।



ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହା କେବଳ ଏକ ରେଳ ଯାତ୍ରା ନୁହେଁ, ବରଂ ଆମର ଆସ୍ଥା, ଭକ୍ତି ଏବଂ ସାଂସ୍କୃତିକ ସ୍ୱାଭିମାନର ଏକ ମହାଯାତ୍ରା। ପୂର୍ବରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ପଶ୍ଚିମରେ ପ୍ରଭୁ ସୋମନାଥ ର୍ଦ୍ଧ ଏହି ଦୁଇ ଦିବ୍ୟ ଶକ୍ତି ସମଗ୍ର ଭାରତବର୍ଷକୁ ଏକତା, ଆଧ୍ୟାତ୍ମିକତା ଓ ଅବିନାଶୀ ଚେତନାର ସୂତ୍ରରେ ବାନ୍ଧି ରଖିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ତୀର୍ଥଯାତ୍ରା ସାରା ଦେଶରେ ଆୟୋଜିତ

## ୧୧୦୦ରୁ ଅଧିକ ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ନେଇ ଗଲା ସ୍ୱତନ୍ତ୍ର ଟ୍ରେନ୍

ହେଉଥିବା ମହାନ ରାଷ୍ଟ୍ରୀୟ ସଂକଳ୍ପ 'ସୋମନାଥ ସ୍ୱାଭିମାନ ପର୍ବର ଏକ ଗୌରବମୟ ଅଂଶ ଅଟେ, ଯାହା ଭାରତୀୟ ଇତିହାସର ଦୁଇଟି ପ୍ରମୁଖ ମାଇଲଖୁଣ୍ଟକୁ ସ୍ମରଣ କରାଉଛି। ପ୍ରଥମଟି ହେଉଛି, (୯ ପୃଷ୍ଠାରେ)

# ୨୦ରେ ଓଡ଼ିଶା ଆସିବେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର,୧୫।୬,(ସବ୍ୟୁ): ଆସନ୍ତା ୨୦ରେ ପ୍ରଧାନମନ୍ତ୍ରୀ ଓଡ଼ିଶାଗସ୍ତରେ ଆସିବେ। ରାଜ୍ୟର ବିଜେପି ସରକାରର ଦୁଇ ବର୍ଷ ପୂର୍ତ୍ତି ଅବସରରେ ମୟୂରଭଞ୍ଜ ଜିଲ୍ଲାରେ ହେବାକୁଥିବା କାର୍ଯ୍ୟକ୍ରମରେ ଯୋଗଦେବେ। ପ୍ରଥମେ ସେ ମୟୂରଭଞ୍ଜ ପାହାଡକୁ ହେଲିପ୍ୟାଡରେ ଅବତରଣ କରିବେ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ କାର୍ଯ୍ୟ କରିବେ। ରାଷ୍ଟ୍ରପତିଙ୍କ ଗାଁରେ ଲୋକଙ୍କ ସହ ଘଣ୍ଟାକରୁ ଉର୍ଦ୍ଧ୍ୱ ସମୟ ଆଲୋଚନା କରିବେ। ଏହାପରେ ସେଠାରୁ ଦାଣ୍ଡବୋସରେ ରାଜ୍ୟ ସରକାରଙ୍କ ଦୁଇ ବର୍ଷ ଉପଲକ୍ଷେ ଆୟୋଜତ କାର୍ଯ୍ୟକ୍ରମରେ ଯୋଗଦେବାକୁ ଏକ ଜନସମାବେଶରେ ସମ୍ବୋଦ୍ଧିତ କରିବା ସହ ବିରଞ୍ଚି ନାରାୟଣ ତ୍ରୀପାଠି ସୂଚନା ଦେଇଛନ୍ତି।



କାର୍ଯ୍ୟସୂଚୀ ଅନୁଯାୟୀ ମୟୁରଞ୍ଜ ଜିଲ୍ଲା ପୂର୍ବାହ୍ଣ ୧୧.୫ରେ ଅବତରଣ (୯ ପୃଷ୍ଠାରେ)

# ଚାମେଲିଙ୍କୁ ମାଡ ମାରିବା ଅଭିଯୋଗରେ ଜଣେ ଗିରଫ

ମହାକାଳପଡ଼ା, ୧୫।୬ (ସବ୍ୟୁ) : ମହାକାଳପଡା ବ୍ଲକ୍ ଅଧୀନସ୍ଥ ତିଖିରି ପଞ୍ଚାୟତର ସରପଞ୍ଚ ଚାମେଲି ଓଝାଙ୍କୁ ଆକ୍ରମଣ ଘଟଣାରେ ଜଣକୁ ଗିରଫ କରାଯାଇଛି। ଗିରଫ ବ୍ୟକ୍ତି ହେଉଛନ୍ତି ପାର୍ଥସାରଥୀ ସାମନ୍ତରାୟ। ଗିରଫ ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ତିଖିରୀ ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ ବାଧାପ୍ରାପ୍ତ ନେଇ ସ୍ଥାନୀୟ ସରପଞ୍ଚ ଚାମେଲି ବିଡିଓଙ୍କୁ ଭେଟି ଅଭିଯୋଗ କରିବା ସମୟରେ ଅପ୍ରିତୀକରଣ ପରିସ୍ଥିତି ସୃଷ୍ଟି ହୋଇଥିଲା। ପୋଲିସ ଉପସ୍ଥିତିରେ ତାଙ୍କୁ ମାଡ ମରାଯାଇଥିବା



ସହ ତାଙ୍କ ମୋବାଇଲ ଫୋନ୍‌କୁ ଛଡାଇ ନିଆଯାଇଥିଲା। ସରକାରୀ କାର୍ଯ୍ୟରେ ହସ୍ତକ୍ଷେପ କରିବା ଓ ସରକାର ଅଧିକାରୀଙ୍କୁ ଦୁର୍ବ୍ୟବହାର ଅଭିଯୋଗରେ ଚାମେଲିଙ୍କ ବିରୋଧରେ ଏତଲା କରାଯାଇଥିବାରୁ ତାଙ୍କୁ ଗିରଫ କରାଯାଇ ଜେଲ୍ ପଠାଇ ଦିଆଯାଇଥିଲା। ପରେ ସେ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଚାମେଲି ପ୍ରାୟ ୭ ଜଣଙ୍କ ନାମରେ ଅଭିଯୋଗ କରିଛନ୍ତି। ସେମାନେ ତାଙ୍କୁ ମାଡ ମାରିବା ସହ ମୋବାଇଲ ଛଡାଇ ନେଇଥିବା ନେଇ ଅଭିଯୋଗ ହୋଇଛି। ମାତ୍ର ପୋଲିସ ଆଜି ଜଣକୁ ଗିରଫ କରିଛି। ଅନ୍ୟମାନଙ୍କୁ ଏ ପର୍ଯ୍ୟନ୍ତ ଗିରଫ କରାଯାଇନାହିଁ।

# ୧୮ ରେ ଖୋଲିବ ସ୍କୁଲ

ଭୁବନେଶ୍ୱର, ୧୫।୬ (ସବ୍ୟୁ): ଗ୍ରୀଷ୍ମ ଛୁଟି ପରେ ସ୍କୁଲ ଖୋଲିବାକୁ ଅପେକ୍ଷା କରିଥିବା ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ଲାଗି ଆସିଛି ବଡ଼ ଖବର। ଆସନ୍ତା ୧୮ ତାରିଖରେ ରାଜ୍ୟର ସମସ୍ତ ସ୍କୁଲ ଖୋଲିବ ବୋଲି ସୂଚନା ଦେଇଛନ୍ତି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ତେବେ ପାଣିପାଗ ସ୍ଥିତି ଉପରେ ସରକାରଙ୍କ ନଜର ରହିଥିବାବେଳେ ଆବଶ୍ୟକ ପଡ଼ିଲେ ପରବର୍ତ୍ତୀ ସମୟରେ ନୂଆ ନିଷ୍ପତ୍ତି ନିଆଯିବ ବୋଲି ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି।

ରାଜ୍ୟରେ କିଛି ଦିନ ଧରି ତାପମାତ୍ରାରେ ବୃଦ୍ଧି ସହିତ ଆର୍ଦ୍ରତା ଯୋଗୁ ଗରମ ଓ ଗୁଗୁଳି ଅନୁଭୂତ ହୋଇଥିବା ବେଳେ କେତେକ ସ୍ଥାନରେ ଏବେ ବି ଗ୍ରୀଷ୍ମ ପ୍ରବାହର ପ୍ରଭାବ ରହିଛି। ଏଭଳି ସ୍ଥିତିରେ ସ୍କୁଲ ଖୋଲିବା ନେଇ ଅଭିଭାବକଙ୍କ ମଧ୍ୟରେ ସନ୍ଦେହ ଓ ଆଶଙ୍କା ଦେଖାଦେଇଥିଲା। ହେଲେ ସରକାର ବର୍ତ୍ତମାନର ପାଣିପାଗ ସ୍ଥିତିକୁ ଆକଳନ କରି ଜୁନ୍ ୧୮ରୁ ପାଠପଢ଼ା ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛନ୍ତି।

ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି, ସରକାର ପରିସ୍ଥିତି ଉପରେ ଲଗାତାର ନଜର ରଖିଛନ୍ତି। ଯଦି ଆଗାମୀ ଦିନରେ ଗ୍ରୀଷ୍ମ ପ୍ରବାହ ପୁଣି ବୃଦ୍ଧି ପାଏ କିମ୍ବା ପାଣିପାଗ (୯ ପୃଷ୍ଠାରେ)

# ସିଜେପି ପ୍ରତିଷ୍ଠାତାଙ୍କୁ ଚାପୁଡ଼ା

ନୂଆଦିଲ୍ଲୀ,୧୫।୬: କକ୍ରୋଜ ଜନତା ପାର୍ଟି (ସିଜେପି)ର ମୁଖ୍ୟ ଅଭିଜିତ ଦିପେକଙ୍କୁ ଦୁଇ ଯୁବକ ଚାପୁଡା ମାରିଛନ୍ତି। ରାଜସ୍ଥାନର ଜୟପୁର ଠାରେ ସିଜେପି ଏକ ଶାନ୍ତିପୂର୍ଣ୍ଣ ଧାରଣା ଦେବା ସହ ଅଭିଜିତ ଏକ ରାଲିକୁ ସମ୍ବୋଦ୍ଧିତ କରୁଥିଲେ। ଏହି ସମୟରେ ଏହି ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି।

ଘଟଣାରୁ ପ୍ରକାଶ ଯେ, ସମର୍ଥକଙ୍କ କାନ୍ଧରେ ବସି ଅଭିଜିତ ସଭାସ୍ଥଳ ସହୀଦ ସ୍ମାରକୀ ଆଡକୁ ଯାଉଥିଲେ। ଭିଡ ଭିତରୁ ଦୁଇ ଯୁବକ ହଠାତ ବାହାରି ଆସି ତାଙ୍କ ଗାଲକୁ ଚାପୁଡା ମାରିବା ସହ ସମର୍ଥକଙ୍କ କାନ୍ଧରୁ ଓହ୍ଲାଇବାକୁ ଚେଷ୍ଟା କରିଥିଲେ। ସିଜେପି ମୁଖପାତ୍ର ଅଭିଶେକ ଜେନ ବିଟୁ ଘଟଣା ପାଇଁ ପ୍ରଶାନକକୁ ଦାୟୀ କରିଛନ୍ତି। ସେ କହିଛନ୍ତି ଯେ, ଯେଉଁ ଭଳି ଭାବରେ



ଏହି ଆକ୍ରମଣ ହେଲା ଏହା ପୋଲିସ ଓ ସରକାର ଉପରେ ଗୁରୁତର ପ୍ରଶ୍ନ ସୃଷ୍ଟି କରିଛି। ଅଣସାମାଜିକ ତତ୍ତ୍ୱକୁ ସରକାର ଜବତ କରିବା ପରିବର୍ତ୍ତେ ସେମାନଙ୍କୁ ଅନୁମତି ଦେଉଛନ୍ତି। ରାଜସ୍ଥାନ ସରକାର ଓ ପୋଲିସର ଆଚରଣ ନିନ୍ଦନୀୟ। ଯେଉଁ ଅଧିକାରୀମାନେ ଏଥିରେ ସମ୍ପୃକ୍ତ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ସିଜେପିର ପ୍ରତିଷ୍ଠାତା ଅଭିଜିତ କହିଛନ୍ତି ଯେ, ସେମାନଙ୍କୁ ଭୟଭୂତ ଓ ଚେତାବନୀ ଦେବା ପାଇଁ ଏଭଳି କାର୍ଯ୍ୟ କରାଯାଉଛି। ମୂଳ ପ୍ରସଙ୍ଗରୁ ସେମାନେ ଲୋକଙ୍କ ଦୃଷ୍ଟି ଆଡୁଆଳ କରିବାକୁ ଚେଷ୍ଟା କରୁଛନ୍ତି। ଏହି ଆକ୍ରମଣ ଯୋଗୁଁ ସେମାନଙ୍କ ଆନ୍ଦୋଳନ ଅଟକିବ ନାହିଁ। ଆକ୍ରମଣ ପରେ ମଧ୍ୟ ମଞ୍ଚରୁ (୯ ପୃଷ୍ଠାରେ)

- ◣ ଜୟପୁରରେ ବିକ୍ଷୋଭ ବେଳେ ଘଟିଲା ଘଟଣା
- ◣ ଭୟଭୀତ କରାଇବାକୁ ଚେଷ୍ଟା, ଡରିବୁ ନାହିଁ : ଅଭିଜିତ୍

## ସୈନିକ ସ୍କୁଲ ପାଖ ରାସ୍ତାରେ ଭୟଙ୍କର ସିରିଜ୍ ଦୁର୍ଘଟଣା

# ୨ ମୃତ, ୪ ଗୁରୁତର : ଅଟୋ, ୫ ବାଇକ୍ ଚୁରମାର୍

ଭୁବନେଶ୍ୱର, ୧୫।୬ (ସବ୍ୟୁ) : ସୈନିକ ସ୍କୁଲ ପାଖ ରାସ୍ତାରେ ସୋମବାର ସନ୍ଧ୍ୟାରେ ଭୟଙ୍କର ସିରିଜ୍ ଦୁର୍ଘଟଣା ଘଟି ୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୪ ଜଣ ଆହତ ହୋଇଛନ୍ତି। କାର ଦ୍ରୁତ ଗତିରେ ଆସି ଗୋଟିଏ ଅଟୋ, ୫ ବାଇକ୍ ଧକ୍କା ଦେବାରୁ ଭାଙ୍ଗି ଚୁର୍‌ମାର ହୋଇଯାଇଛି। ଦୁର୍ଘଟଣା ଘଟାଇଥିବା କାର୍‌ର ସାମ୍ନାପାର୍ଶ୍ୱ ଭାଙ୍ଗିଯାଇଥିବା ବେଳେ ଡ୍ରାଇଭର ଫେରାର ହୋଇଯାଇଛି। ଖବର ପାଇ ପୋଲିସ ପହଞ୍ଚି ଆହତଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା। ସେମାନଙ୍କ ମଧ୍ୟରୁ ଦୁଇଜଣଙ୍କର ମୃତ୍ୟୁ ହୋଇଛି। ରାସ୍ତାରେ ଭାଙ୍ଗିରୁଜି ପଡିଥିବା ଗାଡିଗୁଡିକୁ କାଢି ଗାଡି ଚଳାଚଳ



ସ୍ୱାଭାବିକ କରିଥିଲା ପୋଲିସ। ଏହି ସିରିଜି ଦୁର୍ଘଟଣା ପାଇଁ ସେହି ରାସ୍ତାରେ କିଛି ସମୟ ଗାଡି ଚଳାଚଳ ବ୍ୟାହତ ହୋଇଥିଲା।

ଦ୍ରୁତ ଗତିରେ ଏକ କାର୍ ଆସି ଚା'ପିଉଥିବା ୪ଜଣ ଲୋକଙ୍କ ଉପରେ ମାଡିଯାଇଥିଲା। ଏହାପରେ ରାସ୍ତା ପାଶ୍ୱର୍ରେ ଥୁଆହୋଇଥିବା ୫ଟି ବାଇକ୍ ଓ ଗୋଟିଏ ଅଟୋ ଉପରେ ମାଡିଯିବାରୁ ସେଗୁଡିକ ମଧ୍ୟ (୯ ପୃଷ୍ଠାରେ)

## ଇତିହାସ

୧୯୧୧- ନ୍ୟୁୟର୍କରେ ଆଇବିଏମ୍ କମ୍ପାନୀର ସ୍ଥାପନା କରାଗଲା । ପୂର୍ବରୁ ଏହାର ନାମ କମ୍ପ୍ୟୁଟିଙ୍ଗ୍-ଟାବ୍ୟୁଲେଟିଙ୍ଗ୍-ରେକର୍ଡିଙ୍ଗ୍ କମ୍ପାନୀ ଥିଲା ।

୧୯୨୦- ଭାରତର ପ୍ରସିଦ୍ଧ ରାଜନୀତିଜ୍ଞ ମଧ୍ୟରେ ଅନ୍ୟତମ ତଥା ମଧ୍ୟପ୍ରଦେଶର ପୂର୍ବତନ ରାଜ୍ୟପାଳ ମହମ୍ମଦ ଅଲ୍ଲୀ ଖାଁଙ୍କର ଜନ୍ମ ।

୧୯୫୦- ହିନ୍ଦୀ ଫିଲ୍ମର ପ୍ରସିଦ୍ଧ ଅଭିନେତା ମିଥୁନ ଚକ୍ରବର୍ତ୍ତୀଙ୍କ ଜନ୍ମ ।

୧୯୬୩- ଋଷର ଜଣେ ୨୬ ବର୍ଷୀୟ ମହିଳା ଭାଲେଣ୍ଟିନା ତେରେଶକୋବା ବିଶ୍ୱର ପ୍ରଥମ ମହିଳା ରୂପେ ଅନ୍ତରୀକ୍ଷ ଅଭିମୁଖେ ଯାତ୍ରା କରିଥିଲେ ।

୧୯୮୩- ଛତିଶଗଡର ଗୁରୁ ଘାସୀଦାସ ବିଶ୍ୱବିଦ୍ୟାଳୟର ସ୍ଥାପନା କରାଗଲା ।

୨୦୦୭- ଅନ୍ତରୀକ୍ଷରେ ଲଗାତାର ସବୁଠୁ ଅଧିକ ସମୟ ଧରି ରହିବାରେ ସୁନିତା ୱିଲିୟମ୍ସ ପ୍ରଥମ ମହିଳା ହେଲେ ।

୨୦୦୮- ବିଶ୍ୱରେ ଇସ୍ପାତ ନିର୍ମାଣକାରୀ ସର୍ବବୃହତ୍ କମ୍ପାନୀ ଆର୍ସେଲର୍ ମିତ୍ତଲ ଆମେରିକୀୟ କମ୍ପାନୀ ବସ୍ଥ ଷ୍ଟିଲ୍‌ର ଅଧିଗ୍ରହଣ କଲା ।

୨୦୦୮- କାଲିଫର୍ଣ୍ଣିଆରେ ସମଲିଙ୍ଗୀ ବିବାହକୁ ଲାଇସେନ୍ସ ଦିଆଗଲା ।

୨୦୧୨- ଚୀନ୍ ପକ୍ଷରୁ ଶେନ୍‌ଜୁ ୯ ନାମକ ସ୍ପେସ୍‌କ୍ରାଫ୍ଟକୁ ଲଞ୍ଚ୍ କରାଗଲା ।

୨୦୧୨-ୟୁନାଇଟେଡ୍ ଷ୍ଟେଟ୍ ଏୟାର୍‌ଫୋର୍ସ ରୋବୋଟିକ୍ ବୋଇଂ ଏକ୍ସ-୩୭ବି ସ୍ପେସ୍‌ପ୍ଲେନ୍ ନିଜ ମିଶନ୍ ପୂରା କରି ପୃଥିବୀ ଫେରିଥିଲା ।

୨୦୧୨- ବହୁରାଷ୍ଟ୍ରୀୟ କୋଲ୍ଡ ଡ୍ରିଙ୍କସ୍ କମ୍ପାନୀ କୋକାକୋଲା ମିଆଁମାରରେ ୬୦ ବର୍ଷ ପରେ ବ୍ୟବସାୟ ଆରମ୍ଭ କଲା ।



## ଶେଷ ରଜ

ଆନନ୍ଦ ଉଲ୍ଲାସରେ ଓଡିଶାବାସୀ ପାଳୁଛନ୍ତି ରଜ । ଏହି ପର୍ବର ଦୁଇଦିନ ବିତିସାରିବା ପରେ ଏବେ ଶେଷ ରଜ ଆସିଛି । ସବୁଆଡେ ପିଠାପଣା ଓ ବିଭିନ୍ନ ଖେଳର ଆସର ଜମିଛି । ଗାଁ ହେଉ ବା ସହର, ଅନେକ ସ୍ଥାନରେ ବିଭିନ୍ନ ଉତ୍ସବ ଆୟୋଜନ କରାଯାଇ ରଜ ପର୍ବକୁ ମନଭରି ପାଳନ କରାଯାଉଛି । ଛୋଟ ଠାରୁ ଆରମ୍ଭ କରି ବଡମାନେ ମଧ୍ୟ ଏଥିରେ ମାତିଛନ୍ତି । ବିଭିନ୍ନ ଆଲୋକ ସାଙ୍ଗକୁ ସାଜସଜ୍ଜା ଏବଂ ମାଇକ୍ ଲାଗି ଉତ୍ସାହ ସହକାରେ ଲୋକେ ଏହାକୁ ମନାଉଛନ୍ତି । ଉତ୍ସବମାନଙ୍କରେ ଦୋଳିକୁ ଆକର୍ଷଣୀୟ ଭାବେ ସଜାଇବା ସାଙ୍ଗକୁ ଅନେକ ପ୍ରତିଯୋଗିତା ଯେଭଳି ମ୍ୟୁଜିକ୍ ଚେୟାର, ପୁଚି ଖେଳ, ଲୁଡୁ ଖେଳ, ଶଙ୍ଖ ବଜାଇବା, ହୁଳହୁଳି ପକାଇବା, ପୋଡପିଠା, ନାଚଗୀତ ଆଦି କରାଯାଉଛି । ପ୍ରତିଯୋଗିତାରେ ଭଲ କରୁଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ ମଧ୍ୟ କରାଯାଉଛି । ଭଳିକି ଭଳି ଡ୍ରେସ୍ ପିନ୍ଧି ଝିଅବୋହୂମାନେ ସଜବାଜ ହୋଇ ପାନ ଖାଇ ବିଭିନ୍ନ ଖେଳର ଆସର ଜମାଉଛନ୍ତି । ପୁଅମାନେ ମଧ୍ୟ ଏଥିରୁ ବାଦ୍ ପଡିନାହାନ୍ତି । ଦୋଳି ଖେଳ ହେଉ ବା କବାଡି ଖେଳ, ଲୁଡୁ ଖେଳ ଆଦି ସାଙ୍ଗସାଥିଙ୍କ ଗହଣରେ ଖେଳୁଛନ୍ତି ।

## ବତକର ଫୁଟବଲ ପ୍ରେମ

ମେକ୍ସିକୋରେ ଫିଫା ୱାର୍ଲ୍ଡ କପ୍‌ର ଆରମ୍ଭ ସହିତ ଫୁଟବଲ୍ ପ୍ରତି ଲୋକଙ୍କ ଭଲପାଇବା ଖୁବ ଅଧିକ ଦେଖିବାକୁ ମିଳୁଛି । ଏକ ପୋଷା ବତକ ଜର୍ସି ପିନ୍ଧି ଏହି ଉତ୍ସବରେ ସାମିଲ ହେବାର ଏକ ଅତି ନିଆରା ଦୃଶ୍ୟ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେଉଛି । ମେକ୍ସିକୋ ସିଟିର ରାସ୍ତାରେ ଚାଲିଥିବା ଏହି ସେଲିବ୍ରେସନ ମଧ୍ୟରେ ଏକ ସ୍ୱତନ୍ତ୍ର ବତକ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି । ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଏହି ଭିଡିଓରେ ଜଣେ ମା'-ପୁଅ ରାସ୍ତାରେ ଚାଲି ଚାଲି ଯାଉଥିବା ବେଳେ ସେମାନଙ୍କ ପଛେ ପଛେ ଏହି ପୋଷା ବତକଟି ମଧ୍ୟ ଚାଲୁଥିବାର ନଜର ଆସିଛି । ବତକଟିକୁ ମେକ୍ସିକୋର ଜର୍ସି ପିନ୍ଧିଥିବାର ଦେଖିବାକୁ ମିଳୁଛି, ଯାହା ସୋସିଆଲ ମିଡିଆରେ ବିଶେଷଭାବେ ଭାଇରାଲ ହେଉଛି । ଲୋକମାନେ ଭିଡିଓଟିକୁ ଖୁବ ଭଲପାଇବା ଦେଉଥିବା ଦେଖିବାକୁ ମିଳୁଛି ।



## ଶୂନ୍ୟରେ ସ୍କାଇଡାଇଭିଂ

ପୋଲାଣ୍ଡର ପ୍ରସିଦ୍ଧ ଏରିଏଲ୍ ଆଥ୍‌ଲେଟ୍ ଏବଂ ୱାର୍ଲ୍ଡ ଚାମ୍ପିଅନ୍ ସ୍କାଇଡାଇଭର୍ ମାଜା କୁଚିନସ୍କା ନିଜର ଏକ ଆଶ୍ଚର୍ଯ୍ୟଜନକ କାରନାମା ପାଇଁ ପୁଣି ଥରେ ଚର୍ଚ୍ଚାକୁ ଆସିଛନ୍ତି । ସେ ଶୂନ୍ୟରେ ଏଭଳି ସଠିକ୍ ଏବଂ ଚମତ୍କାର ମୁଭମେଣ୍ଟ୍ସ କରନ୍ତି ଯେ, ଯାହାକୁ ଦେଖିଲେ ମନେହୁଏ ସତେ ଯେମିତି ସେ ଆକାଶରେ ଚାଲୁଛନ୍ତି । ଇନଡୋର ସ୍କାଇଡାଇଭିଂ ଏବଂ ଏରିଏଲ୍ ସ୍ପୋର୍ଟସ ଦୁନିଆର ସବୁଠାରୁ ସଫଳ ଖେଳାଳିମାନଙ୍କ ମଧ୍ୟରେ ଗଣା ହେଉଥିବା ମାଜା ଅନେକ ବିଶ୍ୱ ଟାଇଟଲ୍ ଜିତିଛନ୍ତି ଏବଂ ସେ କ୍ରମାଗତ ଭାବେ ବିଶ୍ୱର ଶୀର୍ଷ ମାନ୍ୟତା ପ୍ରାପ୍ତ ଆଥ୍‌ଲେଟ୍‌ଙ୍କ ମଧ୍ୟରେ ସାମିଲ ରହିଛନ୍ତି । ବର୍ତ୍ତମାନ ସୋସିଆଲ ମିଡିଆରେ ତାଙ୍କର ସାମ୍ପ୍ରତିକ ପ୍ରଦର୍ଶନର କିଛି ଭିଡିଓ ବେଶ୍ ଭାଇରାଲ ହେବାରେ ଲାଗିଛି । ଯେଉଁଥିରେ ସେ ପବନରେ ଭାସୁଥିବା ଅବସ୍ଥାରେ ଏଭଳି ପାଦ ପକାଉଛନ୍ତି ଯେମିତି ମାଧ୍ୟାକର୍ଷଣ ଶକ୍ତିର ତାଙ୍କ ଉପରେ କୌଣସି ପ୍ରଭାବ ହିଁ ନାହିଁ, ଏହା ବର୍ତ୍ତମାନ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି ।



## ନୂଆ ଅବତାରରେ ଜାହ୍ନବୀ

'ପେଦ୍ଧି' ଚଳଚ୍ଚିତ୍ରର ମୁକ୍ତିଲାଭ ପରେ ଅଭିନେତ୍ରୀ ଜାହ୍ନବୀ କପୁର ନିଜର ପରବର୍ତ୍ତୀ ପ୍ରୋଜେକ୍ଟ ପାଇଁ ବେଶ୍ ବ୍ୟସ୍ତ ହୋଇପଡିଛନ୍ତି । ତେବେ ସେ ଏକ ହାଇ - କନସେପ୍ଟ କ୍ରିଚର୍ ହରର୍ ସିନେମା ପାଇଁ ଆଗୁଆ ପ୍ରସ୍ତୁତ ହେଉଥିବାନେଇ ଆଲୋଚନା ହେଉଛି । ଜାହ୍ନବୀଙ୍କ ପୂର୍ବ ଚଳଚ୍ଚିତ୍ରଗୁଡ଼ିକ ତୁଳନାରେ ଏହା ସମ୍ପୂର୍ଣ୍ଣ ଭିନ୍ନ ହେବବୋଲି ଜଣା ପଡିଛି । ସୂଚନା ଅନୁସାରେ, ଜାହ୍ନବୀ ବର୍ତ୍ତମାନ ସ୍କ୍ରିପ୍ଟ ପଢୁଛନ୍ତି ଏବଂ ଏହି କ୍ରିଚର୍ ହରର୍ ଫିଲ୍ମ ପ୍ରତି ସେ ଗଭୀର ଆଗ୍ରହ ପ୍ରକାଶ କରିଛନ୍ତି, ଯେଉଁଥିପାଇଁ ପ୍ରାକ୍-ପ୍ରସ୍ତୁତି କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇସାରିଲାଣି । ଏହା ଜାହ୍ନବୀଙ୍କ ପାଇଁ ଏକ ସମ୍ପୂର୍ଣ୍ଣ ନୂଆ ଧରଣର ଚରିତ୍ର ହୋଇଥିବାରୁ ଏଥିପାଇଁ ବ୍ୟାପକ ପ୍ରସ୍ତୁତିର ଆବଶ୍ୟକତା ରହିଛି । ସେ ଖୁବ୍ ଶୀଘ୍ର ଏହି ଚୁକ୍ତିପତ୍ର ସ୍ୱାକ୍ଷର କରିବେ ବୋଲି ଆଶା କରାଯାଉଛି । କାଗଜପତ୍ର କାମ ସରିବା ପରେ, ଚରିତ୍ରକୁ ଭଲଭାବେ ବୁଝିବା ପାଇଁ ସେ ସ୍ୱତନ୍ତ୍ର ଆକ୍ଟିଂ ୱର୍କଶପ୍‌ରେ ଭାଗ ନେବେ । ଯଦି ସବୁକିଛି ଠିକ୍ ରହେ, ତେବେ ଜାହ୍ନବୀଙ୍କ କ୍ୟାରିୟରରେ ଏକ ନୂଆ ଅଧ୍ୟାୟ ଯୋଡ଼ିବାକୁ ଥିବା ଏହି ବହୁ ପ୍ରତୀକ୍ଷିତ ସିନେମାର ସୁଟିଂ ଚଳିତ ବର୍ଷ ଶେଷ ଆଡ଼କୁ ଆରମ୍ଭ ହେବ ।



## ସବୁଠୁ ଲମ୍ବା ନାମ

ଦୁନିଆରେ ସବୁଠାରୁ ଲମ୍ବା ବ୍ୟକ୍ତିଗତ ନାମ ରଖିବାର ରେକର୍ଡ ଅଷ୍ଟ୍ରେଲିଆର ଲରେନ୍ସ ୱାଟକିନ୍ସଙ୍କ ନାମରେ ରହିଛି । ତେବେ ଆଶ୍ଚର୍ଯ୍ୟର କଥା ହେଉଛି ସେ ନିଜେ ମଧ୍ୟ ଏହି ସମ୍ପୂର୍ଣ୍ଣ ନାମକୁ ନିଜେ ମନେ ରଖିପାରି ନାହାନ୍ତି । ଗିନିଜ୍ ୱାର୍ଲ୍ଡ ରେକର୍ଡସ ବହି ପଢ଼ିବା ପରେ କୌଣସି ଏକ ରେକର୍ଡ ଭାଙ୍ଗିବା ପାଇଁ ଚିନ୍ତା କରି ଲରେନ୍ସ ୧୯୯୦ ମସିହାରେ ଆଇନଗତ ଭାବେ ନିଜର ନାମ ବଦଳାଇ ଦେଇଥିଲେ । ସେ ସହରର ଏକ ଲାଇବ୍ରେରୀରେ କାମ କରୁଥିବା ସମୟରେ ବିଭିନ୍ନ ବହିରୁ ନାମ ସବୁ ବାଛିଥିଲେ ଏବଂ କିଛି ନାମ ତାଙ୍କ ସହକର୍ମୀମାନେ ମଧ୍ୟ ପରାମର୍ଶ ଦେଇଥିଲେ । ଏହିପରି ଭାବେ ବଢ଼ି ବଢ଼ି ତାଙ୍କର ସମ୍ପୂର୍ଣ୍ଣ ନାମଟି ମୋଟ ୨୨୫୩ଟି ନାମକୁ ମିଶାଇ ଗଠିତ ହୋଇଛି । ଯାହାକି ଏତେ ଲମ୍ବା ଯେ ତାଙ୍କ ବିବାହ ସମୟରେ ପାଦ୍ରୀଙ୍କୁ ତାଙ୍କର ପୂରା ନାମ ପଢ଼ିବା ପାଇଁ ପ୍ରାୟ ୨୦ ମିନିଟ୍ ସମୟ ଲାଗିଯାଇଥିଲା । ଏତେ ବଡ଼ ବିଶ୍ୱ ରେକର୍ଡ ନିଜ ନାମରେ କରିଥିଲେ ସୁଦ୍ଧା, ଲରେନ୍ସ ନିଜେ ନାମକୁ ସଠିକ୍ ଭାବରେ କହିପାରନ୍ତି ନାହିଁ ।



## ଛେଳି ଖାଉଛି ଛେଳି ମାଂସ !

ଜଣେ ଛେଳି ବେଶ୍ ଆନନ୍ଦର ସହ ମଟନ ବିରିୟାନୀ ଖାଉଥିବାର ଏକ ଅଜବ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି, ଯାହାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି । ସାଧାରଣତଃ ଛେଳି ଘାସ, ପତ୍ର ଏବଂ ଦାନା ଖାଉଥିବା ବେଳେ ଭିଡିଓରେ ଦେଖିବାକୁ ମିଳୁଥିବା ଏହି ଛେଳିଟି ଚାଉଳ ସହିତ ମଟନ ଖଣ୍ଡଗୁଡ଼ିକୁ ବେଶ୍ ମଜାର ସହ ଖାଉଛି । ତେବେ ଛେଳିଟିର ମାଲିକଙ୍କ କହିବା ଅନୁସାରେ, ଏହି ଛେଳିଟି ଗତ କିଛି ମାସ ହେବ ଆମିଷ ଭୋଜନ ଖାଉଛି ଏବଂ ତାକୁ ଘାସ-ପତ୍ର ଜମାରୁ ପସନ୍ଦ ଆସୁନାହିଁ । ମାଲିକ ଆହୁରି ମଧ୍ୟ କହିଛନ୍ତି ଯେ ଯେତେବେଳେ ବି ଘରେ ଚିକେନ୍ କିମ୍ବା ମଟନ ବିରିୟାନୀ ତିଆରି ହୁଏ, ଛେଳିଟି ତୁରନ୍ତ ସେଠାରେ ପହଞ୍ଚି ଖାଦ୍ୟ ଖାଇଥାଏ । ଏହି ଭିଡିଓ ଭାଇରାଲ ହେବା ପରେ ସୋସିଆଲ ମିଡିଆରେ ଅନେକ ମଜାଦାର ପ୍ରତିକ୍ରିୟା ପ୍ରକାଶ ପାଉଥିବା ଦେଖିବାକୁ ମିଳୁଛି । କିଛିଲୋକ ଏହାକୁ ଏଆଇ ଭିଡ଼ିଓ ବୋଲି ମତ ଦେଉଥି ବା ଦେଖି ବୁଲିଲୁଛି, ହେଲେ ଭିଡ଼ିଓଟି ଏଆଇ କି ସତ ସେନେଇ କୌଣସି ସ୍ପଷ୍ଟ ସୂଚନା ନାହିଁ ।

## ସୋସିଆଲ କୋଟ୍ସ



ମୁଁ ଯେତେବେଳେ କାଳାହିରଣ ଫିଲ୍ମର ଟ୍ରେଲର ଦେଖିଲି, ସେତେବେଳେ ସକକୁ ପଳେଇଲି । ମୁଁ ଯେଉଁ ଫିଲ୍ମପାଇଁ ସୁଟିଂ କରିଥିଲି ତାହା ଏହା ନୁହେଁ । ଏହାକୁ ମେକର୍ସମାନେ ସମ୍ପୂର୍ଣ୍ଣ ବଦଳାଇ ଦେଇଛନ୍ତି । ମୋତେ ଏନେଇ ଧୋକା ଦିଆଯାଇଛି ।

ଗୋବିନ୍ଦ ନାମଦେବ, ଅଭିନେତା



ଆମିର ହେଉଛନ୍ତି ଏଭଳି ଏକ ଅଭିନେତା ଯିଏ ଖାଲି ଅଭିନୟ ନୁହେଁ ବରଂ ଗୋଟିଏ ଫିଲ୍ମର ସବୁକିଛିକୁ ନେଇ ମତ ରଖନ୍ତି । ତାଙ୍କର ଫିଲ୍ମକୁ ନେଇ ଏକ ଭିନ୍ନଧରଣର ସେନ୍ସ ଆମେ ଦେଖୁ, ଯାହା ଖୁବ ଉଚ୍ଚକୋଟିର ।

କାଜୋଲ, ଅଭିନେତ୍ରୀ



କିଛି କାହାଣୀ କ୍ୟାମେରା ରୋଲିଂ ହେବା ଆଗରୁ ଲେଖାଯାଇଥାଏ । ମୁଁ ଯେତେବେଳେ ରଚିତଙ୍କୁ ଭେଟିଥିଲା । ସେ ଖୁବ ପ୍ରତିଭାବାନ ଥିଲେ ଏବଂ ତାଙ୍କ ଭିତରେ ଅଭିନୟ ପାଇଁ ଏକ ଭିନ୍ନ ଭଲପାଇବା ଥିଲା ।

ହ୍ୟୁମା କୁରେସି, ଅଭିନେତ୍ରୀ



**ମେଷ:** ଅର୍ଥପ୍ରାପ୍ତିର ସୁଯୋଗ, ଲୋକସମ୍ପର୍କ ବୃଦ୍ଧି, ଶରୀର ସୁସ୍ଥ, ଆଶାସଫଳ, ସନ୍ତାନସମସ୍ୟା, ପାରିବାରିକ ସହଯୋଗ, ନୂତନ ନିଯୁକ୍ତି, ବ୍ୟବସାୟରେ ଲାଭ, ଅଶ୍ୱିନୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୬, ଆରାଧନା-ଶଙ୍କର ଭଗବାନ ।

**ବୃଷ:** ଶତ୍ରୁରେ ବିଜୟ, ଦୂରଯାତ୍ରା, ଶାରୀରିକ ପରିଶ୍ରମ, ହଠାତ୍ ଲାଭ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଅର୍ଥଲାଭ, ପଦମର୍ଯ୍ୟାଦା ବୃଦ୍ଧି, ସୁସମାଚାର, ସୁମିଷ୍ଟ ଭୋଜନ, କୃତ୍ତିକା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୫, ଆରାଧନା-ଶ୍ରୀ ଜଗନ୍ନାଥ ।

**ମିଥୁନ:** ସନ୍ତାନସମସ୍ୟା, ବ୍ୟବସାୟରେ ମଧ୍ୟମ ଫଳ, ଉଚ୍ଚଆଶାରେ ବିଫଳ, ଲୋକସମ୍ପର୍କ ବୃଦ୍ଧି, ନୂତନ କାର୍ଯ୍ୟଆରମ୍ଭ, ଦେବକାର୍ଯ୍ୟ, ଅର୍ଥସମସ୍ୟା, ଦାମ୍ପତ୍ୟସୁଖ, ଶରୀର ସୁସ୍ଥ, ମୃଗଶିରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସିଲଭର, ସଂଖ୍ୟା-୭, ଆରାଧନା-ମା' ଭଗବତୀ ।

**କର୍କଟ:** ଶୁଭକାର୍ଯ୍ୟରେ ଧନବ୍ୟୟ, ବ୍ୟବସାୟରେ ସ୍ୱଳ୍ପଲାଭ, ଦେବଦର୍ଶନ, ଶରୀର ସୁସ୍ଥ, ବନ୍ଧୁଲାଭ, ସମ୍ମାନପ୍ରାପ୍ତି, ବିଶିଷ୍ଟ କାର୍ଯ୍ୟରେ କଷ୍ଟ, ସ୍ୱାଦିଷ୍ଟ ଭୋଜନପ୍ରାପ୍ତି, ଶୁଭଖବର, ପୁଷ୍ୟା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୬, ଆରାଧନା-ମହାଲକ୍ଷ୍ମୀ ।

**ସିଂହ:** ସହଯୋଗପ୍ରାପ୍ତି, ମାନସିକ ଶାନ୍ତି, ପିଲାଙ୍କ ଖୁସି, ଦୂରଯାତ୍ରାରେ ସଫଳ, ବ୍ୟବସାୟରେ ସମସ୍ୟା, କାର୍ଯ୍ୟରେ ସଫଳ, ମିତ୍ର ସାହାଯ୍ୟ, ବନ୍ଧୁଲାଭ, ଶରୀର ସୁସ୍ଥ, କର୍ମେ ସୁଖ, ଶତ୍ରୁସମସ୍ୟା, ମଘା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୬, ଆରାଧନା-ଗୋମାତାଙ୍କ ସେବା ।

**କନ୍ୟା:** ସମ୍ମାନବୃଦ୍ଧି, ସୁସମ୍ବାଦ ପ୍ରାପ୍ତି, ବାଣିଜ୍ୟରେ ଲାଭ, ଦାମ୍ପତ୍ୟଖୁସି, ସମସ୍ୟା ସମାଧାନ, ଦେବଦର୍ଶନ, ସମ୍ପତ୍ତିଲାଭ, ମାନସିକ ଶାନ୍ତି, ନୂତନ ନିଯୁକ୍ତି, ଦୂରଯାତ୍ରା ସଫଳ, ଦ୍ରବ୍ୟଲାଭ, ବନ୍ଧୁଲାଭ, ଉତ୍ତରଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଦାମି, ସଂଖ୍ୟା-୧୦, ଆରାଧନା-ମା' ଦକ୍ଷିଣକାଳୀ ।

**ତୁଳା:** କର୍ମରେ ଆନନ୍ଦ, ବନ୍ଧୁସାହାଯ୍ୟ, ବ୍ୟବସାୟରେ କଷ୍ଟ, ପାରିବାରିକ ସନ୍ତୋଷ, ଦାମ୍ପତ୍ୟସୁଖ, ଲୋକସମ୍ପର୍କ ବୃଦ୍ଧି, ନୂତନ କର୍ମଆରମ୍ଭ, ମାନସିକ ଅବସାଦ, ଉଚ୍ଚଆଶା ବିଫଳ, ସନ୍ତାନସୁଖ, ଚିତ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କମଳା, ସଂଖ୍ୟା-୮, ଆରାଧନା-ମା' ଗ୍ରାମଦେବତୀ ।

**ବିଛା:** ଅନୁଷ୍ଠାନରୁ ଲାଭ, ଶୁଭଖବର, ସମ୍ପତ୍ତିଲାଭ, ଶତ୍ରୁ ପରାଜିତ, ଦାମ୍ପତ୍ୟଖୁସି, ନୂତନ କର୍ମଆରମ୍ଭ, ଦେବକାର୍ଯ୍ୟ, ଦୂରଯାତ୍ରାରେ ସଫଳ, ସ୍ୱାଦିଷ୍ଟ ଭୋଜନ,ମାନସିକ ଶାନ୍ତି, ବିଶିଷ୍ଟ କାର୍ଯ୍ୟରେ ନିନ୍ଦିତ, ଅନୁରାଧା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୯, ଆରାଧନା-ପ୍ରଭୁ ନାରାୟଣ ।

**ଧନୁ:** ପ୍ରୀତିବୃଦ୍ଧି, ସମ୍ପର୍କରେ ଉନ୍ନତି, ଯାତ୍ରାରେ ସାବଧାନ, ବ୍ୟବସାୟରେ କଷ୍ଟ, ଶରୀର ଅସୁସ୍ଥ, ବିଶିଷ୍ଟ କାର୍ଯ୍ୟରେ ଧନବ୍ୟୟ, ଶତ୍ରୁସମସ୍ୟା, ଦାମ୍ପତ୍ୟସୁଖ, ସନ୍ତାନସୁଖ, ଋଣଗ୍ରସ୍ତ, ନୂତନ ସମସ୍ୟା, ମୂଳା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୮, ଆରାଧନା-ପ୍ରଭୁ ହନୁମାନ ।

**ମକର:** କର୍ମରେ ଆନନ୍ଦ, ଦୂରଯାତ୍ରା ସଫଳ, ଲୋକସମ୍ପର୍କ ବୃଦ୍ଧି, ଦେବଦର୍ଶନ, ଗୃହେ ଉତ୍ସବ, ଆଶା ସଫଳ, ଦାମ୍ପତ୍ୟସୁଖ, ଦ୍ରବ୍ୟଲାଭ, ଶତ୍ରୁ ପରାଜିତ, ବ୍ୟବସାୟରେ ସ୍ୱଳ୍ପ ଲାଭ, ମାନସିକ ଅବସାଦ, ଉତ୍ତରାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୮, ଆରାଧନା-ଲକ୍ଷ୍ମୀନାରାୟଣ ।

**କୁମ୍ଭ:** ଅର୍ଥଲାଭ, ବନ୍ଧୁବିଦ୍ରୋହ, ଦୂରଯାତ୍ରାରେ ସତର୍କ, ଅତିଥି ଲାଭ, ଶରୀର ଅସୁସ୍ଥ, ମାନସିକ ଅବସାଦ, ସନ୍ତାନ ସମସ୍ୟା, ଉଚ୍ଚଆଶା ବିଫଳ, ଗାଡ଼ିଚାଳନାରେ ସାବଧାନ, ବ୍ୟବସାୟରେ ଲାଭ, ଧନିଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୯, ଆରାଧନା-ମା' ବିମଳା ।

**ମୀନ:** ସ୍ୱାସ୍ଥ୍ୟହାନି, ସମ୍ପର୍କରେ ଫାଟ, ଆଶାରେ ବିଫଳ, ଅର୍ଥସମସ୍ୟା, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା, ଦେବଦର୍ଶନ, ମାନସିକ ଅବସାଦ, ନୂତନ କର୍ମରେ ସଫଳ, ଦ୍ରବ୍ୟନଷ୍ଟ, ଶତ୍ରୁସମସ୍ୟା, ଉତ୍ତରଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା-ମା' କୋଟିଲାଇ ।

ଜ୍ୟେଷ୍ଠ ଶୁକ୍ଲପକ୍ଷ ଦ୍ୱିତୀୟା
୧୬.୬.୨୦୨୬, ମଙ୍ଗଳବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

କେନ୍ଦୁଝରରେ 'ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬

# ନିଜ ଗାଁ ରାଇକଳାରେ ମୁଖ୍ୟମନ୍ତ୍ରୀ ପୂରଣ କଲେ ପରିଗଣନା ଫର୍ମ

କେନ୍ଦୁଝର, (ସବ୍ୟୁ): ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ କେନ୍ଦୁଝର ଜିଲ୍ଲାରେ ଚାଲିଥିବା "ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର-୨୦୨୬)' ଅଭିଯାନ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ରାଇକଳା ଗ୍ରାମସ୍ଥିତ ନିଜ ବାସଭବନରେ ଭୋଟର ତାଲିକା ସଂଶୋଧନ ପାଇଁ ଉଦ୍ଦିଷ୍ଟ ପରିଗଣନା ଫର୍ମ ପୂରଣ କରିଛନ୍ତି । ରାଇକଳା ବୁଥରେ ସମ୍ପୃକ୍ତ ବୁଥ ସ୍ତରୀୟ ଅଧିକାରୀ (ବିଏଲଓ) ମୁଖ୍ୟମନ୍ତ୍ରୀଙ୍କୁ ଏହି ଫର୍ମ ପ୍ରଦାନ କରିଥିଲେ । କେନ୍ଦୁଝର ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀଶାଲ ସିଂହଙ୍କ ପ୍ରତ୍ୟକ୍ଷ ଉପସ୍ଥିତିରେ ଏହି ସମଗ୍ର ପ୍ରକ୍ରିୟାଟି ବେଶ ସୁରୁଖୁରୁରେ ଶେଷ ହୋଇଛି ।

ଭୋଟର ତାଲିକା ସଂଶୋଧନ ଭଳି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଏହି ସକ୍ରିୟ ଭାଗିଦାରୀ ସାଧାରଣ ଜନତାଙ୍କ ମଧ୍ୟରେ ଏକ ସକାରାତ୍ମକ ବାର୍ତ୍ତା ପହଞ୍ଚାଇବ । ଏହା ଦ୍ୱାରା



ନାଗରିକମାନେ ନିଜର ଭୋଟର ବିବରଣୀକୁ ସଠିକ ଓ ଅପଡେଟ (ସଦ୍ୟତନ) ରଖିବା ପାଇଁ ଅଧିକ ସଚେତନ ଓ ଅନୁପ୍ରାଣିତ ହେବେ ବୋଲି ଆଶା କରାଯାଉଛି । ଶେଷରେ, ଭୋଟର ତାଲିକାକୁ ସମ୍ପୂର୍ଣ୍ଣ ତ୍ରୁଟିଶୂନ୍ୟ ଓ ସ୍ୱଚ୍ଛ କରିବା ପାଇଁ କେନ୍ଦୁଝର ଜିଲ୍ଲା ପ୍ରଶାସନ ତରଫରୁ ସମସ୍ତ ଯୋଗ୍ୟ ଭୋଟରଙ୍କୁ ଏହି ଅଭିଯାନରେ ସାମିଲ ହେବାକୁ ଅନୁରୋଧ କରାଯାଇଛି । ଏଥିସହିତ ସଂଶୋଧନ ପ୍ରକ୍ରିୟା ସମୟରେ ଘରକୁ ଘର ବୁଲୁଥିବା ବିଏଲଓ (ବିଏଲଓ) ମାନଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ପ୍ରଶାସନ ସମସ୍ତଙ୍କୁ ନିବେଦନ କରିଛି ।

## ପିଢ଼ ଛକରୁ ନାବାଳକ ଉଦ୍ଧାର

ଡେଲାଙ୍ଗ, (ସବ୍ୟୁ): ଡେଲାଙ୍ଗ ବ୍ଲକ ଅରିଶଳ ପଞ୍ଚାୟତ ଅନ୍ତର୍ଗତ ଖଣ୍ଡିମଙ୍ଗଳପୁର ଗ୍ରାମର ଜଣେ ୮ବର୍ଷର ନାବାଳକକୁ ପିଢପାଟଣା ଗ୍ରାମ ଛକଠାରୁ ଉଦ୍ଧାର କରାଯାଇଛି । ତେବେ ମିଳିଥିବା ସୁଚନା ମୁତାବକ ନାବାଳକ ଜଣକ ମଉନିମଠ ସ୍ଥିତ ମାଉସୀ ଘରେ ରହୁଥିଲା । ନାବାଳକ ବାପା ତାକୁ ଖଣ୍ଡିମଙ୍ଗଳପୁର ଗାଁକୁ ନେଇ ଯାଇଥିଲେ । ଗାଁ ଘରେ ରହିବନି ଯିଦି ଧରି ମାଉସୀ ଘରେ ରହିବ ସେଥିପାଇଁ ଘରୁ ଏକୁଟିଆ ପିପିଲି-ଡେଲାଙ୍ଗ ରାସ୍ତା ଦେଇ ଡେଲାଙ୍ଗ ଷ୍ଟେସନ ଲେବୁଲ କ୍ରସି ପାର ହୋଇ ପିଢପାଟଣା ଛକ ନିକଟରେ ପହଂଚିଥିଲା । ତାର ଚାଲିଚଳଣ ଉପରେ ସନ୍ଦେହ ପ୍ରକାଶ ହେବାରୁ ସ୍ଥାନୀୟ ଯୁବକ ତାକୁ ରଖି ଡେଲାଙ୍ଗ ପୁଲିସକୁ ଖବର ଦେଇଥିଲେ ।



ଲୋକ ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟପାଳ ଡଃ ହରିବାବୁ କମ୍ଭମପାଟିଙ୍କୁ ସାକ୍ଷାତ କରି ଜନ୍ମଦିନର ଶୁଭେଚ୍ଛା ଜଣାଉଛନ୍ତି ।

# ଜନ୍ମଦିନ ପାର୍ଟିରେ ସଂଘର୍ଷ : ୪ ଆହତ, ୬ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ପୋଖରିପୁଟ ସୁଇମିଂପୁଲ୍ ନିକଟରେ ଆୟୋଜିତ ଜନ୍ମଦିନ ପାର୍ଟିରେ ସଂଘର୍ଷ ହେବାରୁ ୪ଜଣ ଆହତ ହୋଇଥିବା ବେଳେ ପୋଲିସ ଉଭୟ ପକ୍ଷର ଅଭିଯୋଗକୁ ନେଇ ୬ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି । ଗତ ୧୪ ତାରିଖ ରାତିରେ ପୋଖରିପୁଟ ଝରାପୋଖରୀର ଏକ ସୁଇମିଂପୁଲ୍ ନିକଟରେ ବିଶ୍ୱଜିତ୍ ପାତ୍ର ଓରଫ ନିକିଙ୍କ ଦ୍ୱାରା ଏକ ଜନ୍ମଦିନ ପାର୍ଟି ଆୟୋଜନ କରାଯାଇଥିଲା । ଯେଉଁଥିରେ ପ୍ରାୟ ୧୫ରୁ ୨୦ଜଣ ବ୍ୟକ୍ତି ଅଂଶଗ୍ରହଣ କରିଥିଲେ । ପାର୍ଟି ଶେଷ ହେବା ସମୟରେ ଶ୍ରୀକାନ୍ତ ପଟ୍ଟନାୟକ, ଜୀବନଜ୍ୟୋତି ପାତ୍ର ଏବଂ ବିଶ୍ୱଜିତ ପାତ୍ରଙ୍କ ତିନୋଟି ମୋବାଇଲ ଫୋନ୍ ଏବଂ ତିନୋଟି କାର୍‌ର ଚାବି କେଉଁଆଡେ ନିଖୋଜ ହୋଇଯାଇଥିଲା । ପାର୍ଟିରେ ଅଂଶଗ୍ରହଣ କରିଥିବା ଜଣଙ୍କ ପକେଟରୁ ୫୦ ହଜାର ଟଙ୍କା ନଗଦ ମଧ୍ୟ କିଏ ନେଇଯାଇଥିଲା । ଖୋଜାଖୋଜି କରିବା ପରେ ବିଜୟ ସେଠୀ ଓରଫ ମିଥୁନଙ୍କ ପାଖରେ ଥିବା ଗୋଟିଏ ନିଖୋଜ ମୋବାଇଲ ଫୋନ୍ ଏବଂ ହଜିଥିବା ୫୦ ହଜାର ଟଙ୍କା ମିଳିଥିଲା । ଯେତେବେଳେ ଏହି ବିଷୟରେ ପଚରା ଯାଇଥିଲା ଓ ମୋବାଇଲ ଫୋନ୍ ଫେରାଇବାକୁ କୁହାଯାଇଥିଲା ବିଜୟ ସେଠୀ ମନା କରିଥିଲା । ଏହାପରେ ବିଶ୍ୱଜିତ ପାତ୍ର ଓରଫ ମିକି, ଶ୍ରୀକାନ୍ତ ପଟ୍ଟନାୟକ ଓରଫ ଲିପୁ, ଦେବଦାସ ନାୟକ ଓରଫ ବବୁଲ୍, ଗୌରାଙ୍ଗ ପାଟ୍ଟସାହାଣୀ ଓରଫ ଗୁଡୁ ଏବଂ ଅନ୍ୟମାନେ ତାଙ୍କୁ ଜାତିଆଣ ଆକ୍ଷେପ କରି ଗାଳି କରି ଆକ୍ରମଣ କରିଥିଲେ । ଏହାକୁ ନେଇ ଦୁଇଗୋଷ୍ଠୀ ମଧ୍ୟରେ ଗାଳିମନ୍ଦ ହୋହାଲ୍ଲା ସହ ପରସ୍ପରକୁ ଆକ୍ରମଣ ଓ ପ୍ରତିଆକ୍ରମଣ କରିଥିଲେ । ଏହି ପ୍ରକ୍ରିୟା ମଧ୍ୟରେ ମହିଳାଙ୍କ ପ୍ରତି ଦୁର୍ବ୍ୟବହାର ପ୍ରଦର୍ଶନ ମଧ୍ୟ ହୋଇଥିଲା । ଆକ୍ରମଣ ପ୍ରତିଆକ୍ରମଣରେ ଉଭୟ ପକ୍ଷରୁ ଆହତ ହୋଇଥିଲେ । ଜରୁରୀକାଳୀନ ସୂଚନା ପାଇବା ପରେ ପିସିଆର୍ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ସମସ୍ତ ଆହତଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ । ପ୍ରାଥମିକ ଚିକିତ୍ସା ପରେ ଉଭୟ ପକ୍ଷ ଥାନାରେ ହାଜର ହୋଇ ପରସ୍ପର ବିରୋଧରେ ଅଭିଯୋଗ କରିଥିଲେ । ଦୁଇ ପକ୍ଷର ଅଭିଯୋଗକୁ ନେଇ ପୋଲିସ ଦୁଇଟି ମାମଲା ରୁଜୁ କରିବା ସହ ୬ଜଣଙ୍କୁ ଗିରଫ କଲା ।

# ମହାକାଳପଡ଼ା ବିଡିଓ ଓ ଆଇଆଇସିଙ୍କୁ ବରଖାସ୍ତ କରି ଗିରଫ କରାଯାଉ : ସସ୍ମିତା

ଭୁବନେଶ୍ୱର/କେନ୍ଦ୍ରାପଡା (ସବ୍ୟୁ): ପିସିସି ଉପସଭାପତି ସସ୍ମିତା ବେହେରା ମହାକାଳପଡା ବିଡିଓ ଏବଂ ଆଇଆଇସିଙ୍କୁ ତୁରନ୍ତ ବରଖାସ୍ତ କରି ଗିରଫ କରିବା ସହ ଘଟଣାରେ ସମ୍ପୃକ୍ତ ଭଡ଼ାଟିଆ ଗୁଣ୍ଡା ଏବଂ ଏହାର ମାଷ୍ଟରମାଇଣ୍ଡ ବିଧାୟକଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି। ଶ୍ରୀମତୀ ବେହେରା ସୋମବାର ଅପରାହ୍ନରେ କେନ୍ଦ୍ରାପଡ଼ା ପହଞ୍ଚି କେନ୍ଦ୍ରାପଡ଼ା ମେଡିକାଲରେ ଚିକିତ୍ସାଧୀନ ଆହତ ସରପଞ୍ଚ ଚାମେଲି ଓଝାଙ୍କୁ ଭେଟିଥିଲେ। ଚାମେଲିଙ୍କ ପିତାମାତାଙ୍କ ସହ ମଧ୍ୟ ଆଲୋଚନା କରିଥିଲେ। ଶ୍ରୀମତୀ ବେହେରା କେନ୍ଦ୍ରାପଡ଼ା ଏସ୍‌ପିଙ୍କ ପ୍ରେସ ବ୍ରିଫ୍‌କୁ କଡ଼ା ଭାବେ ସମାଲୋଚନା କରି ଏହାକୁ ଏକ ନାଟକୀୟ ସ୍କ୍ରିପ୍ଟ ବୋଲି ଅଭିହିତ କରିଥିଲେ। ସେ ମହାକାଳପଡା ବିଡିଓ, ଆଇଆଇସି ଓ ଅନ୍ୟ ସମ୍ପୃକ୍ତ ପୁଲିସ କର୍ମଚାରୀଙ୍କୁ ବରଖାସ୍ତ କରି ଗିରଫ କରିବାକୁ ଦାବି କରିଥିଲେ। ତାଙ୍କ ଅଭିଯୋଗ ଅନୁସାରେ, ବିଡିଓ ଓ ଆଇଆଇସି ଷଡଯନ୍ତ୍ର କରି ବିଡିଓ କାର୍ଯ୍ୟାଳୟ, ପୁଲିସ ଗାଡ଼ି ଏବଂ ଥାନା ମଧ୍ୟରେ ଚାମେଲି ଓଝାଙ୍କୁ ଆକ୍ରମଣ ଓ ହତ୍ୟା କରିବା ପାଇଁ ଯୋଜନା କରିଥିଲେ। ବିଡିଓଙ୍କ ଭଡ଼ାଟିଆ ଗୁଣ୍ଡାମାନେ କାର୍ଯ୍ୟାଳୟ ମଧ୍ୟରେ ତାଙ୍କୁ ଆକ୍ରମଣ କରିଥିବାରୁ ସେମାନଙ୍କୁ ତୁରନ୍ତ ଗିରଫ କରିବାକୁ ମଧ୍ୟ ସେ ଦାବି କରିଥିଲେ। ସେ ଚାମେଲି ଓଝାଙ୍କୁ ନିଃସର୍ତ୍ତ ଓ ତୁରନ୍ତ ମୁକ୍ତ କରିବା ସହ ତାଙ୍କ ବିରୋଧରେ ରୁଜୁ ହୋଇଥିବା ସମସ୍ତ ମିଥ୍ୟା ମାମଲା ପ୍ରତ୍ୟାହାର କରିବାକୁ ଦାବି କରିଥିଲେ। ଏହି ଅବସରରେ ବରିଷ୍ଠ କଂଗ୍ରେସ ନେତା ରାଜ୍ୟ ମତ୍ସ୍ୟଜୀବି ସେଲ ପୂର୍ବତନ ଅଧକ୍ଷ ହଳଧର ସେଠି, ପ୍ରଫୁଲ୍ଲ ଦାସ, ଡ଼ଃ ରତିକାନ୍ତ କାନୁନଗୋ, ସତ୍ୟପ୍ରିୟ ସାମଲ, ଦିଲ୍ଲୀପ ପ୍ରଧାନ, ଉମେଶ ଚନ୍ଦ୍ର ତ୍ରିପାଠୀ ଓ ଅଶୋକ ମୋହନ ଜେନା, ବିପ୍ଳବ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ପାତ୍ରପଡା ରଜ ମହୋତ୍ସବ



ସମ୍ବର୍ଦ୍ଧିତ ହେଉଛନ୍ତି 'ସମୟ'ର ନିର୍ଦ୍ଦେଶିକା ଅନିତା ମହାନ୍ତି



ଉତ୍ସବରେ ନିମନ୍ତ୍ରିତ ବିଶିଷ୍ଟ ବ୍ୟକ୍ତିଗଣ

## ଉତ୍କଳ ବିକାଶ ଯୁବ ପରିଷଦର ରଜ ସନ୍ଧ୍ୟା

ଭୁବନେଶ୍ୱର (ସବ୍ୟୁ): ମହମ୍ମଦ ଇମ୍ରାନ ଅଲ୍ଲୀଙ୍କ ସଙ୍ଗୀତ ଗାନ ରୁ ରବିବାର ସଂଧ୍ୟାରେ ଉତ୍କଳ ବିକାଶ ଯୁବ ପରିଷଦ ର ନିଆରା ରାଜ ଉତ୍ସବ ଆରମ୍ଭ ହୋଇଥିଲା। ଉପକୂଳ ଓଡିଶାର କୃଷି ଭିତ୍ତିକ ଗଣପର୍ବ ରଜ ଟି ମାଟି ମାଆ, ବଣ ଜଙ୍ଗଲ, ପଶୁ ଜଗତ ଓ ନାରୀ ଜାତିର ସମ୍ମାନ ପୃଷ୍ଠଭୂମି ଆଧାରିତ ବୋଲି ପହିଲି ରଜ ସଂଧ୍ୟାରେ ଉତ୍କଳ ବିକାଶ ଯୁବ ପରିଷଦ ଆୟୋଜିତ ବନ୍ଧୁ ମିଳନରେ ବକ୍ତା ମାନେ ମତ ପ୍ରକାଶ କରିଛନ୍ତି। ଆଜିର ଦିନରେ ଧରିତ୍ରୀ ମାଆ କୁ ବିଷ ବଳୟରେ ପରିଣତ କରି ସେଥିରୁ ପୁଷ୍ଟିକର ଶସ୍ୟ ଫଳ ପନିପରିବା ସହିତ ସୁସ୍ଥ ମାନବ ଶିଶୁ ଙ୍କୁ ଆଶା କରିବା ଚରମ ନିର୍ବୋଧତା ବୋଲି ଅରୁଣାଚଳ ର ପ୍ରାକ୍ତନ ପ୍ରମୁଖ ବନ ସଂରକ୍ଷକ ଅଶୋକ ବିଶ୍ୱାଳ ମତ ରଖିଥିଲେ। ରଜ ଦୋଳି ଗୀତ "ବନସ୍ତେ ଡାକିଲା ଗଜ " କୁ ଉଦ୍ଧୃତ କରି ଆଜି ବଣ ଜଙ୍ଗଲ ଗୋଟିଏ ପରେ ଗୋଟିଏ ଧ୍ୱଂସ ହେଉଛି ଓ ଗଜ ବଂଶ କୁ ମଣିଷ ନୃଶଂସ ଭାବେ ହତ୍ୟା କରୁଛି ବୋଲି କ୍ଷୋଭ ପ୍ରକାଶ କରିଥିଲେ। ସକାଳୁ ପକ୍ଷୀର ସଙ୍ଗୀତ, ମୂର୍ଚ୍ଛନା ବହୁ ଅଞ୍ଚଳରେ ଆଉ ଶୁଭୁ ନାହିଁ ଭୋଗବାଦୀ ଲାଭଖୋର ମାନସିକତା ଏଥିପାଇଁ ଦାୟୀ ଓ ଏବେଠୁ ନ ସୁଧାରିଲେ, ଆଗାମୀ ପିଢୀ ଆମକୁ କ୍ଷମା ଦେବେନାହିଁ ବୋଲି କହିଥିଲେ । ପରିଷଦ ସଭାପତି ସୂର୍ଯ୍ୟକାନ୍ତ ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଡକ୍ଟର ସତ୍ୟ ନାରାୟଣ ମିଶ୍ର, ପୂର୍ଣ୍ଣେନ୍ଦୁ ମିଶ୍ର, ପ୍ରଫେସର କିଶୋରଚନ୍ଦ୍ର ସ୍ୱାଇଁ, ବିଭୁପ୍ରସାଦ ତ୍ରିପାଠୀ, ମହମ୍ମଦ ଇମ୍ରାନ ଅଲ୍ଲୀ, ବଦ୍ରି ନାରାୟଣ ମହାନ୍ତି, ସବ୍ୟସାଚୀ ତ୍ରିପାଠୀ, ଅବିନାଶ ମିଶ୍ର, ସାରା ଓ ସୁହା, ବନ୍ଦିତା ଶତପଥୀ ମୀର ଅହମ୍ମଦ ଅଲ୍ଲୀ, ଦେବୀପ୍ରସାଦ ପୃଷ୍ଟି ପ୍ରମୁଖ ବକ୍ତବ୍ୟ ରଖିଥିଲେ।

# ଚାକିରି ଦେବାକୁ କହି ୪୩ଲକ୍ଷ ଠକେଇ, ଜଣେ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଚାକିରି ଦେବାକୁ କହି ରାଜ୍ୟର ବିଭିନ୍ନ ଜିଲ୍ଲା ଆଶାୟୀଙ୍କ ଠାରୁ ୪୩ଲକ୍ଷ ୩୩ ହଜାର ଟଙ୍କା ଠକି ନେଇଥିବା ଠକ ଦେବାଶିଷ ଦାସକୁ ବଡଗଡ ଥାନା ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି । ତା'ର ସହଯୋଗୀ ଫେରାର ଅଛି । ଦୁହେଁ ମିଶି ୨୦୨୩ ମସିହାରେ ଏମ୍ଏସ୍ଏମ୍ଇର ଏକ ନକଲି ୱେବ୍‌ସାଇଟ୍ ଖୋଲିଥିଲେ । ସେହି ୱେବ୍‌ସାଇଟ୍ ମାଧ୍ୟମରେ ବିଜ୍ଞାପନ ମଧ୍ୟ ଦେଇଥିଲେ । ଯେଉଁ ବିଜ୍ଞାପନକୁ ଦେଖି ଆଶାୟୀମାନେ ବିଶ୍ୱାସ କରି ଦୁଇ ଠକଙ୍କୁ ଟଙ୍କା ଦେଇଥିଲେ । ଅଭିଯୋଗକାରୀ ଏସ୍. କାହ୍ନା ଆଚାରୀ ଗୁଗୁଲ ସାଇଟ୍‌ରେ ଉପଲବ୍ଧ ଏକ ବିଜ୍ଞାପନ ମାଧ୍ୟମରେ ଦେବାଶିଷ ଦାସଙ୍କ ଯୋଗାଯୋଗ ନମ୍ବର ପାଇଥିଲେ । ତାହା ପରେ ସେ ଦେବାଶିଷ ଦାସଙ୍କୁ ଫୋନ୍ ମାଧ୍ୟମରେ ଯୋଗାଯୋଗ କରିଥିଲେ । ତାଙ୍କୁ ଏମ୍ଏସ୍ଏମ୍ଇ, ପିସିଆଇ, ପ୍ରଧାନମନ୍ତ୍ରୀଙ୍କ ବିଶ୍ୱକର୍ମା ଯୋଜନା ଅଧୀନରେ ଡିଡି ପଦବୀ ପାଇଁ ସେବା ଯୋଗାଇବାକୁ ପ୍ରତିଶ୍ରୁତି ଦେଇଥିଲେ । ତାହା ପରେ ଦେବାଶିଷ ଦାସ ଅଭିଯୋଗକାରୀ ଏବଂ ତାଙ୍କର ଅନ୍ୟ ବନ୍ଧୁ ସତ୍ୟଜିତ ବେହେରା, ଜଗନ୍ନାଥ ଜେନା, ପର୍ଶୁରାମ ମହାକୁଡ, ତପନ କୁମାର ପାଣିଗ୍ରାହୀ, ଆଲୋକ କୁମାର ରାଉତ, ଅଭିଲାଷ ପାଣିଗ୍ରାହୀ, କ୍ଷେତ୍ରବାସୀ ସାହୁଙ୍କୁ ଜ୍ୟୋତିରଞ୍ଜନ ପାଇକରାୟଙ୍କ ପାଖକୁ ନେଇଗଲେ । ଯେଉଁମାନେ କି ସେମାନଙ୍କୁ ଚାକିରି ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ ।

ହ୍ୱାଟ୍‌ସଆପ୍ ମାଧ୍ୟମରେ ଟଙ୍କା ଜମା କରିବା ପାଇଁ ଦେବାଶିଷ ଦାସ ଅଭିଯୋଗକାରୀଙ୍କୁ ଆକାଉଣ୍ଟ ନମ୍ବର ଏବଂ ଫୋନ୍ ପେ'ନମ୍ବର ପଠାଇଥିଲେ । ଦେବାଶିଷ ଦାସ ଏବଂ ଜ୍ୟୋତିରଞ୍ଜନ ପାଇକରାୟଙ୍କ କଥାକୁ ବିଶ୍ୱାସ କରି ଅଭିଯୋଗକାରୀ ଏବଂ ତାଙ୍କ ବନ୍ଧୁମାନେ ଜ୍ୟୋତିରଞ୍ଜନ ପାଇକରାୟ ଏବଂ ଦେବାଶିଷ ଦାସଙ୍କୁ ମୋଟ ୪୩ଲକ୍ଷ ୩୩ ହଜାର ଟଙ୍କା ଦେଇଥିଲେ । ଏହାକୁ କେନ୍ଦ୍ରକରି ଅଭିଯୋଗକାରୀ ସତ୍ୟଜିତ ବେହେରା, ଜଗନ୍ନାଥ ଜେନା, ପର୍ଶୁରାମ ମହାକୁଡ, ତପନ କୁମାର ପାଣିଗ୍ରାହୀ, ଆଲୋକ କୁମାର ରାଉତ, ଅଭିଲାଷ ପାଣିଗ୍ରାହୀ, କ୍ଷେତ୍ରବାସୀ ସାହୁ ଏବଂ ଜ୍ୟୋତିରଞ୍ଜନ ପାଇକରାୟଙ୍କ ମାଧ୍ୟମରେ ଏକ ନିଯୁକ୍ତିନାମା ସମ୍ପାଦିତ ହୋଇଥିଲା । ଦୁଇବର୍ଷ ପରେ ଦେବାଶିଷ ଦାସ ଓ ଜ୍ୟୋତିରଞ୍ଜନ ପାଇକରାୟ ଅଭିଯୋଗକାରୀ କିମ୍ବା ତାଙ୍କ ବନ୍ଧୁମାନଙ୍କୁ କୌଣସି ଚାକିରି ଦେଇପାରିଲେ ନାହିଁ । ଅଭିଯୋଗକାରୀ ଏବଂ ତାଙ୍କ ବନ୍ଧୁମାନେ ଅଭିଯୁକ୍ତ ଦେବାଶିଷ ଦାସ ଏବଂ ଜ୍ୟୋତିରଞ୍ଜନ ପାଇକରାୟଙ୍କୁ ଭେଟି ସେବା ପ୍ରଦାନ କରିବାକୁ କିମ୍ବା ଟଙ୍କା ଫେରସ୍ତ କରିବାକୁ କହିଲେ, ସେତେବେଳେ ଦେବାଶିଷ ଦାସ ଏବଂ ଜ୍ୟୋତିରଞ୍ଜନ ପାଇକରାୟ ଟଙ୍କା ଫେରସ୍ତ କରିବାକୁ ମନା କରିଦେଇଥିଲେ ।



# ଓଡ଼ିଶାରେ ଏଲ୍-ନିନୋର ପ୍ରଭାବ କମ୍ ରହିବ

ଭୁବନେଶ୍ୱର(ସବ୍ୟୁ): ଖରିଫ ଫସଲ ଋତୁ ପାଇଁ ରାଜ୍ୟର ପ୍ରସ୍ତୁତି, ଦକ୍ଷିଣ-ପଶ୍ଚିମ ମୌସୁମୀ ବର୍ଷାର ସ୍ଥିତି, ଆକଳନ ଏବଂ ଏଲ୍-ନିନୋ ଜନିତ ସମ୍ଭାବ୍ୟ ପ୍ରଭାବର ମୁକାବିଲା ନେଇ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ଏଲ୍ ନିନୋର ସମ୍ଭାବ୍ୟ ପ୍ରଭାବକୁ ଦୃଷ୍ଟିରେ ରଖି ଆଗୁଆ ପ୍ରସ୍ତୁତି ଏବଂ ସମନ୍ୱିତ କାର୍ଯ୍ୟାନୁଷ୍ଠାନ ଉପରେ ଗୁରୁତ୍ୱାରୋପ କରିଛନ୍ତି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ।

ସୋମବାର ଲୋକସେବା ଭବନଠାରେ ମୁଖ୍ୟ ସଚିବ ଶ୍ରୀମତୀ ଗର୍ଗଙ୍କ ଅଧ୍ୟକ୍ଷତାରେ ବୈଠକ ବସିଥିଲା । ଏଲ୍‌ନିନୋ ହେଉଛି ମହାସାଗରୀୟ ଜଳର ତାପମାତ୍ରା ବୃଦ୍ଧି ଯୋଗୁଁ ସୃଷ୍ଟ ଏକ ଜଳବାୟୁଜନିତ ଘଟଣା, ଯାହା ବିଶ୍ୱସ୍ତରରେ ପାଣିପାଗ ଓ ବର୍ଷାର ପରିମାଣକୁ ପ୍ରଭାବିତ କରିଥାଏ ଏବଂ ନାହିଁ । ଅର୍ଥାତ ଏଲନିନୋ ପ୍ରଭାବରେ ବର୍ଷା ପ୍ରତିବର୍ଷ ହେଉଥିବା ବର୍ଷା ଅନୁସାରେ ସାଧାରଣରୁ କିଛି ପରିମାଣ କମିପାରେ, କିଛି ବଢି ପାରେ କିମ୍ବା ପ୍ରତିବର୍ଷ ଭଳି ସ୍ୱାଭାବିକ ରହିପାରେ । କିନ୍ତୁ ଏଲନିନୋ ପ୍ରଭାବରୁ କମ୍ ବର୍ଷା ହେଲେ, ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପକ୍ଷରୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବାକୁ ମୁଖ୍ୟ ସଚିବ ଶ୍ରୀମତୀ ଗର୍ଗ ଏଥିନେଇ ସଂପୃକ୍ତ ବିଭାଗୀୟ ସଚିବମାନଙ୍କ ସହିତ ଆଲୋଚନା କରିଛନ୍ତି । ଏହି ପରିପ୍ରେକ୍ଷୀରେ ବର୍ଷାର ସ୍ଥିତି, ଜଳଭଣ୍ଡାରର ଜଳସ୍ତର, କୃଷି କାର୍ଯ୍ୟକଳାପ ଓ ଜଳ ସମ୍ପଦର ନିରନ୍ତର ସମୀକ୍ଷା ସହ ଆବଶ୍ୟକ ପୂର୍ବ ପ୍ରସ୍ତୁତି ଗ୍ରହଣ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତ ।

ସାମଗ୍ରିକ ଜଳ ପରିଚାଳନା ଓ ଜଳସେଚନ କାର୍ଯ୍ୟକ୍ରମର ନିରନ୍ତର ସମୀକ୍ଷା ଏବଂ ଆବଶ୍ୟକ ପରାମର୍ଶ

- **ତଥାପି ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବାକୁ ମୁଖ୍ୟ ସଚିବଙ୍କ ନିର୍ଦ୍ଦେଶ**
- **ଜଳସେଚନ ପରିଚାଳନା ଲାଗି ଟାସ୍କ ଫୋର୍ସ ଗଠନ**

ଭାରତରେ ମୌସୁମୀ ବର୍ଷା ଉପରେ ମଧ୍ୟ ପ୍ରଭାବ ପକାଇଥାଏ । ବୈଠକରେ ଆଇଏମଡି ପକ୍ଷରୁ ଦୈନିକ, ସାପ୍ତାହିକ, ମାସିକ ଏବଂ ଦୀର୍ଘମିଆଦୀ ମୌସୁମୀ ବର୍ଷା ପୂର୍ବାନୁମାନ ସଂପର୍କରେ ଉପସ୍ଥାପନ କରାଯାଇଥିଲା । ଓଡ଼ିଶାର ଉପକୂଳ କେତେକ ଅଞ୍ଚଳରେ ମୌସୁମୀ ବର୍ଷା ଆରମ୍ଭ ହୋଇଛି ଏବଂ ଅନ୍ୟ ଅଞ୍ଚଳରେ ବର୍ଷା ହେବା ନେଇ ସ୍ଥିତି ଅନୁକୂଳ ରହିଥିବା ସୂଚନା ଦିଆଯାଇଥିଲା । ଆଇଏମଡି ଆକଳନ ଏବଂ ବୈଠକରେ ଆଲୋଚନା ଅନୁଯାୟୀ, ଏଲ-ନିନୋ ପ୍ରଭାବରେ ଚଳିତ ବର୍ଷ ଦେଶରେ ସାମଗ୍ରିକ ଭାବେ ସାଧାରଣଠାରୁ କିଛି କମ୍ ବର୍ଷା ହେବାର ସମ୍ଭାବନା ରହିଛି । ତେବେ ପୂର୍ବ ବର୍ଷଗୁଡ଼ିକର ତଥ୍ୟ ଓ ବିଶ୍ଳେଷଣ ଆଧାରରେ ଜଣାଯାଉଛି ଯେ, ଓଡ଼ିଶାରେ ଏଲ୍-ନିନୋର ପ୍ରଭାବ ବିଶେଷ ପଡ଼ିବ ପ୍ରଦାନ ପାଇଁ ଏକ ସ୍ୱତନ୍ତ୍ର ଟାସ୍କ ଫୋର୍ସ କମିଟି ଗଠନ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି । ଏହି କମିଟି ଜଳ ଉପଲବ୍ଧତା, ଖରିଫ୍ ଓ ରବି ପାଇଁ ଜଳସେଚନ ପ୍ଲାନିଂ, ଜଳସେଚନ କ୍ଷମତା ବୃଦ୍ଧି ଏବଂ ଚାଷୀମାନଙ୍କ ପାଇଁ ଜଳର ସର୍ବୋତ୍ତମ ବ୍ୟବହାର ସୁନିଶ୍ଚିତ କରିବା ଦିଗରେ ସଚେତନ କରିବାକୁ କାର୍ଯ୍ୟ କରିବ । ଏଥିରେ ଜଳ ସଂପଦ ବିଭାଗ ନୋଡାଲ ବିଭାଗ ଭାବେ କାର୍ଯ୍ୟ କରିବା ସହିତ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ସମେତ ସଂପୃକ୍ତ ବିଭିନ୍ନ ବିଭାଗର ସଚିବ ତଥା ବରିଷ୍ଠ ଅଧିକାରୀମାନେ ସଦସ୍ୟ ରହିବେ । ଏଲନିନୋ ବର୍ଷ ୨୦୨୬ରେ ଜଳ ସଂରକ୍ଷଣ, ଜଳର ସୁବିନିଯୋଗ, ଜଳ ସେଚନ ବ୍ୟବସ୍ଥା ପାଇଁ ମାଇକ୍ରୋ ଜଳସେଚନ ପ୍ଲାନିଂ, ଜଳାଶୟଗୁଡ଼ିକର ଦକ୍ଷ ପରିଚାଳନା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା ।

# ଦିଘାରୁ ହଟିଲା 'ଧାମ' ଶବ୍ଦ ମୁଖ୍ୟମନ୍ତ୍ରୀଙ୍କୁ ଭବ୍ୟ ଗଣସମ୍ବର୍ଦ୍ଧନା

# ପୁରୀ ହିଁ ବିଶ୍ୱର ଏକମାତ୍ର 'ଶ୍ରୀଜଗନ୍ନାଥ ଧାମ': ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, (ସବ୍ୟୁ): ଜଗନ୍ନାଥ ସଂସ୍କୃତିର ସୁରକ୍ଷା ଏବଂ ଓଡ଼ିଆ ଅସ୍ମିତାକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରିବା ପାଇଁ ଦୃଢ଼ ପଦକ୍ଷେପ ନେଇଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପୁରୀ ଟାଉନ ହଲ ଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ଭବ୍ୟ ଗଣସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। 'ଶ୍ରୀ ଜଗନ୍ନାଥ ଭକ୍ତ ସେବା ସଂସ୍ଥାନ' ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂଜ୍ୟ ସାଧୁ-ସନ୍ଥ, ଶ୍ରୀମନ୍ଦିରର ସେବାୟତ ମଣ୍ଡଳୀ ଏବଂ ହଜାର ହଜାର ଜଗନ୍ନାଥପ୍ରେମୀ ଭକ୍ତଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀଙ୍କୁ ସାଦର ସମ୍ବର୍ଦ୍ଧିତ କରିଥିଲେ । ପଶ୍ଚିମବଙ୍ଗର ଦିଘା ଜଗନ୍ନାଥ ମନ୍ଦିର ନାମରୁ "ଧାମ" ଶବ୍ଦ ହଟାଇବା ପାଇଁ ମୁଖ୍ୟମନ୍ତ୍ରୀ କରିଥିବା ସଫଳ ଓ ଐତିହାସିକ ହସ୍ତକ୍ଷେପ ପାଇଁ ସଂସ୍ଥାନ ପକ୍ଷରୁ ତାଙ୍କୁ ଗଭୀର କୃତଜ୍ଞତା ପ୍ରକାଶ କରାଯାଇ ଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରି କହିଥିଲେ ଯେ, ସନାତନ ସଂସ୍କୃତି ଓ ଶାସ୍ତ୍ରୀୟ ବିଧିବିଧାନ ଅନୁଯାୟୀ ସମଗ୍ର ବିଶ୍ୱରେ କେବଳ 'ପୁରୀ' ହିଁ ଏକମାତ୍ର ଶ୍ରୀଜଗନ୍ନାଥ ଧାମ। ଶ୍ରୀ ଜଗନ୍ନାଥ ସଂସ୍କୃତି ଓ ପରମ୍ପରାର ସ୍ୱତନ୍ତ୍ରତା ରହିଛି। ଆମ ସରକାର ଶ୍ରୀ ଜଗନ୍ନାଥ ସଂସ୍କୃତିର ସୁରକ୍ଷା, ପ୍ରସାର, ଏବଂ ଶ୍ରୀ ମନ୍ଦିରର ଶାସ୍ତ୍ରୀୟ ପରମ୍ପରାର ସଂରକ୍ଷଣ ପାଇଁ ରାଜ୍ୟ ସରକାର ସତର୍କ ପ୍ରହରୀ ସଦୃଶ ଜଗିକି ରହିବେ ବୋଲି ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଆଶ୍ୱସ୍ତ କରିଥିଲେ। ପଶ୍ଚିମବଙ୍ଗର ଦିଘାଠାରେ ନିର୍ମିତ ମନ୍ଦିର ପାଇଁ "ଧାମ" ଶବ୍ଦର ବ୍ୟବହାର ଓଡ଼ିଆ ଜାତିର ଆଧ୍ୟାତ୍ମିକ ଭାବନାକୁ ଆଘାତ ଦେଇଥିଲା। ଏହି ସଂବେଦନଶୀଳ ପ୍ରସଙ୍ଗରେ ଓଡ଼ିଶା ସରକାର ଦୃଢ଼ ହସ୍ତକ୍ଷେପ କରିବା ସହ ସାଂସଦ ସମ୍ବିତ ପାତ୍ରଙ୍କ ମାଧ୍ୟମରେ ପଶ୍ଚିମବଙ୍ଗର ନବନିର୍ବାଚିତ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହାର ସକାରାତ୍ମକ ପ୍ରଭାବ ସ୍ୱରୂପ ପଶ୍ଚିମବଙ୍ଗ ସରକାର ଦିଘା ଜଗନ୍ନାଥ ମନ୍ଦିର ନାମରୁ "ଧାମ" ଶବ୍ଦକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଯେଉଁମାନେ ମହାପ୍ରଭୁଙ୍କୁ ନେଇ ରାଜନୀତି କିମ୍ବା ଅହଂକାର କରିଛନ୍ତି, ସେମାନେ ନିର୍ବାଚନରେ ତାର ଫଳ ଭୋଗିଛନ୍ତି। ଏହି ଅବସରରେ 'ଓଡ଼ିଆ ଅସ୍ମିତା'ର ସରକାର ଭାବେ ଅଭିହିତ କରି ମୁଖ୍ୟମନ୍ତ୍ରୀ ଶ୍ରୀମନ୍ଦିରର ଶାସ୍ତ୍ରୀୟ ପରମ୍ପରା ରକ୍ଷା ପାଇଁ ପ୍ରତିଶ୍ରୁତିବଦ୍ଧତା ଦୋହରାଇଛନ୍ତି। ସରକାର ଗଠନର ପ୍ରଥମ ଦିନରୁ ଶ୍ରୀମନ୍ଦିରର ଚାରିଦ୍ୱାର ଭକ୍ତଙ୍କ ପାଇଁ ଉନ୍ମୁକ୍ତ କରିବା ଏବଂ ପବିତ୍ର ରତ୍ନଭଣ୍ଡାରର ଗଣତି ମଣତି ପାଇଁ ପଦକ୍ଷେପ ନେବା ସରକାରଙ୍କ ଆନ୍ତରିକତାକୁ ଦର୍ଶାଏ ବୋଲି ସେ ପ୍ରକାଶ କରିଛନ୍ତି।

ଏହା ସହିତ ଗରିବ ଓ ବରିଷ୍ଠ ନାଗରିକମାନଙ୍କୁ ନିଶୁଳ୍କ ମହାପ୍ରଭୁଙ୍କ ଦର୍ଶନ ଓ ମହାପ୍ରସାଦ ସେବନ କରାଇବା ପାଇଁ ଆରମ୍ଭ ହୋଇଥିବା "ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନା" ମାଧ୍ୟମରେ ଅନେକ ଭକ୍ତ ଉପକୃତ ହୋଇସାରିଥିବା ସେ ସୂଚନା ଦେଇଛନ୍ତି। ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ଶାସକ ନୁହେଁ, ବରଂ ସ୍ୱୟଂ ମହାପ୍ରଭୁ ହିଁ ପ୍ରକୃତ ରାଜା ଏବଂ ମୁଖ୍ୟମନ୍ତ୍ରୀ ଆସନ କ୍ଷମତାର ପ୍ରତୀକ ନୁହେଁ ବରଂ ଜନସେବାର ଏକ ମାଧ୍ୟମ ବୋଲି ସେ ଭାବବିହ୍ୱଳ ହୋଇ କହିଛନ୍ତି। ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଓଡ଼ିଶାବାସୀ ଓ ଶ୍ରୀମନ୍ଦିର ସେବାୟତଙ୍କ ଭାବନାକୁ ସମ୍ମାନ ଜଣାଇ ତୁରନ୍ତ "ଧାମ" ଶବ୍ଦ ପ୍ରତ୍ୟାହାର କରିବାକୁ ଘୋଷଣା କରିଛନ୍ତି। ଦୁଇ ପଡ଼ୋଶୀ ରାଜ୍ୟର ଶୀର୍ଷ ନେତୃତ୍ୱଙ୍କ ମଧ୍ୟରେ ଥିବା ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା ଓ ସକାରାତ୍ମକ ପଦକ୍ଷେପ ଯୋଗୁଁ ଆଜି ଜଗନ୍ନାଥ ସଂସ୍କୃତିର ପ୍ରାଚୀନ ମର୍ଯ୍ୟାଦା ଅକ୍ଷୁଣ୍ଣ ରହିବା ସହ ଆନ୍ତଃ-ରାଜ୍ୟ ସାଂସ୍କୃତିକ ସମନ୍ୱୟର ଏକ ଶ୍ରେଷ୍ଠ ଉଦାହରଣ ସୃଷ୍ଟି ହୋଇଛି।

ସଂସ୍ଥାନର ସଭାପତି ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ସାଧାରଣ ସମ୍ପାଦକ ସୌମେନ୍ଦ୍ର ଦାସ ଏବଂ ସେବାୟତମାନଙ୍କ ଉପସ୍ଥିତିରେ ଆୟୋଜିତ ଏହି ସଭାରେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଜଗନ୍ନାଥ ସଂସ୍କୃତିର ବିଶ୍ୱବ୍ୟାପୀ ପ୍ରସାର ପାଇଁ ମିଳିମିଶି କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ମଧ୍ୟ ସାଂସଦ ସମ୍ବିତ ପାତ୍ରଙ୍କ ଭୂମିକାକୁ ଉଚ୍ଚ ପ୍ରଶଂସା କରି କହିଛନ୍ତି ଯେ, ପଶ୍ଚିମବଙ୍ଗରେ ନୂତନ ସରକାର ଗଠନ ହେଲାପରେ, ସେ ବ୍ୟକ୍ତିଗତ ଭାବେ ସାଂସଦ ଶ୍ରୀ ପାତ୍ରଙ୍କ ମାଧ୍ୟମରେ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ପାଖକୁ ଏକ ସ୍ପଷ୍ଟ ପତ୍ର ପ୍ରେରଣ କରିଥିଲେ। ସାଂସଦ ଶ୍ରୀ ପାତ୍ର ଓଡ଼ିଶାବାସୀ ଓ ସେବାୟତଙ୍କ ଭାବନାକୁ ପଶ୍ଚିମବଙ୍ଗ ସରକାରଙ୍କ ନିକଟରେ ଅତି ଯୁକ୍ତିଯୁକ୍ତ ଓ ଶାସ୍ତ୍ରସମ୍ମତ ଭାବେ ଉପସ୍ଥାପନ କରି ଏକ ସାଂସ୍କୃତିକ ସେତୁର କାର୍ଯ୍ୟ କରିଥିଲେ। ଏହି ଭବ୍ୟ ମହୋତ୍ସବରେ ଶ୍ରୀକ୍ଷେତ୍ରର ବିଭିନ୍ନ ପ୍ରମୁଖ ସେବାୟତ ସଂଘ, ଆଧ୍ୟାତ୍ମିକ ଅନୁଷ୍ଠାନ, ସାମାଜିକ ସଂଗଠନ ଏବଂ ବହୁ ବିଶିଷ୍ଟ ବ୍ୟକ୍ତିବୃନ୍ଦଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ସାଦର ସମ୍ବର୍ଦ୍ଧିତ କରାଯାଇଥିଲା।

# ବିଡ଼ିଓଙ୍କ ଗାଡ଼ି ଉପରକୁ ପଥର ମାଡ଼ ଘଟଣା : ୨ଗଲେ ଜେଲ

ଦଶପଲ୍ଲା ,(ସବ୍ୟୁ): ଦଶପଲ୍ଲା ବିଡ଼ିଓ ଶରତ ଚନ୍ଦ୍ର ମଲ୍ଲିକ ଙ୍କ ଅଫିସ ଗାଡି ଉପରେ ପଥର ମାଡ଼ ଘଟଣାରେ ପୋଲିସ ଦୁଇଜଣ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଦୁଇଯୁବକ ହେଉଛନ୍ତି ଘୁଗୁଡିପଡା ଗ୍ରାମର ରବିଭୋଇ ଓ ଗ୍ରାମର ସୁକାନ୍ତ ବେହେରା ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି । ଉଭୟଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ବେଳେ ସେମାନଙ୍କ ଜାମିନ ଆବେଦନ ନା ମଞ୍ଜୁର ହେବାରୁ ସେମାନଙ୍କୁ ଦଶପଲ୍ଲା ସବ ଜେଲକୁ ପଠାଇଦେଇଛି । ସୁକାନ୍ତଙ୍କ ରାସନକାର୍ଡ଼ କଟିଯିବାରୁ ବିଡ଼ିଓଙ୍କୁ ପଥର ମାଡ଼ କରାଯାଇଥିବା ସେମାନେ ପୋଲିସ ନିକଟରେ ପ୍ରକାଶ କରିଛନ୍ତି । ସୂଚନା ଯୋଗ୍ୟଯେ,ଗତ ୧୨ ତାରିଖ ଦିନ ଦଶପଲା ବ୍ଲକ ବିଡ଼ିଓ ଶ୍ରୀ ମଲ୍ଲିକ ଏସ ଆଇ ଆର କାମ ସହ ଘରପୋଡି ଯାଇଥିବା ନଛିପୁର ପଞ୍ଚାୟତ ବିଡାପାଜୁ ଗ୍ରାମର କବିରାଜ ମୁଦୁଲିଙ୍କ ଘରକୁ ଯାଇ କିଛି ସହାୟତା ପ୍ରଦାନ କରି ଫେରୁଥିବା ବେଳେ ନଛିପୁର ଛକ ଠାରେ ଦୁଇଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ଗାଡି ଉପରକୁ ପଥର ଫୋପା ଫେରାର ହୋଇ ଯାଇଥିଲେ ।ଫଳରେ ଗାଡି କାଚ ଭାଙ୍ଗି ଯିବା ସହ ଡ୍ରାଇଭର ଲକ୍ଷ୍ମୀଧର ପ୍ରଧାନ ସାମାନ୍ୟ ଆହତ ହୋଇଥିଲେ ।

# ଦିଶାନ୍ତ ପକ୍ଷରୁ ୧୮ ତମ ବରୁଣେଇ ରଜ ମହୋତ୍ସବ ଉଦ୍‌ଘାଟିତ

ଖୋର୍ଦ୍ଧା (ସବ୍ୟୁ) ଦିଶାନ୍ତ ପକ୍ଷରୁ ବରୁଣେଇ ପାଦଦେଶରେ ୧୮ ତମ ରଜ ମହୋତ୍ସବ ଉଦଘାଟିତ ହୋଇଯାଇଛି । ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଓଡ଼ିଆ ପାରମ୍ପରିକ ପ୍ରତିଯୋଗିତା ରଜ ପିଠା, ରଜ ପାନ, ରଜ ଝୋଟି ମଧ୍ୟ ଆୟୋଜନ ହୋଇଅଛି. ରଜ ଝୋଟି ପ୍ରତିଯୋଗିତାରେ ଲକ୍ଷ୍ମୀପ୍ରିୟା ରଣା ଓ ଅର୍ଜୁନ ମହାରଣା ପ୍ରଥମ,ସୁଶ୍ରୀ ସଂଗୀତା ଦାସ ଓ ମେଘନା ଦଳେଇ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ.ରଜପିଠା ପ୍ରତିଯୋଗିତାରେ ଲକ୍ଷ୍ମୀ ରାଉତ ପ୍ରଥମ, ସୁଲୋଚନା ପରିଡା ଦ୍ୱିତୀୟ ଓ ମଧୁସ୍ମିତା ବାରିକ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ରଜ ପାନ ପ୍ରତିଯୋଗିତା ରେ ସୁଚରିତ୍ରା ରାଉତରାୟ ପ୍ରଥମ ଓ ସିତୁ ବରାଳ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି ।ଦିଶାନ୍ତର ସଭାପତି ତଥା ପୂର୍ବତନ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ରଙ୍କ ପୌରହିତ୍ୟରେ



ଉଦଘାଟନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ସାଂସଦ ଅପରାଜିତା ଷଡ଼ଙ୍ଗୀ ଓ ମୁଖ୍ୟ ବକ୍ତା ପ୍ରଶାନ୍ତ କୁମାର ଜଗଦେବବ, ସମ୍ମାନୀତ ଅତିଥି ଯାତ୍ରା କଳାକାର ସଞ୍ଜୟ ଭୋଲ ବିଜେପି ମୁଖପାତ୍ର ଅନିଲ ବିଶ୍ୱାଳ ଏବଂ ବରିଷ୍ଠ ବିଜେପି ନେତା ନିକୁଞ୍ଜ କିଶୋର ପଟ୍ଟନାୟକ ,ସଂସଦ ପ୍ରତିନିଧି ଯୁବ ନେତା ଦିଲ୍ଲୀପ କୁମାର ହୋତା ସୂଚନା ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ ବେହେରା ପ୍ରମୁଖ ଯୋଗଦେଇ ଦିଶାନ୍ତର ଏଭଳି ପ୍ରୟାଶକୁ ଭୁୟସୀ ପ୍ରଶଂସା କରିଥିଲେ ।ସେହିପରି ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟର ୧୮ ଗୋଟି ସାଂସ୍କୃତିକ ଅନୁଷ୍ଠାନ ଏବଂ ଡାନ୍ସ ଗ୍ରୁପ ଭାଗ ନେଇ ଦର୍ଶକଙ୍କୁ ମଜାର ଖୋରାକ ଯୋଗାଇଥିଲେ ।

## ଅନ୍ତର୍ଜାତୀୟ ଯୋଗ ଦିବସ ୨୦୨୬

# ଓଡ଼ିଶା ସରକାରଙ୍କ ପକ୍ଷରୁ ସପ୍ତାହବ୍ୟାପୀ ଯୋଗ ମହୋତ୍ସବ ଶୁଭାରମ୍ଭ

ଭୁବନେଶ୍ୱର, (ସବ୍ୟୁ): ଅନ୍ତର୍ଜାତୀୟ ଯୋଗ ଦିବସ ୨୦୨୬ ପାଳନ ପୂର୍ବରୁ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଓଡ଼ିଶା ଯୋଗ ମହୋତ୍ସବ ସମିତିର ମିଳିତ ସହଯୋଗରେ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡ଼ିୟମର ଇନ୍‌ଡୋର ଆଥ୍‌ଲେଟିକ୍ସ ସେଣ୍ଟରଠାରେ "ସପ୍ତାହବ୍ୟାପୀ ଯୋଗ ମହୋତ୍ସବ"ର ଶୁଭାରମ୍ଭ ହୋଇଯାଇଛି । କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ବିଭାଗର କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂ ପୁନିଆ ସେମାନଙ୍କର ସକ୍ରିୟ ଭାଗିଦାରୀ ସହିତ ଯୋଗ ଶିବିରର ପ୍ରାରମ୍ଭ କରିଥିଲେ। ଏହି ଅବସରରେ ଓଡ଼ିଶା ଯୋଗ ମହୋତ୍ସବ ସମିତିର ସଭାପତି ଆଲୋକ ଦାସ, ସମ୍ପାଦକ ଡ. ଦେବକାନ୍ତ ବେହେରା ଏବଂ ରାଜ୍ୟ ସଂଗଠକ ପ୍ରେମାନନ୍ଦ ନାଥ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ସହ ଅଂଶଗ୍ରହଣକାରୀଙ୍କୁ ଯୋଗାଭ୍ୟାସ ଓ ଶପଥ ପାଠ କରାଇଥିଲେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ମାର୍ଗଦର୍ଶନ ଏବଂ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ନେତୃତ୍ୱରେ ଏହି ସପ୍ତାହବ୍ୟାପୀ ଯୋଗ ମହୋତ୍ସବ ଆସନ୍ତା ୨୦ ଜୁନ୍ ୨୦୨୬ ପର୍ଯ୍ୟନ୍ତ ଚାଲିବ ଏବଂ ଜୁନ୍ ୨୧ ତାରିଖରେ କଳିଙ୍ଗ ଷ୍ଟାଡ଼ିୟମଠାରେ ଭବ୍ୟ ସମାରୋହରେ ଅନ୍ତର୍ଜାତୀୟ ଯୋଗ ମହୋତ୍ସବ ୨୦୨୬ ପାଳିତ ହେବାକୁ ଯାଉଛି ।



ଭାରତୀୟ ସଂସ୍କୃତିର ସୁଦୀର୍ଘ ପରମ୍ପରା ଏବଂ ବିଶ୍ୱ କଲ୍ୟାଣର ଅନନ୍ୟ ମାଧ୍ୟମ 'ଯୋଗ'କୁ ନେଇ ସାରା ବିଶ୍ୱରେ ଆଗାମୀ ଜୁନ୍ ୨୧ ତାରିଖରେ ଦ୍ୱାଦଶ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହେବାକୁ ଯାଉଛି । ଚଳିତ ବର୍ଷ ଏହି ଦିବସକୁ ଅଧିକ ବ୍ୟାପକ ଓ ପ୍ରଭାବଶାଳୀ କରିବା ପାଇଁ ଭାରତ ସରକାର ଏବଂ ଓଡ଼ିଶା ସରକାରଙ୍କ ପକ୍ଷରୁ ମିଳିତ ଭାବେ ଅନେକ ଜନକଲ୍ୟାଣକାରୀ ପଦକ୍ଷେପ ଗ୍ରହଣ କରାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରେରଣାଦାୟୀ "ଯୋଗ ମହୋତ୍ସବର" ଦୃଷ୍ଟିକୋଣକୁ ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ଆଗେଇ ନେବା ପାଇଁ "ସପ୍ତାହବ୍ୟାପୀ ଯୋଗର" ଉନ୍ମୋଚନ କରିଛନ୍ତି। ଏହି ପରିପ୍ରେକ୍ଷୀରେ କ୍ରୀଡ଼ା ମନ୍ତ୍ରୀ କହିଛନ୍ତି ଯେ ବ୍ୟକ୍ତିଗତ ସୁସ୍ଥତା ପାଇଁ ଯୋଗଠାରୁ ଆଉ ବଡ଼ ମାଧ୍ୟମ ଆଉ କିଛି ନାହିଁ । କେନ୍ଦ୍ର ଆୟୁଷ ମନ୍ତ୍ରାଳୟ ଚଳିତ ବର୍ଷ (୨୦୨୬) ଅନ୍ତର୍ଜାତୀୟ ଯୋଗ ଦିବସ ଓ ଓଡ଼ିଶା ଯୋଗ ମହୋତ୍ସବ ମାଧ୍ୟମରେ ଗ୍ରାମାଞ୍ଚଳ ଓ ସୀମାନ୍ତ ଅଞ୍ଚଳର ସାଧାରଣ ଲୋକଙ୍କ ପାଖରେ ଯୋଗ ପ୍ରୋଟୋକଲ୍ ପହଞ୍ଚାଇବାକୁ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରଖିଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଭାଗର ସ୍ୱତନ୍ତ୍ର ଶାଶନ ସଚିବ ଅଶୋକ କୁମାର ପଣ୍ଡା, ଅତିରିକ୍ତ ଶାସନ ସଚିବ ବିଜୟ କୁମାର ସ୍ୱାଇଁ ଓ ସୁଧାକର ନାୟକଙ୍କ ସମେତ ବିଭାଗର ବହୁ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ସରପଞ୍ଚ ଚାମେଲି ଓ ତାଙ୍କ ଭାଇ ଗିରଫ ଘଟଣା

# ଜାତୀୟ ମାନବାଧିକାର କମିଶନରେ ମାମଲା ରୁଜୁ

ଭୁବନେଶ୍ୱର, (ସବ୍ୟୁ) : କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ବ୍ଲକ୍ ତିଖିରି ପଞ୍ଚାୟତର ସରପଞ୍ଚ ଚାମେଲି ଓଝା ଓ ତାଙ୍କ ଭାଇ ସୂର୍ଯ୍ୟକାନ୍ତ ଓଝା ଗିରଫ ଘଟଣାରେ ଜାତୀୟ ମାନବାଧିକାର କମିଶନରେ ମାମଲା ରୁଜୁ ହୋଇଛି । ରୁଜୁ ହୋଇଥିବା ମାମଲା ନମ୍ବର ୫୬୮/୧୮/୨୭/୨୦୨୬ । ଖୁବ୍‌ଶୀଘ୍ର ଜାତୀୟ ମାନବାଧିକାର କମିଶନରୁ ତଦନ୍ତକାରୀ ଟିମ୍ କେନ୍ଦ୍ରାପଡା ଆସିବେ । ଦୁଇଟି ଏତଲାରେ ସରପଞ୍ଚ ଚାମେଲି ଓ ତାଙ୍କ ଭାଇଙ୍କୁ ଗିରଫ କରାଯାଇଛି । ଏହି ଘଟଣାକୁ ନେଇ ରାଜ୍ୟ ତଥା ଦେଶରେ ଚର୍ଚ୍ଚା ହେଉଥିବା ବେଳେ ଜାତୀୟ ମାନବାଧିକାର କମିଶନରେ ଭଜମନ ବିଶ୍ୱାଳ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ କରାଯାଇଛି । ତଦନ୍ତ ପାଇଁ ଟିମ୍ କେନ୍ଦ୍ରାପଡା ଆସିବେ ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି ।

ଜନ ପ୍ରତିନିଧି ମାମାଲିଙ୍କୁ ପୋଲିସ ଉପସ୍ଥିତିରେ ଯେଉଁଭଳି ଭାବେ ହଇରାଣ ହରକତ କରାଗଲା ଏବଂ ପୋଲିସ ଗାଡିରେ ଆଣିବା ବେଳେ ତାଙ୍କୁ ମାଡ ମାରି ଆହତ କରିଥିବା ସେ ଅଭିଯୋଗ କରିଛନ୍ତି । ଚାମେଲି ଓ ତାଙ୍କ ଭାଇଙ୍କୁ ଅତିରିକ୍ତ ତହସିଲଦାରଙ୍କ ଏତଲା ଓ ପୋଲିସ ଏତଲାରେ ଗିରଫ କରାଯାଇଛି । ପୋଲିସ ଓ ଅତିରିକ୍ତ ତହସିଲଦାର ଯେଉଁ ଅଭିଯୋଗ କରିଛନ୍ତି, ତାହା ସମ୍ପୂର୍ଣ୍ଣ ମିଛ ବୋଲି ଚାମେଲି କହୁଛନ୍ତି । ଚାମେଲିଙ୍କ କହିବା କଥା ଯେଉଁ ଦୁଇଟି ଅଭିଯୋଗ ହୋଇଛି ତା'ର ପ୍ରମାଣ ପୋଲିସ ଦେଖାଉ ।

# 'ପ୍ରୟାସ' ରଜ ମହୋତ୍ସବ ଉଦ୍‌ଘାଟିତ



ଭୁବନେଶ୍ୱର, (ସବ୍ୟୁ): ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ 'ପ୍ରୟାସ' ଆନୁକୂଲ୍ୟରେ ରଜ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି । ସ୍ଥାନୀୟ ୟୁନିଟ୍- ୩ସ୍ଥିତ ଏକାମ୍ର ହାଟ ପରିସରରେ ଥିବା ଆମ୍ଫି ସେଣ୍ଟରଠାରେ ଏହି ତିନିଦିନିଆ ମହୋତ୍ସବକୁ ମଧ ଭୁବନେଶ୍ୱର ବିଧାୟକ ଅନନ୍ତ ନାରାୟଣ ଜେନା ଓ ଦ୍ୱୈତନଗରୀର ପୋଲିସ କମିଶନର ଡ. ସୁରେଶ ଦେବଦତ୍ତ ସିଂ ପ୍ରଦୀପ ପ୍ରଜଳ୍ୱନ କରି ଉଦ୍‌ଘାଟନ କରିଥିଲେ । ଚଳିତ ବର୍ଷର ଏହି ମହୋତ୍ସବରେ ପ୍ରତିବର୍ଷ ପରି ସାଂସ୍କୃତିକ ପ୍ରତିଯୋଗିତାମାନ ଆୟୋଜନ କରାଯାଉଛି । ଓଡ଼ିଶୀ, ମଡର୍ଣ୍ଣ ଡ୍ୟାନ୍ସ, ପୁଚି, ଗ୍ରୁପ ଡ୍ୟାନ୍ସ ଓ ପାରମ୍ପରିକ ଫ୍ୟାଶନ ଶୋ' ଭଳି ପ୍ରତିଯୋଗିତାରେ ବିଭିନ୍ନ ଛାତ୍ରଛାତ୍ରୀ ଓ ଯୁବକଯୁବତୀ ଭାଗ ନେଉଥିବା ବେଳେ ଶେଷ ରଜ ଦିନ ମା' ମାନଙ୍କ ପାଇଁ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇଥିବା ପ୍ରୟାସ ପକ୍ଷରୁ କୁହାଯାଇଛି । ଶେଷ ଦିନରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣର କାର୍ଯ୍ୟକ୍ରମ ରହିଛି । ଏହି ଉଦ୍‌ଘାଟନ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ୩୫ ନମ୍ବର ୱାର୍ଡର କର୍ପୋରେଟର ରଞ୍ଜୁଲତା ରାୟ, ପ୍ରୟାସ ଅଧ୍ୟକ୍ଷ ତଥା ଆଇନଜୀବୀ ବନ ମହାନ୍ତି, ଟ୍ରଷ୍ଟି ତଥା ବରିଷ୍ଠ ସାମ୍ବାଦିକ କୌସ୍ତୁଭ ଦାସ, ସୂର୍ଯ୍ୟ ମହାନ୍ତି, କୌଶିକ ମହାନ୍ତି, ମମତା ମହାନ୍ତି, ଯସ୍ମିନ୍ ମହାନ୍ତି, କମଳ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ପ୍ରୟାସ ପ୍ରତିବର୍ଷ ରଜ ମହୋତ୍ସବକୁ ଏକ ନିଆରା ଢଙ୍ଗରେ ପାଳୁଥିବାରୁ ଅତିଥିବୃନ୍ଦ ଏବଂ ଉପସ୍ଥିତ ଜନତା ଏଭଳି କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ ।

# ଶ୍ରୀଜୀଉଙ୍କ ସେନାପଟା , ବାହୁଟ ସେବା ଲାଗି ବଉଳବୃକ୍ଷ ଚିହ୍ନଟ

ସାକ୍ଷୀଗୋପାଳ,(ସବ୍ୟୁ): ଆସନ୍ତା ରଥଯାତ୍ରା ସମୟରେ ଶ୍ରୀ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ସେନାପଟା ଓ ବାହୁଟ ସେବାପାଇଁ ଶ୍ରୀମନ୍ଦିରର ପରମ୍ପରା କ୍ରମେ ସାକ୍ଷୀଗୋପାଳରେ ସୋମବାର ଦିନ ବଉଳବୃକ୍ଷ ଚିହ୍ନଟ କରାଯାଇଛି । ଏହି ବଉଳ ବୃକ୍ଷଟି ଆସନ୍ତା ନିର୍ଜଳା ଏକାଦଶୀ ତିଥିରେ ବରଣ କରାଯାଇ ଛେଦନ କରାଯିବ । ଏଥିପାଇଁ ଶ୍ରୀମନ୍ଦିର ଭାରପ୍ରାପ୍ତ ଅଧିକାରୀ (ନୀତି) ରବିନ୍ଦ୍ରନାଥ ଦାସଙ୍କ ସହିତ ରଥ ନିର୍ମାଣ ବରିଷ୍ଠ ତ%୦ବଧାରକ ଚିତ୍ତରଞ୍ଜନ ମହାପାତ୍ର, ଭୋଇ ସର୍ଦ୍ଦାର ରବି ଭୋଇ, ମହାରଣା ସେବାୟତ ଦେବଦତ୍ତ ମହାରଣା, ସାକ୍ଷୀଗୋପାଳରେ ରହିଥିବା ବୃକ୍ଷ ଗୁଡିକ ଅନୁଧ୍ୟାନ କରିବା ପରେ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତର କୁକୁରମୁହିଁ ନିକଟସ୍ଥ ବିଶ୍ୱଜିତ ରଥଙ୍କ ତୋଟାରେ ବଉଳ ବୃକ୍ଷଟି ଚୟନ କରିଥିଲେ । ଏହି ଅବସରରେ ସାକ୍ଷୀଗୋପାଳ ମନ୍ଦିର ପରିଚାଳନା କମିଟି ସଦସ୍ୟ ବାଳକୃଷ୍ଣ ମହାପାତ୍ର, ଲୋକନାଥ ବାରିକ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଲଲାଟେନ୍ଦୁ ମହାନ୍ତି, ସତ୍ୟବାଦୀ ସଂସ୍କୃତି ସୁରକ୍ଷା ମଞ୍ଚ ସମ୍ପାଦକ କିଶୋର ଚନ୍ଦ୍ର ମହାପାତ୍ର, ସଂଗଠନ ସମ୍ପାଦକ ପ୍ରଶାନ୍ତ କୁମାର ବିଶାଳ, ତୋଟା ରକ୍ଷକ କୁନା ପାତ୍ର, ସୁକାନ୍ତ କୁମାର ସ୍ୱାଇଁ, ସୁରେଶ ମଲ୍ଲିକ, ସାମ୍ବାଦିକ କୌଶିକ ମହାପାତ୍ର , ସୌମ୍ୟ ରଞ୍ଜନ ମହାନ୍ତି, ଶ୍ରୀମନ୍ଦିର କର୍ମଚାରୀ ଦେବୀ ପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ ।

# ଗରିମା': ମୁଖ୍ୟ ସଫେଇ କର୍ମଚାରୀଙ୍କ ସୁରକ୍ଷା ଏବଂ ସାମାଜିକ ସୁରକ୍ଷାକୁ ସୁଦୃଢ଼ କରାଯାଇଛି

ଭୁବନେଶ୍ୱର, (ସବ୍ୟୁ): ମୁଖ୍ୟ ସଫେଇ କର୍ମଚାରୀମାନଙ୍କ ସୁରକ୍ଷା, ମର୍ଯ୍ୟାଦା ଏବଂ ସାମଗ୍ରିକ କଲ୍ୟାଣ ନିଶ୍ଚିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଓଡ଼ିଶା ସରକାରଙ୍କ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ରାଜ୍ୟର ସମସ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାରେ ଏହାର ପ୍ରମୁଖ 'ଗରିମା' ଯୋଜନାର କାର୍ଯ୍ୟାନ୍ୱୟନକୁ ଆହୁରି ଜୋରଦାର କରିଛି । ଏହି ଅଭିନବ ପ୍ରୟାସର ଉଦ୍ଦେଶ୍ୟ ହେଉଛି ବିପଜ୍ଜନକ ହାତରେ ମଇଳା ସଫା କରିବା ପ୍ରଥାର ଉଚ୍ଛେଦ କରି ଯାନ୍ତ୍ରିକ ସଫେଇ ସେବାକୁ ପ୍ରୋତ୍ସାହିତ କରିବା ଏବଂ ସହରର ସ୍ୱଚ୍ଛତା ଓ ଜନସ୍ୱାସ୍ଥ୍ୟ ବଜାୟ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ସଫେଇ କର୍ମଚାରୀମାନଙ୍କୁ ବ୍ୟାପକ ସାମାଜିକ ସୁରକ୍ଷା ସୁବିଧା ପ୍ରଦାନ କରିବା । ଏହି ନୂତନ ଅଭିଯାନର ଅଂଶସ୍ୱରୂପ, ବିଭାଗ ପକ୍ଷରୁ ସମସ୍ତ ମୁଖ୍ୟ ସଫେଇ କର୍ମଚାରୀଙ୍କ ସାର୍ବଜନୀନ ଚିହ୍ନଟ ଏବଂ ପଞ୍ଜୀକରଣ କରାଯାଉଛି, ଯାହାଦ୍ୱାରା ପ୍ରତ୍ୟେକ ଯୋଗ୍ୟ କର୍ମଚାରୀଙ୍କୁ କଲ୍ୟାଣ ଓ ସୁରକ୍ଷା ବ୍ୟବସ୍ଥାର ପରିସରଭୁକ୍ତ କରାଯାଇପାରିବ। ହାତରେ ମଇଳା ସଫା କରିବା ଏବଂ ବିପଜ୍ଜନକ ବର୍ଜ୍ୟବସ୍ତୁ ପରିଚାଳନା ସହିତ ଜଡ଼ିତ ବିପଦକୁ ଦୂର କରିବା ପାଇଁ, ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକୁ ସୁଦୂରପ୍ରସାରୀ ଯାନ୍ତ୍ରିକ ସଫେଇ ମେସିନ ଏବଂ ଆଧୁନିକ ପରିମଳ ପ୍ରଯୁକ୍ତିବିଦ୍ୟା ଯୋଗାଇ ଦିଆଯାଉଛି । କର୍ମଚାରୀମାନଙ୍କ ସୁରକ୍ଷା ରକ୍ଷା କରିବା ଏବଂ ବୃତ୍ତିଗତ ସ୍ୱାସ୍ଥ୍ୟ ଓ ସୁରକ୍ଷାର ସର୍ବୋଚ୍ଚ ମାନଦଣ୍ଡ ଅନୁପାଳନ ନିଶ୍ଚିତ କରିବା ପାଇଁ ଉପଯୁକ୍ତ ବ୍ୟକ୍ତିଗତ ସୁରକ୍ଷା ଉପକରଣର ବ୍ୟବହାରକୁ ବାଧ୍ୟତାମୂଳକ କରାଯାଇଛି ।



ଏହି ସୂଚନା ଦେଇ ଓଡ଼ିଶାର ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର କହିଛନ୍ତି, "ଗରିମା ଯୋଜନା ପ୍ରତ୍ୟେକ ସଫେଇ କର୍ମଚାରୀଙ୍କ ମର୍ଯ୍ୟାଦା, ସୁରକ୍ଷା ଏବଂ ସାମାଜିକ ସୁରକ୍ଷା ନିଶ୍ଚିତ କରିବା ପାଇଁ ଆମ ସରକାରଙ୍କ ସଙ୍କଳ୍ପବଦ୍ଧତାକୁ ପ୍ରତିଫଳିତ କରେ। ଏହି ସମ୍ମୁଖ ଭାଗର କର୍ମଚାରୀମାନେ ହେଉଛନ୍ତି ସେହି ଅଦୃଶ୍ୟ ନାୟକ ଯେଉଁମାନେ ଆମ ସହରଗୁଡ଼ିକୁ ସ୍ୱଚ୍ଛ ଓ ସୁସ୍ଥ ରଖନ୍ତି। କୌଣସି କର୍ମଚାରୀ ଯେପରି ବିପଜ୍ଜନକ ହାତରେ ମଇଳା ସଫା କରିବା ପ୍ରଥାର ସମ୍ମୁଖୀନ ନ ହୁଅନ୍ତି ଏବଂ ପ୍ରତ୍ୟେକ ସଫେଇ କର୍ମଚାରୀ ଓ ସେମାନଙ୍କ ପରିବାର ଯେପରି ଗୃହ, ସ୍ୱାସ୍ଥ୍ୟସେବା, ବୀମା ଏବଂ ଅନ୍ୟାନ୍ୟ କଲ୍ୟାଣକାରୀ ସୁବିଧା ପାଇପାରିବେ, ତାହା ନିଶ୍ଚିତ କରିବା ଆମର ଦାୟିତ୍ୱ। ଗରିମା ମାଧ୍ୟମରେ ଆମେ ଏକ ଆଧୁନିକ, ଯାନ୍ତ୍ରିକ ଏବଂ ମାନବୀୟ ପରିମଳ ବ୍ୟବସ୍ଥା ଗଠନ କରୁଛୁ ଯେଉଁଠାରେ ପ୍ରତ୍ୟେକ କର୍ମଚାରୀଙ୍କୁ ସମ୍ମାନ ଏବଂ ଗର୍ବର ସହ ଗ୍ରହଣ କରାଯିବ।

# ପରକୀୟା ପ୍ରୀତିକୁ ନେଇ ହତ୍ୟା: ୨୨ ଦିନପରେ ଯୁବକର ଗଳିତ ଶବ ଉଦ୍ଧାର

ନୀଳଗିରି,(ସବ୍ୟୁ): ପରକୀୟା ପ୍ରୀତିକୁ ନେଇ ହତ୍ୟାକାଣ୍ଡ । ଘଟଣାର ୨୨ ଦିନ ପରେ ମିଳିଲା ଗଳିତ ଶବ । ନୀଳଗିରି ବ୍ଲକ ବରହମପୁର ଥାନା ଅଞ୍ଚଳରେ ଚାଞ୍ଚଲ୍ୟ । ବରହମପୁର ଥାନା କେଶିପୁର ପଞ୍ଚାୟତ ଜାମୁନା ଗ୍ରାମର ବୀରେନ୍ଦ୍ର ବେହେରା (୪୩) ଙ୍କ ଅପହରଣ ନେଇ ସ୍ତ୍ରୀ ସାବିତ୍ରୀ ବେହେରା ବରହମପୁର ଥାନାରେ ଗତ ୩୧ ତାରିଖ ରେ ଲିଖିତ ଅଭିଯୋଗ କରିଥିଲେ । ସୂଚନା ଅନୁଯାୟୀ ଜାମୁନା ଗ୍ରାମର ବୀରେନ୍ଦ୍ର ବେହେରା ଓ ଗୋବପାଳ ଗ୍ରାମର ମୈତ୍ର ବୀରେନ୍ଦ୍ର ମଢେଇ ଙ୍କ ଘର ସହିତ ସୁସମ୍ପର୍କ ଥିବାବେଳେ ତାଙ୍କ ମଢେଇ ସ୍ତ୍ରୀ ଙ୍କ ସହିତ ଅନୈତିକ ସମ୍ପର୍କ ଦର୍ଶାଇ ଗତ ଏକମାସ ପୂର୍ବରୁ ଘରକୁ ଡାକି ବାନ୍ଧି ପିଟିଥିଲେ ବୀରେନ୍ଦ୍ର ବେହେରାଙ୍କୁ । ଏନେଇ ସ୍ଥାନୀୟ ସରପଞ୍ଚଙ୍କ ସମେତ ଗ୍ରାମର ଭଦ୍ରଲୋକ ଙ୍କ ସାମ୍ନାରେ ସମାଧାନ କରାଯାଇ ୫୦ ହଜାର ଟଙ୍କା କୋର୍ଟ ପେପର ମାଧ୍ୟମରେ ପୈଠ କରିଥିବାର ଲେଖା ପଢ଼ା କରାଯାଇଥିବାର ଦରଖାସ୍ତ କାରିଣୀ ସାବିତ୍ରୀ ବେହେରା ଅଭିଯୋଗ କରିଥିଲେ । ତେବେ ବହୁ ସମୟରେ ବିରେନ୍ଦ୍ର ମଢେଇ ସାବିତ୍ରୀଙ୍କ ସ୍ୱାମୀଙ୍କୁ ଜୀବନରୁ ମାରିଦେବାର ଧମକ ମଧ୍ୟ ଦେଉଥିଲେ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା



ହେଲା ଗତ ୨୫/୦୫ ରିଖରେ ଅନ୍ୟ ଏକ ଫୋନ ନମ୍ବରରୁ ସାବିତ୍ରୀଙ୍କ ସ୍ୱାମୀଙ୍କୁ ଡମ୍ଫର ଚଳାଇବା ପାଇଁ କପ୍ତିପଦାକୁ ଡକା ଯାଇଥିଲା । ଫୋନ ପାଇ ସାବିତ୍ରୀଙ୍କ ସ୍ୱାମୀ ବୀରେନ୍ଦ୍ର ବେହେରା ଘରୁ ବାହାରି କପ୍ତିପଦା ଅଭିମୁଖେ ଯାଉଥିବା ବେଳେ ଜାମୁନା ଛକରୁ ଅଭିଯୁକ୍ତଙ୍କ ସମେତ ତାଙ୍କ ସହଯୋଗୀ ମାନେ ବାଇକ ସାହାଯ୍ୟରେ ବୀରେନ୍ଦ୍ରଙ୍କୁ ଅପହରଣ କରିନେଇ ଥିବାର ଅଭିଯୋଗ ହୋଇଥିଲା । ବୀରେନ୍ଦ୍ର ଘରକୁ ନଫେରିବାରୁ ସ୍ତ୍ରୀ ସମେତ ପରିବାର ବର୍ଗ ବିଭିନ୍ନ ସ୍ଥାନରେ ଖୋଜି ନିରାଶ ହେବା ପରେ ବୀରେନ୍ଦ୍ରଙ୍କ ସ୍ତ୍ରୀ ସାବିତ୍ରୀ ସ୍ୱାମୀକୁ ନପାଇ ଅଭିଯୋଗ କରିଥିଲେ ।ସ୍ୱାମୀକୁ ଅପହରଣ କରିବାରେ ବନ୍ଧୁ ବିରେନ୍ଦ୍ରଙ୍କ ହାତ ରହିଥିବା ଅଭିଯୋଗପତ୍ର ରେ ଉଲ୍ଲେଖ କରିଥିଲେ । ବରହମପୁର ପୋଲିସ ଏହାକୁ ଗୁରୁତର ଭାବେ ଗ୍ରହଣ କରିଥିଲେ । ଏହା ସହ ଉକ୍ତ ଅପହରଣ କୁ ନେଇ ତଦନ୍ତ ଜାରି ରଖିଥିଲା ବେଳେ ବୀରେନ୍ଦ୍ର ମଢେଇଙ୍କ ମୋବାଇଲ୍ ଫୋନ୍ ନମ୍ବର ଟ୍ରାକିଂ କରାଯାଇଥିଲା । ପରେ ବରହମପୁର ପୋଲିସର ଏକ ଟିମ୍ ମହାରାଷ୍ଟ୍ର ପୋଲିସ ସହାୟତାରେ ପୁନେ ଅଞ୍ଚଳରେ ବିରେନ୍ଦ୍ରକୁ ଗିରଫ କରିବାରେ ସଫଳ ହୋଇଥିଲା । ସୋମବାର ବାଲେଶ୍ୱର ଆଡିସନାଲ ଏସ.ପି ପ୍ରମୋଦ ମଲ୍ଲିକଙ୍କ ନେତୃତ୍ୱରେ ବରହମପୁର ଆଇଆଇସି ପ୍ରେମଦା ନାୟକ ଏବଂ ଅନ୍ୟ ଅଧିକାରୀ ଓ କର୍ମଚାରୀ ଅଭିଯୁକ୍ତ ବୀରେନ୍ଦ୍ର କୁ ନେଇ କ୍ରାଇମ ସିନ୍ ରି-କ୍ରିଏସନ୍ କରିଥିଲା । ଅଭିଯୁକ୍ତ ବିରେନ୍ଦ୍ର ମଢେଇ ଶଶୁରଘର ଉଦଳା ବଡସିଙ୍ଗାରିଆ ଗ୍ରାମନିକଟ ଏକ ବିଲହିଡରେ ନୂଆକରି ମାଟିପଡ଼ିଥିବା ହିଡରେ ଗାତଖୋଳି ପୋତି ଦେଇଥିଲା । ସାଇଣ୍ଟିଫିକ୍ ଟିମ୍ ଉପସ୍ଥିତିରେ ବରହମପୁର ପୋଲିସ ଏବଂ ଉଦଳା ପୋଲିସ ସହାୟତାରେ ମୃତ ବିରେନ୍ଦ୍ର ବେହେରାଙ୍କ ଗଳିତଶବ ଉଦ୍ଧାର କରାଯାଇଥିଲା । ଏହି ମର୍ଡର ଘଟଣାରେ ସ୍ୱାମୀ, ସ୍ତ୍ରୀ ଉଭୟଙ୍କ ଗିରଫ କରାଯାଇଥିବା ବେଳେ ଏଥିରେ ଅନ୍ୟ ସନ୍ଦିଙ୍କ ଖୋଳତାଡ଼ ଚାଲିଥିବା ପୋଲିସ ସୂଚନା ଦେଇଛି ।

# କ୍ରୁଜ୍ କ୍ଷେପଣାସ୍ତ୍ରର ସଫଳ ଉଡ଼ାଣ ପରୀକ୍ଷଣ

ବାଲେଶ୍ୱର ,(ସବ୍ୟୁ) :ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ (ଡିଆରଡିଓ) ଓଡିଶା ଉପକୂଳ ଭଦ୍ରକ ଜିଲ୍ଲା ଧାମରା ଠାରେ ଥିବା ଡକଫର ଏପିଜେ ଅବଦୁଲ କଲାମ ଦ୍ୱୀପରୁ ଲମ୍ବା ଦୂରଗାମୀ ଭୂମି ଆକ୍ରମଣ କ୍ରୁଜ୍ କ୍ଷେପଣାସ୍ତ୍ରର ସଫଳ ଉଡ଼ାଣ ପରୀକ୍ଷଣ କରିଛି । ସମନ୍ୱିତ ପରୀକ୍ଷଣ ରେଞ୍ଜ, ଚାନ୍ଦିପୁର ଦ୍ୱାରା ନିୟୋଜିତ ବିଭିନ୍ନ ଟ୍ରାକିଂ ଉପକରଣ ଦ୍ୱାରା ହସ୍ତଗତ ତଥ୍ୟ ଅନୁଯାୟୀ, ସମସ୍ତ ପରୀକ୍ଷଣ ଉଦ୍ଦେଶ୍ୟ ସମ୍ପୂର୍ଣ୍ଣ ଭାବରେ ପୂରଣ ହୋଇଥିଲା । ଏହି କ୍ଷେପଣାସ୍ତ୍ର ହେଉଛି ଏକ ସ୍ୱଦେଶୀ ଭାବରେ ବିକଶିତ କ୍ଷେପଣାସ୍ତ୍ର ଯାହାର ସମସ୍ତ ଉପ-ପ୍ରଣାଳୀ ବିଭିନ୍ନ ଡିଆରଡିଓ ପ୍ରୟୋଗଶାଳା ଏବଂ ଭାରତୀୟ



ଶିଳ୍ପ ଅଂଶୀଦାରଙ୍କ ଦ୍ୱାରା ବିକଶିତ କରାଯାଇଛି । ଏହି ଉତ୍କ୍ଷେପଣକୁ ଡିଆରଡିଓର ବରିଷ୍ଠ ଅଧିକାରୀ ଏବଂ ଭାରତୀୟ ନୌସେନା ଏବଂ ଭାରତୀୟ ବାୟୁସେନାର ଉପଭୋକ୍ତା ପ୍ରତିନିଧିମାନେ ଦେଖିଥିଲେ । ରକ୍ଷାମନ୍ତ୍ରୀ ରାଜନାଥ ସିଂହ ସଫଳ ଉଡ଼ାଣ ପରୀକ୍ଷଣ ପାଇଁ ଡିଆରଡିଓ ଦଳ ଏବଂ ଶିଳ୍ପ ଅଂଶୀଦାରମାନଙ୍କୁ ଅଭିନନ୍ଦନ ଜଣାଇଥିଲେ । ପ୍ରତିରକ୍ଷା ସଚିବ,ପ୍ରତିରକ୍ଷା ବିଭାଗ ଏବଂ ଡିଆରଡିଓର ଅଧ୍ୟକ୍ଷ ରାଜେଶ କୁମାର ସିଂହ ଉତକ୍ଷେପଣ ସମୟରେ ସମସ୍ତ କାର୍ଯ୍ୟକଳାପ ତଦାରଖ କରିଥିଲେ । ସେ ସଫଳ ଉଡ଼ାଣ-ପରୀକ୍ଷଣରେ ସାମିଲ ସମସ୍ତ ଦଳର ସଦସ୍ୟଙ୍କୁ ଅଭିନନ୍ଦନ ଜଣାଇଥିଲେ ।

# ବୃଦ୍ଧଙ୍କୁ କଚାଡ଼ି ମାରିଦେଲା ହାତୀ

ମୋରଡା,(ସବ୍ୟୁ): ମୟୂରଭଞ୍ଜ ଜିଲା ମୋରଡା ବ୍ଲକରେ ବର୍ଷ ତମାମ ହାତୀ ଉପଦ୍ରବ ଲାଗି ରହିଥିବା ବେଳେ ଦିନକୁ ଦିନ ଧନଜୀବନ କ୍ଷୟକ୍ଷତି ବୃଦ୍ଧି ପାଉଥିବାର ଦେଖିବାକୁ ମିଳିଛି । ହାତୀ ଆକ୍ରମଣରେ ଉକ୍ତ ବ୍ଲକ ଅଞ୍ଚଳର ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି । ମୃତକ ଜଣକ ହେଲେ ଉକ୍ତ ବ୍ଲକ ତଥା ବେତନଟୀ ରେଞ୍ଜ ଅଧୀନ ଦୁର୍ଗାପୁର ପଞ୍ଚାୟତର କେନ୍ଦୁସାହି ଅସନବଣି ଗ୍ରାମର ଜଗନ୍ନାଥ ସିଂ(୭୦) ।ସୂଚନା ଅନୁଯାୟୀ, ଶନିବାର ସନ୍ଧ୍ୟାରେ ଜଗନ୍ନାଥ ଘର ନିକଟ ଜଙ୍ଗଲକୁ ଶୌଚ ପାଇଁ ଯାଇଥିବା ସମୟରେ ହାତୀ ହାବୁଡ଼ରେ ପଡ଼ିଥିଲେ ଏବଂ ହାତୀ ଶୁଣ୍ଢରେ ଜଗନ୍ନାଥଙ୍କୁ ଟାଣି କଚାଡିବା ଫଳରେ ଜଗନ୍ନାଥଙ୍କ ମୃତ୍ୟୁ ଘଟିଥିଲା ।

# ମଶା ଦାଉରେ ବୁଗୁଡ଼ାବାସୀ କଲବଲ

ବୁଗୁଡ଼ା (ସବ୍ୟୁ) : ସହରବାସୀଙ୍କୁ କଲବଲ କଲେଣି ମଶା । ମଶା ଏବେ ସହରବାସୀଙ୍କ ନିଦ ହଜେଇ ଦେଇଛି । ସଞ୍ଜ ନଇଁଲେ ସହରର ମୁଖ୍ୟ ସଡକ ଠାରୁ ଆରମ୍ଭ କରି ବିଭିନ୍ନ ସାହି ଗଳିର ବାସିନ୍ଦାମାନେ କଲବଲ ହେଉଛନ୍ତି । ମଶାଙ୍କ ଦୌରାତ୍ମ୍ୟ ହ୍ରାସ କରିବାରେ ବୁଗୁଡ଼ା ଏନଏସି ସମ୍ପୂର୍ଣ୍ଣ ଫେଲ ମାରିଛି । ଫଳରେ ସହରବାସୀଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖାଦେଇଛି । ବୁଗୁଡ଼ା ସହରକୁ ସ୍ୱଚ୍ଛ ରଖି ଲୋକଙ୍କୁ ସୁସ୍ଥ ପରିବେଶ ସୃଷ୍ଟି କରିବାକୁ ପ୍ରଶାସନ କାମଚଳା ଉଦ୍ୟମ କରୁଥିବା ବେଳେ ମଶାଙ୍କ ଦାଉରେ ସହରବାସୀ ତ୍ରାହି ତ୍ରାହି ଡାକୁଥିଲେ ହେଁ ପ୍ରଶାସନର ଦୃଷ୍ଟି ନ ପଡ଼ିବା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ହୋଇଛି । ଏବେ ସହରରେ ସଞ୍ଜ ନଇଁଲା ମାତ୍ରେ ଘରେ ଓ ଦାଣ୍ଡରେ ମଶା ବେଢି ଦେଉଛନ୍ତି । ମୁହଁ ପାଖରେ ଭଁ ଭଁ ହୋଇ ଉଡୁଛନ୍ତି । କେଉଁଠି ବି ଛିଡ଼ା କରାଇ ଦେଉନାହାନ୍ତି । ଏପରିକି ରାତିରେ ମଶାରି ଭିତରେ ମଧ୍ୟ ଶାନ୍ତିରେ ଶୁଆଇ ଦେଉନାହାନ୍ତି । ମଶାରି ବାହାରେ ଭଣଭଣ ହେଉଛନ୍ତି । ଟିକିଏ ସୁବିଧା ପାଇଲେ ମଶାରି ଭିତରକୁ ପଶି ରକ୍ତ ଶୋଷିବାରେ ଲାଗି ଯାଉଛନ୍ତି । ଫଳରେ କାମୁଡ଼ିବା ସ୍ଥାନଟି ପ୍ରବଳ ମାତ୍ରାରେ କୁଣ୍ଡେଇ ହେଉଛି । ଘର ଭିତରେ ମଶା ଦାଉରୁ ରକ୍ଷା ପାଇବା ପାଇଁ ନାମୀଦାମୀ କମ୍ପାନୀର ମଶାମରା ଲିକ୍ୟୁଇଡ କି କଏଲ ଧୂଆଁ ମଧ୍ୟ କାମ କରୁନି । ତାହାକୁ ଖାତିର କରୁନାହାନ୍ତି ମଶା । ମଶାଙ୍କ ଦାଉରେ ଅସ୍ତବ୍ୟସ୍ତ ସହରବାସୀ ସହରବାସୀ ହୋଇପଡିଲେଣି । ତେଣୁ ମଶାଙ୍କୁ ଭୟ କରି ଅପରାହ୍ନ ୪ଟାରୁ ସହରବାସୀ ନିଜ ନିଜ ଘରର କବାଟ ଓ ଝରକା ବନ୍ଦ କରି ରହୁଛନ୍ତି । ଏନେଇ ବାରମ୍ବାର ଏନଏସି କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରାଯାଉଥିଲେ ହେଁ କେହି ଶୁଣୁ ନାହାଁନ୍ତି । ବିଶେଷ କରି ସଞ୍ଜ ନଇଁଲେ ମଶାଙ୍କ ଦାଉ ବୃଦ୍ଧି ପାଉଛି । ଏଭଳି ଭାବେ ମଶାଙ୍କ ସଂଖ୍ୟା ବଢ଼ିଯାଇଛି ଯେ କେଉଁ ସ୍ଥାନରେ ଠିଆ କରାଇ ଦେଉନାହାନ୍ତି । ଏନଏସି ପକ୍ଷରୁ ମଶାମରା ଧୂଆଁ ସ୍ପ୍ରେ ହେବାର ବ୍ୟବସ୍ଥା ରହିଥିଲେ ହେଁ ତାହା କରାଯାଉନାହିଁ । ପ୍ରଶାସନର ଉଦାସୀନତା ଯୋଗୁଁ ସହରବାସୀ ଦୁର୍ଦ୍ଦଶା ଭୋଗୁଥିବା ପ୍ରକାଶ କରିଛନ୍ତି ।ଅନ୍ୟପକ୍ଷରେ ସହରରେ ମଶାଙ୍କ ଦାଉରେ ଲୋକେ ହନ୍ତସନ୍ତ ହେଉଥିବା ବେଳେ ନିଦାବିଷ୍ଟୁ ସାଜିଛି ସ୍ଥାନୀୟ ଏନଏସି ପ୍ରଶାସନ । ବିଶେଷ ଭାବେ ସହର ଭିତରେ ପ୍ରବାହିତ ହୋଇଥିବା ନାଳ, ନର୍ଦ୍ଦମା, ଖାଲରେ ପାଣି ଜମି ରହିବା ଦାରା ମଶାଙ୍କ ସଂଖ୍ୟା ହୁ ହୁ ହୋଇ ବଢ଼ିବାରେ ଲାଗିଛି । ଯାହାଫଳରେ ସହରବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେବେ ଏନଏସି ପକ୍ଷରୁ ତୁରନ୍ତ ସହରର ସମସ୍ତ ଅଞ୍ଚଳରେ ନାଳ ନର୍ଦ୍ଦମା ସଫା କରିବା ସହ ମଶାମରା ଧୂଆଁ ସ୍ପ୍ରେ କରିବାକୁ ସହରବାସୀ ଦାବି କରୁଛନ୍ତି ।

# ଦୁର୍ନୀତି ଅଭିଯୋଗରେ ବାଲିପଦର ଗାର୍ଲ୍ସ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ନିଲମ୍ବିତ

ବୁଗୁଡ଼ା ,(ସବ୍ୟୁ):: ବୁଗୁଡ଼ା ବ୍ଲକର ବାଲିପଦର ଗ୍ରାମସ୍ଥ ଶ୍ରୀ ରଘୁନାଥ ସ୍ୱାମୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବୈଜୟନ୍ତୀ ମାଳା ସୁବୁଦ୍ଧିଙ୍କ ବିରୁଦ୍ଧରେ ଗ୍ରାମବାସୀ ଆଣିଥିବା ଦୁର୍ନୀତି ଅଭିଯୋଗ କ୍ରମେ ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀଙ୍କ ଦ୍ୱାରା ସେ ନିଲମ୍ବିତ ହୋଇଥିବା ଜଣାଯାଇଛି । ଏ ନେଇ ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀଙ୍କ ଆଦେଶାଙ୍କ ୯୪୫୬ ତା୨୧-୦୫-୨୦୨୬ରିଖ ପ୍ରକାରେ ପ୍ରଧାନ ଶିକ୍ଷୟିତ୍ରୀ ବୈଜୟନ୍ତୀ ମାଳା ସୁବୁଦ୍ଧିଙ୍କୁ ନିଲମ୍ବନ ଆଦେଶ ପ୍ରଦାନ କରାଯାଇଥିବା ସହ ଆସିକା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଦୈନିକ ହାଜିରା ଦେବା ପାଇଁ ନିର୍ଦ୍ଦେଶ ରହିଥିବା ଜଣାପଡ଼ିଛି । ତେବେ ଆସନ୍ତା ଜୁଲାଇ ୩୧ ତାରିଖରେ ଅବସର ଗ୍ରହଣ କରିବାକୁଥିବା ପ୍ରଧାନ ଶିକ୍ଷୟିତ୍ରୀ ଦୁର୍ନୀତି ଅଭିଯୋଗରେ



ନିଲମ୍ବିତ ହେବା ଘଟଣାକୁ ନେଇ ସାଧାରଣରେ ଜୋରସୋରରେ ଆଲୋଚନା ହେଉଛି । ପ୍ରକାଶ ଯୋଗ୍ୟ ଯେ, ପୂର୍ବରୁ ଶ୍ରୀ ରଘୁନାଥ ସ୍ୱାମୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବୈଜୟନ୍ତୀ ମାଳା ସୁବୁଦ୍ଧିଙ୍କ ବିରୁଦ୍ଧରେ ବାଲିପଦର ଗ୍ରାମବାସୀବୃନ୍ଦଙ୍କ ପକ୍ଷରୁ ଅଣାଯାଇଥିବା ଦୁର୍ନୀତି ଅଭିଯୋଗକୁ ନେଇ ଓଡିଶା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ରାଜ୍ୟ ପ୍ରକଳ୍ପ ଅଧିକାରୀ, ଗଞ୍ଜାମ ଜିଲ୍ଲାପାଳ, ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀ, ବୁଗୁଡ଼ା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ସମେତ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କୁ ମଧ୍ୟ ଅବଗତ କରାଯାଇଥିଲା । ଗ୍ରାମବାସୀଙ୍କ ପକ୍ଷରୁ ହୋଇଥିବା ଅଭିଯୋଗ ଫର୍ଦ୍ଦରେ ଦର୍ଶାଯାଇଥିଲା ଯେ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀଙ୍କୁ ଦୀର୍ଘ ତିନି ମାସ ହେଲା ମଧ୍ୟାହ୍ନ ଭୋଜନ ଦିଆଯାଉନଥିଲା ଏବଂ ଗଚ୍ଛିତ ବସ୍ତାବସ୍ତା ମଧ୍ୟାହ୍ନ ଭୋଜନ ଚାଉଳକୁ ବଜାର ଦରରେ ବିକ୍ରି କରିବା ପାଇଁ ପ୍ରଧାନ ଶିକ୍ଷୟିତ୍ରୀ ମସୁଧା ଚଳାଉଥିଲେ । ଏଥି ସହ କଳା, କ୍ରୀଡା ଓ ହିନ୍ଦୀ ବିଷୟରେ ଶିକ୍ଷୟିତ୍ରୀ ପରିବର୍ତ୍ତେ ଶିକ୍ଷକ ଏବଂ ସଂସ୍କୃତ ଶିକ୍ଷୟିତ୍ରୀଙ୍କୁ ଜାଲ ନିଯୁକ୍ତି ଦେବା ସହ ଆଜି ପର୍ଯ୍ୟନ୍ତ କାର୍ଯ୍ୟ ନିୟମିତ ହୋଇପାରିନଥିବା ଶିକ୍ଷୟିତ୍ରୀମାନଙ୍କଠାରୁ ସେମାନଙ୍କ ପଦବୀ ଅନୁମୋଦନ ପାଇଁ ପ୍ରଧାନ ଶିକ୍ଷୟିତ୍ରୀ ଲକ୍ଷ ଲକ୍ଷ ଟଙ୍କା ଆଦାୟ କରି ଆତ୍ମସାତ କରୁଥିଲେ । ଅନ୍ୟପକ୍ଷରେ ପ୍ରଧାନ ଶିକ୍ଷୟିତ୍ରୀ ବିଦ୍ୟାଳୟର ଆୟବ୍ୟୟ ହିସାବ କାହାରିକୁ ଦେଖାଉନଥିଲେ ଏବଂ ସେ ବ୍ୟାଳୟର ଗଛଗୁଡ଼ିକୁ କାଟି ବିକ୍ରି କରିବା ସହ ପୂର୍ବରୁ ହୋଇଥିବା ଫାଇଭ-ଟି କାର୍ଯ୍ୟର ବିଭିନ୍ନ ସାମଗ୍ରୀ ମଧ୍ୟ ବଜାରରେ ବିକ୍ରି କରିଥିଲେ । ଗ୍ରାମବାସୀଙ୍କ ଲିଖିତ ଅଭିଯୋଗ ପରେ ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ବୁଗୁଡା ବିଇଓ ଚିନ୍ମୟ ମହାପାତ୍ର ଓ ତତ୍କାଳୀନ ଏବିଇଓ ଅମିତା କୁମାରୀ ପାଢୀ ଗତ ଏପ୍ରିଲ ୨୧ ତାରିଖରେ ବାଲିପଦର ଗାର୍ଲସ ହାଇସ୍କୁଲକୁ ପର୍ଯ୍ୟବେକ୍ଷଣ ପୂର୍ବକ ତଦନ୍ତ କରି ଏକ ରିପୋର୍ଟ ପ୍ରସ୍ତୁତ କରିଥିଲେ । ତେବେ ନିଲମ୍ବିତା ପ୍ରଧାନ ଶିକ୍ଷୟିତ୍ରୀ ସ୍ୱପ୍ରତିକ୍ରିୟାରେ ଗ୍ରାମବାସୀଙ୍କ ଅଭିଯୋଗଗୁଡ଼ିକୁ ଭିତ୍ତିହୀନ ଦର୍ଶାଇ ଖଣ୍ଡନ କରିବା ସହ କୁଚକ୍ରୀଙ୍କ ଚକ୍ରାନ୍ତ ହେତୁ ସେ ଏଭଳି ପରିସ୍ଥିତିର ସମ୍ମୁଖୀନ ହୋଇଥିବା ବେଳେ ଏ ନେଇ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିବା ପ୍ରକାଶ କରିଛନ୍ତି ।

# ଜଙ୍ଗଲରୁ ବୃଦ୍ଧଙ୍କ ଗଳିତ ମୃତଦେହ ଉଦ୍ଧାର

ଭଂଜନଗର,(ସବ୍ୟୁ) : ଜଙ୍ଗଲ ଭିତରୁ ବୃଦ୍ଧଙ୍କ ଗଳିତ ମୃତଦେହ ଉଦ୍ଧାର ହୋଇଛି । ତାରାସିଙ୍ଗି ଥାନା ଅନ୍ତର୍ଗତ ବ୍ରାହ୍ମଣପଦର ଗାଁ ନିକଟ ଜଙ୍ଗଲରେ ନଜରକୁ ଆସିଥିଲା ଏଭଳି ଘଟଣା । ୪ ଦିନ ପୂର୍ବରୁ ଅର୍ଥାତ ଗତ ୧୨ ତାରିଖରେ ପାଖ ଜଙ୍ଗଲକୁ ଜାଳେଣି କାଠ ସଂଗ୍ରହ କରିବାକୁ ଯାଇ, ବ୍ରାହ୍ମଣପଦର ଗାଁର ହରିବନ୍ଧୁ ସାହୁ (୭୦) ଆଉ ଘରକୁ ଫେରିନଥିଲେ । ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ପତ୍ତା ମିଳିନଥିଲା । ସୋମବାର ପୂର୍ବାହ୍ନରେ, ସ୍ଥାନୀୟ କିଛି ଲୋକ ଜଙ୍ଗଲକୁ ଯାଇଥିବା ବେଳେ, ହରିବନ୍ଧୁଙ୍କ ମୃତଦେହ ପଡ଼ିଥିବା ଦେଖିଥିଲେ । ଏନେଇ ପରିବାର ଲୋକ ଏବଂ ପୋଲିସ କୁ ଖବର ଦେଇଥିଲେ । ଘଟଣା ସ୍ଥଳରୁ ତାଙ୍କ ମୃତଦେହ ଚିହ୍ନଟ ହୋଇଥିଲା । ମୃତ ଦେହକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି, ତାରାସିଙ୍ଗି ଥାନା ପୋଲିସ । ତେବେ ବାର୍ଦ୍ଧକ୍ୟ ଜନିତ କାରଣ ହେତୁ ଜଙ୍ଗଲ ଭିତରେ ପଡ଼ି ତାଙ୍କର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଥିବା ବେଳେ, ପ୍ରକୃତ କାରଣ ଅସ୍ପଷ୍ଟ ରହିଛି । ତେବେ ତଦନ୍ତ ଏବଂ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ, ଘଟଣାର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି ।

# ଟିପିଏସଓଡିଏଲ ତରଫରୁ ରକ୍ତଦାନ ଶିବିର

ବ୍ରହ୍ମପୁର, (ସବ୍ୟୁ): ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସଓଡିଏଲ) ସମୁଦାୟର କଲ୍ୟାଣ ଓ କର୍ମଚାରୀଙ୍କ ସ୍ୱେଚ୍ଛାକୃତ ସେବା କାର୍ଯ୍ୟ ପ୍ରତି ଥିବା ତା'ର ଦୃଢ଼ ପ୍ରତିବଦ୍ଧତାକୁ ଦୋହରାଇଛି । ଏହି କ୍ରମରେ ବିଶ୍ୱ ରକ୍ତଦାନ ଦିବସ ଅବସରରେ ଭଞ୍ଜନଗର ସର୍କଲ ଅଫିସ ନିକଟସ୍ଥ ଘୁମୁସର କ୍ଲବରେ ଟିପିଏସଓଡିଏଲ ତରଫରୁ ରକ୍ତଦାନ ଶିବିର ଆୟୋଜିତ ହୋଇଛି । ଟିପିଏସଓଡିଏଲ ତରଫରୁ ଆୟୋଜିତ ଏହି ରକ୍ତଦାନ ଶିବିର ଏମକେସିଜି ମେଡ଼ିକାଲ କଲେଜ, ବ୍ରହ୍ମପୁରର ରକ୍ତ ସଞ୍ଚାରଣ, ଚିକିତ୍ସା ବିଭାଗ ସହଯୋଗରେ ହୋଇଛି । ଏଥିରେ ଚିକିତ୍ସା ବିଶେଷଜ୍ଞମାନଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା କରିବା ଏବଂ ନିର୍ଦ୍ଧାରିତ ଚିକିତ୍ସା ମାନଦଣ୍ଡ ଅନୁଯାୟୀ ରକ୍ତଦାନ ପ୍ରକ୍ରିୟା ସୁରକ୍ଷିତ ଓ ଦକ୍ଷତାର ସହ ସମ୍ପାଦିତ ହୋଇଛି ।ଏହି କାର୍ଯ୍ୟକ୍ରମରେ ଟିପିଏସଓଡିଏଲର କର୍ମଚାରୀ, ବ୍ୟାବସାୟିକ ସହଯୋଗୀ ଏବଂ ସ୍ଥାନୀୟ ବାସିନ୍ଦାମାନଙ୍କ ଉତ୍ସାହଜନକ ଅଂଶଗ୍ରହଣ ଦେଖିବାକୁ



ମିଳିଥିଲା । ଆୟୋଜିତ ଶିବିରରୁ ମୋଟ ୬୪ୟୁନିଟ ରକ୍ତ ସଂଗୃହୀତ ହୋଇଛି । ଯାହା ଏହି ଜୀବନ ରକ୍ଷାକାରୀ ମହତ କାର୍ଯ୍ୟ ପ୍ରତି ଅଂଶଗ୍ରହଣକାରୀମାନଙ୍କ ଥିବା ଦୃଢ଼ ପ୍ରତିବଦ୍ଧତାକୁ ଦର୍ଶାଏ । ଏହି ଶିବିରରେ ଯୋଗ ଦେଇଥିବା ବିଶିଷ୍ଟ ବ୍ୟକ୍ତିମାନେ ଅଂଶଗ୍ରହଣକାରୀଙ୍କ ଦ୍ୱାରା ପ୍ରଦର୍ଶିତ ସ୍ୱେଚ୍ଛାକୃତ ରକ୍ତଦାନ ମନୋଭାବକୁ ପ୍ରଶଂସା କରିଥିଲେ । ଏଥିସହିତ ଜୀବନ ରକ୍ଷା ଓ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବାରେ ନିୟମିତ ରକ୍ତଦାନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ଓ ଯୁବପିଢ଼ିଙ୍କୁ ଏହି ମହତ କାର୍ଯ୍ୟରେ ଅଧିକ ମାତ୍ରାରେ ଯୋଗ ଦେବାକୁ ଉତ୍ସାହିତ କରିଥିଲେ ।ଏହି ଅବସରରେ ଅମିତ କୁମାର ଗର୍ଗ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଟିପିଏସଓଡିଏଲ, କହିଛନ୍ତି, ପ୍ରତିଟି ବୁନ୍ଦା ରକ୍ତ ଜୀବନ ପାଇଁ ଏକ ଆଶୀର୍ବାଦ ବୋଲି କହିଥିଲେ ।ଟିପିଏସଓଡିଏଲର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ ବିଭାଗ (ସିଏସଆର) ଟିମ ତରଫରୁ ଆୟୋଜିତ ଏହି ରକ୍ତଦାନ ଶିବିର କମ୍ପାନୀର କର୍ମଚାରୀଙ୍କ ମଧ୍ୟରେ ସ୍ୱେଚ୍ଛାକୃତ ସେବା ଓ ସାମୁଦାୟିକ ସମ୍ପୃକ୍ତିକୁ ପ୍ରୋତ୍ସାହିତ କରିବାର ଏକ ଅଂଶ ଅଟେ ।ଆୟୋଜିତ ରକ୍ତଦାନ ଶିବିରରେ ବିଶିଷ୍ଟ ଅତିଥି ଭାବରେ ଶ୍ରୀମତୀ ଅଭିଜ୍ଞା ପଟ୍ଟନାୟକ, ତହସିଲଦାର, ଭଞ୍ଜନଗର ଶ୍ରୀମତୀ ଭାରତୀ ଦେବୀ, ବ୍ଲକ ଉନ୍ନୟନ ଅଧିକାରୀ, ଭଞ୍ଜନଗର ଏବଂ ଶ୍ରୀ ହିମାଂଶୁ ଶେଖର ମହାନ୍ତି, ବନଖଣ୍ଡ ଅଧିକାରୀ, ଉତ୍ତର ଘୁମୁସର ବନଖଣ୍ଡ ଉପସ୍ଥିତ ଥିଲେ । ସେହିଭଳି ପ୍ରତାପ କେଶରୀ ସାହୁ, ମୁଖ୍ୟ ଯନ୍ତ୍ରୀ, ଟିପିଏସଓଡିଏଲ ଅଭିଜିତ ପାଢ଼ୀ, ଅଧୀକ୍ଷଣ ଯନ୍ତ୍ରୀ ଓ ସର୍କଲ ମୁଖ୍ୟ ଭଞ୍ଜନଗରଙ୍କ ସମେତ ଅନ୍ୟ ଅଧିକାରୀ ଏବଂ କର୍ମଚାରୀମାନେ ଯୋଗ ଦେଇଥିଲେ ।

## ବାଇକ -ସାଇକେଲ ମୁହାଁମୁହିଁ ଧକ୍କା : ଜଣେ ମୃତ

ଭଞ୍ଜନଗର,(ସବ୍ୟୁ): ଗଞ୍ଜାମ ଜିଲା ଭଞ୍ଜନଗର କୁଲାଡ ମୁଖ୍ୟ ରାସ୍ତାର ତୁଳସିପଲ୍ଲୀ ଛକ ନିକଟରେ ସୋମବାର ଅପରାହ୍ନରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ବାଇକ ଓ ସାଇକେଲ ମଧ୍ୟରେ ମୁହାଁମୁହିଁ ଧକ୍କା ହୋବା ଫଳରେ ଦୁର୍ଘଟଣା ସ୍ଥଳରେ ବାଇକ ଚାଳକର ମତ ଘଟିଛି । ମୃତକ ହେଲେ ଜାମପଲ୍ଲୀର ଚନ୍ଦନ ଗୌଡ(୧୯) ।ଅନ୍ୟପଟେ ସାଇକେଲ ଚାଳକ ଆହତ ହୋଇ ଭଞ୍ଜନଗର ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ଖବରପାଇ ଭଞ୍ଜନଗର ପୋଲିସ ଘଟଣ ସ୍ଥଳରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ମୃତ ଯୁବକ ଜଣକ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ଡ୍ରାଇଭର ବାବୁଲା ଗୌଡଙ୍କ ପୁତ୍ର ଅଟନ୍ତି ।

# କାତିରେ ଆକ୍ରମଣ ମାମଲା, ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,(ସବ୍ୟୁ): ନିମାଖଣ୍ଡି ଥାନା ଅଞ୍ଚଳର ବ୍ରହ୍ମପଲ୍ଲୀ ଶିବମନ୍ଦିର ସାହିରେ ଜଣେ ବ୍ୟକ୍ତିଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିବା ଘଟଣାରେ ପୋଲିସ ଅଭିଯୁକ୍ତ ସୋମନାଥ ବେହେରା (୪୦) କୁ ଗିରଫ କରିଛି ସୂଚନାପ୍ରକାରେ, କେ. ନୂଆଗାଁ ଥାନା ଅନ୍ତର୍ଗତ ବଡ କେଳାଝୁରି ଗ୍ରାମର ସୀମାଞ୍ଚଳ ସେଠୀ(୫୬) ଲାଞ୍ଜିପଲ୍ଲୀ ନିକଟ ବ୍ରହ୍ମପଲ୍ଲୀ ଶିବମନ୍ଦିର ସାହିରେ ଏକ ଭଡ଼ା ଘରେ ରହୁଥିଲେ। ସେହି କୋଠାର ଅନ୍ୟ ଏକ ଭଡ଼ା ଘରେ ଅଭିଯୁକ୍ତ ତଥା ପୁରୁଷୋତ୍ତମପୁର ଥାନା ଶିକୁଳା ଗ୍ରାମର ସୀମାଞ୍ଚଳ ରହୁଥିଲେ। ଗତକାଲି ରାତି ସାଢେ ୧୦ଟା ବେଳେ ଅଭିଯୁକ୍ତ ସୋମନାଥ ଓ ସୀମାଞ୍ଚଳଙ୍କ ମଧ୍ୟରେ କୌଣସି କଥାକୁ ନେଇ ବଚସା ହୋଇଥିଲା ଏଥିରେ ସୋମନାଥ ହଠାତ ଉତ୍ତେଜିତ ହୋଇ ଏକ କାତି ସହାୟତାରେ ତାଙ୍କ ଉପରେ ଆକ୍ରମଣ କରିଥିଲେ । ଆକ୍ରମଣରେ ସୀମାଞ୍ଚଳଙ୍କ ବାମ କାନ ସମେତ ଶରୀରର ଅନ୍ୟାନ୍ୟ ସ୍ଥାନରେ ଆଘାତ ଲାଗି ରକ୍ତସ୍ରାବ ହୋଇଥିଲା । ତାଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଏମେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ଏ ନେଇ ଅଭିଯୋଗ ପରେ ନିମାଖଣ୍ଡି ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ପୋଲିସ ବ୍ରହ୍ମପଲ୍ଲୀରୁ ଅଭିଯୁକ୍ତ ସୋମନାଥ ବେହେରାଙ୍କୁ ଗିରଫ କରିବା ସହ ଘଟଣାରେ ବ୍ୟବହୃତ କାତି ଜବତ କରିଥିଲା। ଗିରଫ ପରେ ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଥିବାବେଳେ ଘଟଣାର ଅଧିକ ତଦନ୍ତ ଜାରି ରହିଛି ବୋଲି ନିମାଖଣ୍ଡି ଥାନା ଅଧିକାରୀ କୃଷ୍ଣ ସାହା ସୂଚନା ଦେଇଛନ୍ତି।

# ଓମଫେଡ ଟ୍ରକ ସହ କାର୍ ମୁହାଁମୁହିଁ ଧକ୍କା , ୫ ଜଣ ଗୁରୁତର

ବାଲେଶ୍ୱର (ସବ୍ୟୁ): ଓମଫେଡ କ୍ଷୀର ବୋଝେଇ ଟ୍ରକ ଏବଂ କାର ମଧ୍ୟରେ ମୁହାଁମୁହିଁ ଧକ୍କା । କାରରେ ଥିବା ୫ ଜଣ ଯାତ୍ରୀ ଗୁରୁତର ଆହତ । ପୁରୀ ଜଗନ୍ନାଥ ଦର୍ଶନ ସାରି ଘରକୁ ଫେରୁଥିବା ବେଳେ ବାଲେଶ୍ୱର ଜିଲ୍ଲା ସିଂଲା ଥାନା ଅନ୍ତର୍ଗତ ଜାମଶୂଳୀ ଛକରେ ଘଟିଛି ଏହି ମର୍ମନ୍ତୁଦ ଦୁର୍ଘଟଣା । ସୂଚନା ଅନୁଯାୟୀ ବାଲିଆପାଳ ଥାନା ଅନ୍ତର୍ଗତ ମାଣିକ ସିମୁଳିଆ ଗ୍ରାମର ଦେବାଶିଷ ଦତ୍ତ କାରରେ ପରିବାର ସହିତ ପୁରୀ ଯାଇ ଜଗନ୍ନାଥ ଦର୍ଶନ ସାରି ଘରକୁ ଫେରୁଥିଲେ ।ଜାମଶୂଳୀ ଛକରେ ବାଲିଆପାଳ ପଟୁ ଗାନ୍ଧିଛକ ଅଭିମୁଖେ ଯାଉଥିବା ଏକ ଓମଫେଡ କ୍ଷୀର ବୋଝେଇ ଟ୍ରକ ସହ ମୁହାଁମୁହିଁ ଧକ୍କା ହୋଇଥିଲା । କାରରେ ଥିବା ୫ ଜଣ ଯାତ୍ରୀ ଗୁରୁତର ହୋଇଥିଲେ । ଘଟଣାସ୍ଥଳରେ ସ୍ଥାନୀୟ ଲୋକେ ପହଞ୍ଚି ଗୁରୁତରଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ହସପିଟାଲ ପଠାଇଛନ୍ତି ।

# ସୋମନାଥ ସ୍ୱାଭିମାନ ପର୍ବ : ମୟୂରଭଞ୍ଜରୁ ୩୦ଜଣ ଶ୍ରଦ୍ଧାଳୁଙ୍କ ତୀର୍ଥଯାତ୍ରା ଆରମ୍ଭ

ବାରିପଦା, (ସବ୍ୟୁ): ସୋମନାଥ ସ୍ୱାଭିମାନ ପର୍ବ ଅବସରରେ ଚଳିତ ମାସ ୧୫ ତାରିଖରୁ ୨୧ ତାରିଖ ପର୍ଯ୍ୟନ୍ତ ଆୟୋଜିତ ତୀର୍ଥଯାତ୍ରା କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲାରୁ ୩୦ଜଣ ଶ୍ରଦ୍ଧାଳୁ ଯୋଗଦେଇ ପବିତ୍ର ସୋମନାଥ ଧାମ ଦର୍ଶନ ପାଇଁ ଯାତ୍ରା କରିଛନ୍ତି । ଜିଲ୍ଲା ପ୍ରଶାସନ ତରଫରୁ ଆୟୋଜିତ ଉଦଘାଟନ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ । ଉଦଘଟନୀ ସଭାରେ ଉଦ୍‌ବୋଧନ ଦେଇ ଶ୍ରୀ ନାୟକ କହିଥିଲେ ଯେ, ସୋମନାଥ ସ୍ୱାଭିମାନ ପର୍ବ କେବଳ ଏକ ତୀର୍ଥଯାତ୍ରା ନୁହେଁ, ବରଂ ଏହା ଶ୍ରଦ୍ଧା, ଆଧ୍ୟାତ୍ମିକତା




ଓ ସାଂସ୍କୃତିକ ଐତିହ୍ୟର ଏକ ସୁନ୍ଦର ସମନ୍ୱୟ । ଏଭଳି ଯାତ୍ରା ମାଧ୍ୟମରେ ଲୋକମାନେ ନିଜର ଆଧ୍ୟାତ୍ମିକ ଚେତନାକୁ ସୁଦୃଢ଼ କରିବା ସହ ଭାରତର ସମୃଦ୍ଧ ସାଂସ୍କୃତିକ ଓ ଧାର୍ମିକ ପରମ୍ପରା ସହ ଅଧିକ ନିବିଡ଼ ଭାବେ ଯୋଡ଼ି ହୋଇପାରିବେ । ଏହା ସାମାଜିକ ସରସତା, ନୈତିକ ମୂଲ୍ୟବୋଧ ଏବଂ ଜାତୀୟ ଏକତାର ଭାବନାକୁ ମଧ୍ୟ ଅଧିକ ସୁଦୃଢ଼ କରିଥାଏ । ସେ ଆହୁରି କହିଥିଲେ ଯେ, ଭାରତର ପ୍ରାଚୀନ ଧାର୍ମିକ ଓ ସାଂସ୍କୃତିକ ପରମ୍ପରା ବିଶ୍ୱ ଦରବାରରେ ଦେଶର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ଏହି ପରମ୍ପରାର ସଂରକ୍ଷଣ ଓ ପ୍ରସାର ସହ ନୂତନ ପିଢ଼ି ମଧ୍ୟରେ ଆଧ୍ୟାତ୍ମିକ ମୂଲ୍ୟବୋଧର ବିକାଶ ପାଇଁ ଏଭଳି ଯାତ୍ରା ବେଶ୍ ସହାୟକ ହେବ । ଏହି କାର୍ଯ୍ୟକ୍ରମରେ ଆସିଷ୍ଟାଣ୍ଟ କଲେକ୍ଟର ମାନସୀ ତରାଇ ମଧ୍ୟ ଉପସ୍ଥିତ ରହି ଯାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇ ସେମାନଙ୍କର ଯାତ୍ରା ସୁସ୍ଥ, ସୁରକ୍ଷିତ ଓ ମଙ୍ଗଳମୟ ହେଉ ବୋଲି କାମନା କରିଥିଲେ । ଯାତ୍ରାରେ ସାମିଲ ହୋଇଥିବା ଶ୍ରଦ୍ଧାଳୁମାନେ ଏହି ସୁଯୋଗ ପାଇଁ ଆନନ୍ଦ ପ୍ରକାଶ କରିଥିଲେ ଏବଂ ପବିତ୍ର ସୋମନାଥ ଧାମ ଦର୍ଶନ ନିଜ ଜୀବନର ଏକ ସ୍ମରଣୀୟ ଅନୁଭୂତି ହେବ ବୋଲି ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଜିଲ୍ଲା ସଂସ୍କୃତି ଅଧିକାରୀ ଡଃ ଶୁଭାଶିଷ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ତାଲୁକ ଆଇନ ସେବା କମିଟି ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ଛତ୍ରପୁର,(ସବ୍ୟୁ): ପ୍ରତିବର୍ଷ ଜୁନ ୧୫ ତାରିଖରେ ବିଶ୍ୱ ବୃଦ୍ଧ ନିର୍ଯ୍ୟାତନା ସଚେତନତା ଦିବସ ପାଳନ କରାଯାଏ । ଏନେଇ ଛତ୍ରପୁର ତାଲୁକ ଆଇନ ସେବା କମିଟି ସ୍ଥାନୀୟ ପବ୍ଲିକ ସ୍କୁଲ ପରିସର ରେ ବରିଷ୍ଠ ନାଗରିକମାନଙ୍କୁ ନେଇ ସବଜଜ ପୂଜା ଦେ ଙ୍କ ଅଧ୍ୟକ୍ଷତା ରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଏସଡିଜେଏମ ବିଷ୍ଣୁପ୍ରିୟା ସାମନ୍ତରାୟ, ଛତ୍ରପୁର ସିନିଅର ସିଟିଜେନ ଫୋରମର ସେକ୍ରେଟାରୀ ପ୍ରଫୁଲ୍ଲ କୁମାର ପଟ୍ଟନାୟକ, ତାଲୁକ ଆଇନ ସେବା କମିଟି ର ସଦସ୍ୟ ମନୋଜ କୁମାର ପାଢ଼ୀ ଓ ସୁରଜିତ ସାମନ୍ତରାୟ, ସରକାରୀ ଓକିଲ ପ୍ରଦୀପ କୁମାର ପାଢ଼ୀ ଓ ବ୍ରଜ ମୋହନ ଆଚାର୍ଯ୍ୟ ଯୋଗଦେଇଥିଲେ ।

# ବାପାଙ୍କୁ ପିଟି ପିଟି ହତ୍ୟା : ପୁଅ ଗିରଫ

ବ୍ରହ୍ମପୁର, (ସବ୍ୟୁ) : ଗୋସାଇଁନୂଆଗାଁ ଥାନା ଅନ୍ତର୍ଗତ ତୋଟା ସାହିରେ ରବିବାର ରାତ୍ର ନିଜ ବାପା ଶରତ ଚନ୍ଦ୍ର ମହାନ୍ତି(୭୫) ଙ୍କୁ ତାଙ୍କ ପୁଅ ପିଟି ପିଟି ତାଙ୍କ ପୁଅ ହତ୍ୟା କରିଥିଲା । ଏମକେସିଜି ମେଡିକାଲରେ ପୋଲିସ ମାଜିଷ୍ଟ୍ରେଟ ଓ ଡାକ୍ତରଙ୍କ ଉପସ୍ଥିତିରେ ଶରତଙ୍କ ମୃତ୍ୟୁ କାଳୀନ ଜମାନ ବନ୍ଦୀ ନେଇଛି । ଅଭିଯୁକ୍ତ ଜଣଙ୍କ ବିରଜା ପ୍ରସାଦ ମହାନ୍ତି ଓରଫ ଟୁକୁ (୫୨)ଙ୍କୁ ପୋଲିସ ଗିରଫ କରିଛି । ରକ୍ତଭିଜା କାଠ ଫାଳିଆ ଜବତ କରିଛି । ସାଇଣ୍ଟିଫିକ ଟିମ ସହାୟତାରେ ଘଟଣା ସ୍ଥଳରୁ ନମୁନା ସଂଗ୍ରହ କରାଯାଇ ତଦନ୍ତ କରାଯାଉଛି । ମାମଲା ନଂ ୨୨୩/୨୬ରେ ଅଭିଯୁକ୍ତ ଟୁକୁଙ୍କୁ ସୋମବାର ଦିନ କୋର୍ଟ ଚାଲାଣ କରାଯାଇଛି । କୋର୍ଟ ନିର୍ଦ୍ଦେଶରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ସମ୍ପତ୍ତି ଓ ପାରିବାରି କଳହକୁ କେନ୍ଦ୍ର କରି ଶରତଙ୍କୁ ତାଙ୍କ ବଡ ପୁଅ ଟୁକୁ ହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ପୋଲିସ ଜାଣିବାକୁ ପାଇଛି । ସେହିପରି ଘଟଣା ବେଳେ ସ୍ୱାମୀଙ୍କୁ ଆକ୍ରମଣ ବେଳେ ଏହାର ପ୍ରତିବାଦ କରିବାରୁ ପୁଅ ନିଜ ମା'ଙ୍କୁ ମଧ୍ୟ ଆକ୍ରମଣ କରିଥିଲେ । ମା'ପ୍ରତିମା ମହାନ୍ତି ଗୁରୁତର ହୋଇ ଏମକେସିଜି ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି । ଘଟଣାରୁ ପ୍ରକାଶ ଯେ, , ତୋଟାସାହିରେ ଶରତ ମହାନ୍ତି ନିଜ ସ୍ତ୍ରୀ ଓ ଦୁଇ ପୁଅ ସହ ସହ ରହୁଥିଲେ ।ଅନେକ ଦିନ ହେବ ପୈତୃକ ସମ୍ପତ୍ତିକୁ କେନ୍ଦ୍ର କରି ଶରତ ଓ ତାଙ୍କ ବଡ ପୁଅ ଟୁକୁ ମଧ୍ୟରେ କଳହ ଲାଗି ରହିଥିଲା । ରବିବାର ରାତ୍ର ଘରେ ଉଭୟ ବାପା-ପୁଅ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା । ଏଥିରେ ଟୁକୁ ଉତକ୍ଷିପ୍ତ ହୋଇ ଏକ କାଠ ଫାଳିଆରେ ଶରତଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ ।

# ସାମ୍ବାଦିକ ଆକ୍ରମଣ ଘଟଣାରେ ଦୁଇ ଗିରଫ : ବାଇକ୍ ଜବତ

ନିଶ୍ଚିନ୍ତକୋଇଲି,(ସବ୍ୟୁ) :ନିଶ୍ଚିନ୍ତକୋଇଲି ବ୍ଲକ ନରେନ୍ଦ୍ରପୁର ପଞ୍ଚାୟତ ଗଡ଼ିଜଙ୍ଗ ଠାରେ ଗତ ୯ ତାରିଖ ମଙ୍ଗଳବାର ଅପରାହ୍ଣରେ ଦୁଇ ଜଣ ବୈଦ୍ୟୁତିକ ଗଣମାଧ୍ୟମର ସାମ୍ବାଦିକଙ୍କୁ କେତେକ ଦୁର୍ବୃତ୍ତ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ଘଟଣାକୁ ନେଇ ନେମାଳ ଥାନାରେ ଏକ ମାମଲା ରୁଜୁ କରାଯାଇ ପୋଲିସ ପକ୍ଷରୁ ଆସାମୀଙ୍କୁ ଧରିବା ପାଇଁ ଯୋରଦାର ତନାଘନା ଚାଲିଥିଲା। ସାଲେପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀଙ୍କ ନିର୍ଦ୍ଦେଶରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଦୁର୍ବୃତ୍ତମାନଙ୍କୁ ଗିରଫ କରାଯିବା ପାଇଁ ଉଦ୍ୟମ ଜାରି ରହିଥିଲା ବେଳେ ୧୫ତାରିଖ ସୋମବାର ଦିନ ପୋଲିସକୁ ସଫଳତା ମିଳିଛି। ଏହି ସ୍ୱତନ୍ତ୍ର ଟିମ୍ ଓଡ଼ିଶା ଛତିଶଗଡ଼ ସୀମାରେ ଏହି ମାମଲାରେ ସମ୍ପୃକ୍ତ ଥିବା ଦୁଇ ଜଣଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କ ଠାରୁ ଏକ ବାଇକ ଜବତ କରିଛି। ଏହି ମାମଲାରେ ସେମାନଙ୍କର ସହଯୋଗୀ ମାନେ ରହିଥିବା ବେଳେ ସେମାନଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି। ଯୁବ ସାମ୍ବାଦିକ ଲକ୍ଷ୍ମଣ ଦାସ ଓ ତାଙ୍କର ଜଣେ ସହଯୋଗୀ ଖବର ସଂଗ୍ରହ କରି ଘରକୁ ଫେରୁଥିବା ବାଟରେ କେତେଜଣ ଦୁର୍ବୃତ୍ତକାରରେ ଆସି ତାଙ୍କୁ ଲୁହାରଡ଼ରେ ଶକ୍ତ ପ୍ରହାର ଦେଇ ତାଙ୍କ ଗୋଡ଼ ହାତ ଭାଙ୍ଗି ଦେଇଥିଲେ। ଏହି ଦୁର୍ବୃତ୍ତମାନଙ୍କ ମଧ୍ୟରେ କିଶୋରନଗର ଥାନା ଅଧିନ ଉତ୍ତରକୂଳ ଗ୍ରାମର ଓମ୍ ପ୍ରମୋଦ ଜେନା(୨୬) ଏବଂ ଭଦ୍ରେଶ୍ୱର ଥାନା ଅଧିନ ଭଦ୍ରେଶ୍ୱର ଗ୍ରାମର ରଜତ କୁମାର ମଲିକ(ମୃଷା-୨୮) ଙ୍କୁ ପୋଲିସ ଗିରଫ କରି ପଚରାଉଚରା ଜାରି ରଖିଛି। ଅପରପକ୍ଷରେ ଆକ୍ରମଣର ଶୀକାର ହୋଇଥିବା ଯୁବ ସାମ୍ବାଦିକ ଜଣକ କଟକ ବଡ଼ମେଡ଼ିକାଲରେ ଚିକିସିତ ହେଉଥିବା ଜଣାଯାଇଛି। କଣ ପାଇଁ ଏହି ଦୁଇ ଜଣ ଦୁର୍ବୃତ୍ତ ଯୁବ ସାମ୍ବାଦିକଙ୍କୁ ଆକ୍ରମଣ କରିଥିଲେ ତାହାର ସତ୍ୟାସତ୍ୟର କାରଣ ଏଯାଏ ଜଣାପଡ଼ିନାହିଁ

# ଗୋରେଖନାଥ ପୀଠରେ ୫୦ ହଜାର ଶ୍ରଦ୍ଧାଳୁ : ଘଣ୍ଟା ଘଣ୍ଟା ଧରି ଟ୍ରାଫିକ ଜାମ

ରଘୁନାଥପୁର, (ସବ୍ୟୁ) :ପବିତ୍ର ରଜ ସଂକ୍ରାନ୍ତି ଉପଲକ୍ଷେ ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ କେରେକେରାସ୍ଥିତ ପ୍ରସିଦ୍ଧ ବିଭୂତି କ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠରେ ନାହିଁ ନଥିବା ଭିଡ ପରିଲକ୍ଷିତ ହୋଇଛି ।ତେବେ ୫୦ ହଜାରରୁ ଉର୍ଦ୍ଧ୍ୱ ଜନ ସମାଗମ ହୋଇଥିବା ଉପଦେଷ୍ଟା କମିଟି ସଦସ୍ୟ ବିଜୟ କୁମାର ସ୍ୱାଇଁ ପ୍ରକାଶ କରିଛନ୍ତି । ସକାଳୁ ପ୍ରଭୁଙ୍କ ମଙ୍ଗଳାରତି କାର୍ଯ୍ୟ ସମାପନ ପରେ ପୀଠ ମଧ୍ୟକୁ ଭକ୍ତଙ୍କ ଆଗମନ ହୋଇଥିଲା ।ଭକ୍ତଙ୍କ ଭିଡ କ୍ରମଶଃ ବୃଦ୍ଧି ପାଇବାରେ ଲାଗିଥିଲା ।ଏକସଙ୍ଗେ ଚାରିଚକିଆ,ଅଟୋ ଓ ବାଇକ ଯାତାୟାତ ଫଳରେ କେରେକେରା ଛକରୁ ପୀଠ ପର୍ଯ୍ୟନ୍ତ ସମ୍ପୂର୍ଣ ରାସ୍ତାରେ ଅସହ୍ୟ ଗୁଳୁଗୁଳିରେ ଲୋକେ ଘଣ୍ଟା ଘଣ୍ଟା ଧରି ଫସି ରହିଥିଲେ ।ପର୍ଯ୍ୟାପ୍ତ ପୋଲିସ ବ୍ୟବସ୍ଥା ନଥିବାରୁ ଟ୍ରାଫିକ ନିୟନ୍ତ୍ରଣ ଏକରକମ ଫେଲ ମାରିଥିଲା ।ଏକ କିମି ରାସ୍ତାକୁ ପାର ହେବାପାଇଁ



୨ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଲାଗିଥିଲା ।ସ୍ଥାନୀୟ ଯୁବକଙ୍କ ଉଦ୍ୟମରେ ସ୍ଥିତି କିଛିମାତ୍ରାରେ ସୁଧୁରି ଥିଲା ।ପୀଠ ପରିସରରେ ଲମ୍ବା ଲାଇନରେ ଆସି ଦର୍ଶନାର୍ଥି ମାନେ ପ୍ରଭୁଙ୍କୁ ଦର୍ଶନ କରିଥିଲେ ।ପୀଠ ପ୍ରଶାସନ ପକ୍ଷରୁ ପରିସରରେ ପର୍ଯ୍ୟାପ୍ତ ପାନୀୟଜଳର ବ୍ୟବସ୍ଥା କରାଯାଇଥିଲା । ପୀଠ କାର୍ଯ୍ୟନିର୍ବାହୀ ଅଧିକାରୀ ସୌର୍ଯ୍ୟ ରଞ୍ଜନ ପରିଜାଙ୍କ ତିବାବଧାନରେ କିରାଣୀ ସରୋଜ କୁମାର ସାହାଣୀ ଓ ସମସ୍ତ କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟ ପରିଚାଳନା କରିଥିଲେ ।ଉପଦେଷ୍ଟା କମିଟି ସଦସ୍ୟ ସୁରେନ୍ଦ୍ରନାଥ ସ୍ୱାଇଁ ଓ ସୁଶାନ୍ତ କୁମାର ଦାଶ ଏଥିରେ ସହଯୋଗ କରିଥିଲେ ।ରଘୁନାଥପୁର ତହସିଲଦାର ରାଜଲକ୍ଷ୍ମୀ ନାୟକ ଓ ଅତିରିକ୍ତ ତହସିଲଦାର ମନୋଜ କୁମାର ବେହେରା ପୀଠରେ ମାଜିଷ୍ଟ୍ରେଟ ଭାବେ ଉପସ୍ଥିତ ଥିଲେ ।ପୀଠ ପକ୍ଷରୁ ବାହାରୁ ଭକ୍ତମାନେ ଭୋଗ ଓ ଦୀପ କିଣି ଭିତରକୁ ନ ଆଣିବା ପାଇଁ ବାରମ୍ବାର ମାଇକୀ ଯୋଗେ ପ୍ରଚାର କରାଯିବା ସହ ଏଥିପ୍ରତି କଡା ଦୃଷ୍ଟି ଦିଆଯାଇଥିଲା ।ଏହି ପରିପ୍ରେକ୍ଷୀରେ ଟେଣ୍ଡର ପ୍ରାପ୍ତ ଭୋଗ,ଦୀପ ଓ ଫୁଲ ଦୋକାନୀ ଗୋଟିଏ ଦିନରେ ଆଶାତୀତ ବେପାର କରିଥିବାବେଳେ ପୀଠ ଚତୁର୍ପାର୍ଶ୍ୱରେ ଥିବା ଦୋକାନୀମାନେ ମଧ୍ୟ ବେସ ଭଲ ରୋଜଗାର କରିଥିବା ଦେଖାଯାଇଛି ।

# ଶ୍ରୀମନ୍ତ ଦାସଙ୍କ ସ୍ମୃତିରେ ମେଧାବୃତ୍ତି ଓ ପୁରସ୍କାର ବିତରଣ ଉତ୍ସବ

ରାଜକନିକା,(ସବ୍ୟୁ) : ରାଜକନିକା ବ୍ଲକ ନହୁଣୀ ଗ୍ରାମର ଯୁବ ଇଂ ସ୍ୱର୍ଗତ ଶ୍ରୀମନ୍ତ କୁମାର ଦାସ ଙ୍କ ସ୍ମୃତିରେ ଚତୁର୍ଥ ବାର୍ଷିକ ମେଧାବୃତ୍ତି ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ରାଜକନିକା ବ୍ଲକ ଯାଦବ ମହାସଭା କକ୍ଷରେ ଅନୁଷ୍ଠିତ ହୋଇଯାଇଛ । ଶ୍ରୀମନ୍ତ ଦାସ ଚାରିଟେବୁଲ ଟ୍ରଷ୍ଟ ଦାରା ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ଶ୍ରୀନିବାସ ପ୍ରଧାନ ସଭାପତିତ୍ୱ କରିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ରାଜକନିକା ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟ ର ରସାୟନ ବିଜ୍ଞାନ ମୁଖ୍ୟ ପ୍ରାଧାପକ ଡ଼. ଫକୀର ଚନ୍ଦ୍ର ପ୍ରଧାନ, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ବନମାଳୀ ସେନାପତି, ସମ୍ମାନିତ ଅତିଥି ଭାବେ ଆଳି ମହାବିଦ୍ୟାଳୟ ପ୍ରାକ୍ତନ ଓଡ଼ିଆ ବିଭାଗ ଅଧ୍ୟାପକ ନିର୍ମଳ କୁମାର ସେନାପତି, ରାଜ୍ୟ ଯାଦବ ମହାସଭା ଉପସଭାପତି ମନୋଜ କୁମାର ପରିଡା ଓ ଟୁଙ୍ଗା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର କର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଦାସ ଙ୍କ ସ୍ମୃତି ଚାରଣ କରିବା ସହ ଆଳି-କନିକା ଅଞ୍ଚଳର ମାଟ୍ରିକ ଓ ୨ ଟପର ଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟ ଇତିହାସ ବିଭାଗ ମୁଖ୍ୟ ଡ଼. ପ୍ରଦିପ କୁମାର ଦାସ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ଗାୟତ୍ରୀ ଦାସ ଅଥିତି ପରିଚୟ ପ୍ରଦାନ ଓ ଗଙ୍ଗାଧର ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ସ୍ୱର୍ଗତ ଶ୍ରୀମନ୍ତ ଦାସଙ୍କ ପିତା ତଥା ଟ୍ରଷ୍ଟର ଚେୟାରମ୍ୟାନ ଉମେଶ ଚନ୍ଦ୍ର ଦାସ ଓ ମ୍ୟାନେଜିଙ୍ଗ ଟ୍ରଷ୍ଟି ପ୍ରଫେସର ଶେଖର ଚନ୍ଦ୍ର ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଗୌରହରୀ ସଂକୀର୍ତ୍ତନ ମହାମଣ୍ଡଳର ବାର୍ଷିକ ସମ୍ମିଳନୀ

ନାଉଗାଁ ,(ସବ୍ୟୁ) :ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ଶ୍ରୀ ଶ୍ରୀ ପତିତ ପାବନ ଜୀଉ ମନ୍ଦିର ପରିସରରେ ଗୌରହରୀ ସଂକୀର୍ତ୍ତନ ମହାମଣ୍ଡଳର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବକୁ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଉଦଘାଟନ କରିଥିଲେ । ମହାମଣ୍ଡଳର ସଭାପତି ବାବା ଦିବ୍ୟକୃଷ୍ଣ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବିଶ୍ୱ ସନାତନ ବୈଦିକ ଧର୍ମ ପରିଷଦ ଅଧ୍ୟକ୍ଷ ତଥା ନିଖିଳ ଉତ୍କଳ ସଂକୀର୍ତ୍ତନ ମହାସଂଘ ଓଡିଶାର ସଭାପତି ବାବା ପଞ୍ଚଦେବ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ କଟକସ୍ଥିତ ତପୋବନ ଆଶ୍ରମର ସ୍ୱାମୀ ବିଶାମ୍ବାନନ୍ଦ ଗିରି ମହାରାଜ, ସମ୍ମାନୀୟ ଅତିଥି ଭାବେ ସମ୍ବାଦର ସହ ସମ୍ପାଦକ ଚିତ୍ତରଞ୍ଜନ ବେହେରା, ଶିକ୍ଷାବିତ ବେଣୁଧର ସ୍ୱାଇଁ, ଜିଲ୍ଲା ସଭାପତି ମହେଶ ଚୌଧୁରୀ ଯୋଗ ଦେଇଥିଲେ । ଏହି



କାର୍ଯ୍ୟକ୍ରମରେ ମହାମଣ୍ଡଳ ତରଫରୁ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସାଧିକାରୀ ସଂଗ୍ରାମ କେଶରୀ ମହାନ୍ତି , ସମାଜସେବୀ ମନୋଜ କୁମାର ନାୟକ, ତ୍ରିନାଥ ପରିଜାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।ଡା. ମହାନ୍ତି ସମ୍ବର୍ଦ୍ଧିତ ହେବା ଅବସରରେ ସେ କହିଥିଲେ ଅନ୍ତର ମୁଖି ସଦା ସୁଖୀ ବୋଲି ବକ୍ତବ୍ୟ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ବ୍ଲକର ୧୦୫ ମଣ୍ଡଳର ସଦସ୍ୟମାନେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ବାବା ଅଙ୍କୁର ଦାସ, ନିରଞ୍ଜନ ମହାନ୍ତି, ପବିତ୍ର କୁମାର ନାୟକ, ମହାମଣ୍ଡଳର ସଂପାଦକ ରମେଶ ଚନ୍ଦ୍ର ରଥ ଯୋଗ ଦେଇଥିବା ବେଳେ ମୁକ୍ତି ତୀର୍ଥ ଜିଲ୍ଲା ସଂଘର ସମ୍ପାଦକ ଅବସରପ୍ରାପ୍ତ ଶିକ୍ଷକ ସୁକାନ୍ତ କୁମାର ଲେଙ୍କା ସଭା ପରିଚାଳନା କରିଥିଲେ ।

# ଟ୍ୟୁମର ରୋଗରେ ପୀଡିତ ପରିବାରକୁ ସହାୟତା

ରାଜନଗର,(ସବ୍ୟୁ) : ରାଜନଗର ବ୍ଲକ ସାତଭାୟା ପଞ୍ଚାୟତର ମଗରକନ୍ଧା ଗ୍ରାମର ଜଣେ ଅସହାୟ ବ୍ୟକ୍ତି ଟ୍ୟୁମର ରୋଗରେ ପୀଡିତ ହୋଇ ଡାହାଣ ଗୋଡ଼ ହରାଇଥିଲେ ଅମର କୁମାର ମଲ୍ଲିକ । ମଗର କନ୍ଧା ଗାଁ ର କୃଷ୍ଣଚନ୍ଦ୍ର ମଲ୍ଲିକ (୮୫ ବର୍ଷ ) ଙ୍କର ଏକମାତ୍ର ପୁତ୍ର ଅମର କୁମାର ମଲ୍ଲିକ (୩୫ବର୍ଷ ) ଟିୟୁମର ରୋଗରେ ଆକ୍ରାନ୍ତ ହୋଇ ନିଜର ଗୋଟିଏ ଗୋଡ ହରାଇଛନ୍ତି ।ଅମର ଙ୍କର ୯ବର୍ଷ ର ଗୋଟିଏ ଝିଅ, ୬ବର୍ଷ ଓ ୩ବର୍ଷ ର ଦୁଇଟି ପୁଅ ସହିତ ସ୍ତ୍ରୀ ଏଂ ୭୫ବର୍ଷ ବୟସ ର ବୋଉ ଅଛି ।ଅଭାବ ଅନାଟନ ମଧ୍ୟରେ ପରିବାର ଚଳାଇବା ତାଙ୍କ ପାଇଁ ଅତ୍ୟନ୍ତ କଷ୍ଟସାଧ୍ୟ ବ୍ୟାପାର ।ଓଡିଶା ରେ ରଜ ପର୍ବରେ ଯେତେବେଳେ ଲୋକମାନେ ହସ ଖୁସୀ ରେ ପୀଠ ପଣା ଓ ମାଛ-ମାଂସ ଭୋଜିରେ ଉତ୍ସବ ପାଳନ କରୁଛନ୍ତି, ସେତେବେଳେ ଏହି ଅସହାୟ ପରିବାର ଭାଂଗିପଡ଼ିଥିଲେ । ପରିବାର ପାଇଁ ତେଲ, ଲୁଣ ଯୋଗାଡ଼ କରିବା ଓ ଅମର ଙ୍କର ଚିକିତ୍ସା ଖର୍ଚ୍ଚ ମଧ୍ୟ ଉଠାଇବା କଷ୍ଟକର ହୋଇପଡ଼ିଛି । ଏପରି ସମୟରେ ସ୍ୱେଚ୍ଛାସେବୀ ସଂଗଠନ ଓଡିଶା ସାଇନ ଫାଉଣ୍ଡେସନ ଟ୍ରଷ୍ଟ ପରିବାର ନିକଟରେ ପହଞ୍ଚି ୫ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବା ସୂଚନା ମିଳିଛି ଏଂ ଏଥିସହ ପରିବାର ସଦସ୍ୟମାନଙ୍କ ପାଇଁ ଲୁଗାପଟା ପ୍ରଦାନ କରାଯାଇଥି ଜଣାପଡିଛି । ଘରକୁ ଶୀତକାକର ଓ ବର୍ଷା ଦାଉରୁ ରକ୍ଷ । ପାଇଁ ଏକ ଜରିପାଲ ପ୍ରଦାନ କରାଯାଇଥିଲା ।କାର୍ଯ୍ୟକ୍ରମରେ ଟ୍ରଷ୍ଟର ସଦସ୍ୟ ନିହାର ରଞ୍ଜନ ବିଶ୍ୱାଳ, ସୁବ୍ରତ ଦାସ, ତପନ ମହାନ୍ତି, ପ୍ରତାପ ନାୟକ ଏବଂ ସ୍ୱେଚ୍ଛାସେବୀ ସଂଗଠନ ର ସଭାପତି ସମୀର ବାଇ ଉପସ୍ଥିତ ରହିସହାୟତା ପ୍ରଦାନ କରିଥିଲେ । ସଂଗଠନ ର ଅନ୍ୟାନ୍ୟ ସଦସ୍ୟ ମାନେ ଉପସ୍ଥିତ ଥିଲେ ।

# ଦିବାରାତ୍ରୀ କବାଡି ପ୍ରତିଯୋଗିତା ତୃତୀୟ ଦିବସ

କୁଆଖିଆ, (ସବ୍ୟୁ) :ରସୁଲପୁର ବ୍ଲକ ଅନ୍ତର୍ଗତ ଖଣ୍ଡିତର ଷ୍ଟାଡିୟମରେ ଯାଜପୁର କବାଡ଼ି ଅସୋସିଏସନ(ଜେକେଏ ) ଅନୁକୂଲ୍ୟରେ ସର୍ବଭାରତୀୟ ଦିବାରାତ୍ର କବାଡ଼ି ପ୍ରତିଯୋଗୀତା ଆଜି ତୃତୀୟ ଦିବସ ରେ କଡା ମୁକାବିଲା ମଧ୍ୟରେ ବହୁ ଖେଳ ଅନୁଷ୍ଠିତ ହୋଇଯାଇଛି । ସଭାପତି ପ୍ରଦୀପ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଆଜିତୃତୀୟ ଦିବସ ରେ ମହିଳା ବିଭାଗ ରାୟପୁର ୩୬ ପଏଣ୍ଟ ପାଇଥିବା ବେଳେ କିଟ ୨୬ ପଏଣ୍ଟ, ସେହିପରି କିଶୋର କ୍ଲବ ର ୪୩ପଏଣ୍ଟ,ଯାଜପୁର ୧୨ ପଏଣ୍ଟ,ରାୟପୁର ୩୨ଆସ୍କା ୧୧,ପିଏକାଡେମୀ ୨୮କଳିଙ୍ଗ କବାଡି ଏକାଡେମୀ ୧୧,କିଟ ୪୧ ଜିନ୍ଦ ହରିୟାଣା ୨,ରାଜନନ୍ଦନ ୩୧ କଳିଙ୍ଗ କବାଡି ଏକାଡେମୀ ୧୦,ପି ଏକାଡେମୀ୨୯ କିଶୋର କ୍ଲବ ୨୨, ଆସ୍କା ୩୬ ଜିନ୍ଦ ହରିୟାଣା ୯, ପି ଏକାଡେମୀ ୨୭ ଯାଜପୁର ୭ ପାଇ ଖେଳ ପାଇଛି । ସେହିପରି ପୁରୁଷ ବିଭାଗ ରେ ବିଳାସପୁର ୩୫ ଝାରଖଣ୍ଡ ୧୨ପଏଣ୍ଟ, ନାଗପୁର ୩୫କୁ ଜିନ୍ଦ ଭୋପାଲ ୧୮ ପାଇଛି ୫ ପି ଏକାଡେମୀ ୩୨ ମହାବୀର ୧୨, କୋଲକାତା ପୋଲିସ ୪୮ ଝାରଖଣ୍ଡ ୨୭, ସାଉଥ ଇଷ୍ଟେର୍ଣ ରେଳବାଇ ୩୦ ମହାବୀର ୨୫, ନାଗପୁର ୨୫କଟକ ୯, ଛତିଶଗଡ ୪୧ ଯାଜପୁର ୧୯, ପି ଏକାଡେମୀ ୧୭ ସାଉଥ ଇଷ୍ଟRର୍ନ ରେଳବାଇ ୭, କୋଲକାତା ପୋଲିସ ୪୮ ଝାରଖଣ୍ଡ ୨୭, ଭୋପାଲ ୩୭ କଟକ ୩୧ ପଏ ଣ୍ଟ ପାଇ ଖେଳ କୁ ଆଗେଇ ନେଇଛନ୍ତି । ଆଜି ଖେଳ ରେ ଅତିଥି ଭାବେ ଡ଼ଃ ସୁବ୍ରତ ମହାପାତ୍ର,କବାଡି ଆସୋସିଏସନ ସାଧାରଣ ସମ୍ପାଦକ ଅଜୟ ବେହେରା,ସୂର୍ଯ୍ୟ ନାରାୟଣ ମହାନ୍ତି, ଅଧ୍ୟାପକ ନୀଳକ= ମିଶ୍ର, ସଦାଶିବ ସାହୁ, ପଞ୍ଚାନନ ମିଶ୍ର ଯୋଗ ଦେଇ ଖେଳ ଉପଭୋଗ କରିଥିଲେ ।ଖେଳରେ ଉ ସଭାପତି (କୋଚ ) କୃଷ୍ଣକାନ୍ତ ପଣ୍ଡା, ଅରୁଣ ସାହୁ, ଅନାଦି ସାହୁ,ଫାଲଗୁନ ବିଭୂକଲ୍ୟାଣ ଦାସ, ମୁକ୍ତିକାନ୍ତ ଦାସ, ଆଲୋକ ସାହୁ, ସୁରେନ୍ଦ୍ର ନାୟକ, ଜେ କେ ର ବହୁ କାର୍ଯ୍ୟ କର୍ତା ଉପସ୍ଥିତ ଥିଲେ ।ସମ୍ପାଦକ ଅଧ୍ୟାପକ ସମରେନ୍ଦ୍ର ଦାଶଓ ଜେ କେ ଏ ଓ ରାଜ୍ୟ ବାହାରର ପ୍ରାୟ ୪୦ଜଣ ଅଫିସିଆଲ ଏହାକୁ ପରିଚାଳନା କରୁଛନ୍ତି । ଖେଳକୁ ଜେ କେ ଏ ର କବାଡ଼ି ଆସୋସିଏସନ କର୍ମକର୍ତ୍ତା ଓ ସଭ୍ୟ ଉପସ୍ଥିତ ରହି ପରିଚାଳନା କରିଥିଲେ ।

## ସାଲେପୁର ରଜ ମହୋତ୍ସବ ୨୦୨୬ ଦ୍ୱିତୀୟ ଦିବସ

# ଛାତ୍ରଛାତ୍ରୀଙ୍କ ନୃତ୍ୟ ପରିବେଷଣ

ସାଲେପୁର, (ସବ୍ୟୁ) : ସାଲେପୁର ରଜ ମହୋତ୍ସବ ୨୦୨୬ ଦିତୀୟ ଦିବସ ସାଲେପୁର ହାଇସ୍କୁଲ ଓ ମଧୁସୂଦନ ମଣ୍ଡପରେ ହସ ଉଲ୍ଲାସରେ ପାଳିତ ହୋଇଯାଇଛି ।ସାଇ ସମୀକ୍ଷା ଏଜୁକେଶନାଲ ଚାରିଟେବୁଲ ଟ୍ରଷ୍ଟ,ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବୀ ମଞ୍ଚ ସାଲେପୁର ପକ୍ଷରୁ ଆୟୋଜିତ ରଜ ମହୋତ୍ସବରେ ରଜ ସୁନ୍ଦରୀ ଓ ରଜ କବିତା ଆସର ପ୍ରତିଯୋଗିତା,ସାଂସ୍କୃତିକ କାର୍ଯ୍ୟକ୍ରମ, ପୁରସ୍କାର ବିତରଣ ଅନୁଷ୍ଠିତ ହୋଇଥିଲା ।ସାଲେପୁର ହାଇସ୍କୁଲ ଅଡିଟୋରିଆମ ରେ ସାଲେପୁର ରଜ ମହୋତ୍ସବ କମିଟିର ଆବାହକ ସମାଜସେବୀ ହରିବନ୍ଧୁ ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରଜ ସୁନ୍ଦରୀ ପ୍ରତିଯୋଗିତା ଉଦଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ସାହିତ୍ୟିକ ସଦାଶିବ ଦାସ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ହରିହର ମହାପାତ୍ର ଯୋଗଦେଇଥିଲେ ।ରଜ ସୁନ୍ଦରୀ ପ୍ରତିଯୋଗିତାରେ ବିଚାରକଭାବେ ଜୀ ସାର୍ଥକର ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସର ବିଜେତା ତଥା କୋରିଓ ଗ୍ରାଫର ବିରଞ୍ଚି ନାରାୟଣ କର ଏବଂ ଜୀ ସାର୍ଥକର ଧାରାବାହିକ କିଛି ସତ କିଛି ମିଛର ଅଭିନେତ୍ରୀ ଅର୍ଚ୍ଚିତା ପ୍ରିୟଦର୍ଶିନୀ ରାଉତ ଯୋଗ ଦେଇଥିଲେ ।ଆସନ୍ତାକାଲି ଏହି ପ୍ରତିଯୋଗିତାର ଅନ୍ତିମ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ରଜ ସୁନ୍ଦରୀ ଚୟନ କରାଯିବ ।ରଜ କବିତା ଆସର ପ୍ରତିଯୋଗିତାରେ ବିଚାରକ ରୂପେ କବି ସଦାଶିବ ଦାଶ, ଉତ୍କଳ ସାହିତ୍ୟ ସମାଜର ସାଧାରଣ ସମ୍ପାଦକ ରାଜୀବ ଷଡ଼ଙ୍ଗୀ, କବି ଚନ୍ଦ୍ରମଣି ଭୂୟାଁ ଯୋଗ ଦେଇଥିଲେ ।ସନ୍ଧ୍ୟାରେ ମଧୁସୂଦନ ମଣ୍ଡପରେ ରଜ ଉତ୍ସବ କମିଟିର ଆବାହକ ହରିବନ୍ଧୁ ଶତପଥୀ ଙ୍କ ପ୍ରତ୍ୟକ୍ଷ ତ%୦ାବଧାନରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ, ପୁରସ୍କାର ବିତରଣ ଉତ୍ସବରେ ସଭାପତିତ୍ୱ କରିଥିଲେ ।ମୁଖ୍ୟ ଅତିଥି ଭାବେ ଉତ୍କଳ ସାହିତ୍ୟ ସମାଜର ସାଧାରଣ ସମ୍ପାଦକ ରାଜୀବ ଷଡ଼ଙ୍ଗୀ,ମୁଖ୍ୟବକ୍ତା ଭାବେ ସାଲେପୁର ବ୍ଲକର ପୂର୍ବତନ ଅଧ୍ୟକ୍ଷ ରବୀନ୍ଦ୍ର ନାଥ କର,ସମ୍ମାନିତ ଅତିଥି ଭାବେ କମିଟିର ସଭାପତି ଅକ୍ଷୟ କୁମାର ଦାଶ, ସାହିତ୍ୟିକ ସମ୍ବିତ ଦାସ ଯୋଗଦେଇ ସାଲେପୁର ରେ ପାଳିତ ହେଉଥିବା ରଜ ମହୋତ୍ସବକୁ ଭୂୟସି ପ୍ରଶଂସା କରିଥିଲେ ।ଶିକ୍ଷୟତ୍ରୀ ଦୀପ୍ତିମୟୀ ରାଉତ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଧନ୍ୟବାଦ ଦେଇଥିଲେ ।ହେମନ୍ତ ନନ୍ଦଙ୍କ ସଂଯୋଜନାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ନିତ୍ୟଶ୍ରୀ କଳା ନିକେତନ ର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା । ଦର୍ଶକମାନେ ଏହାର ଭରପୁର ମଜା ଉଠାଇଥିଲେ ।ସାଲେପୁର ବ୍ଲକରେ ଏ୧ ଛାତ୍ରଛାତ୍ରୀ ମାନଙ୍କୁ ଏବଂ ଅନୁଷ୍ଠିତ ହୋଇଥିବା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀ ମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ ।ଏହି କାର୍ଯ୍ୟକ୍ରମ କୁ ନାଗମଣି ସ୍ୱାଇଁ,ଦୀପକ ଜେନା, ବୈକୁଣ୍ଠ ସ୍ୱାଇଁ, ରବୀନ୍ଦ୍ର ଜେନା, ସଞ୍ଜୟ ନାୟକ,ମହମ୍ମଦ ନଜରୁଲ ହାସନ ପ୍ରମୁଖ ଉପସ୍ଥିତ ରହି ପରିଚାଳନାକରିଥିଲେ ।

# ଦୂର ସମୁଦ୍ରରେ ହୃଦଘାତ ଶିକାର ନାବିକଙ୍କୁ ବଞ୍ଚାଇଲା ତଟରକ୍ଷୀ

ପାରାଦୀପ,( ଜି ପ୍ର ) : ଭାରତୀୟ ତଟରକ୍ଷୀ ବାହିନୀ ୧୪ ଜୁନ ୨୦୨୬ ତାରିଖରେ ବଙ୍ଗୋପସାଗରରେ ଲାଇବେରିଆନ ପତାକା ଏମଭି ଏମଏସସି ଡିଆ ଏଫ ଜାହାଜରୁ ହୃଦଘାତରେ ଆକ୍ରାନ୍ତ ଜଣେ ନାବିକଙ୍କ ଜୀବନ ବଂଚାଇବାରେ ସହାୟକ ହୋଇଛି । ୧୪ ଜୁନ ୨୦୨୬ ତାରିଖ ପ୍ରାୟ ୨ଟା ସମୟରେ, ଜାହାଜର ମାଷ୍ଟରଙ୍କଠାରୁ ଏକ ଖବର ଆସିଥିଲା ଯେଉଁଥିରେ ୩୯ ବର୍ଷ ବୟସ୍କ ଏବି ଭେଙ୍କଟେଶ କୃଷ୍ଣନଙ୍କୁ ଶ୍ରୀଲଙ୍କାର କଲମ୍ବୋ ଯାଉଥିବା ସମୟରେ ହୃଦଘାତ ଆକ୍ରାନ୍ତ ହୋଇଥିଲେ ଓ ଜରୁରୀକାଳୀନ ଚିକିତ୍ସା ଆବଶ୍ୟକ ହୋଇଥିଲା ।ସୂଚନା ପାଇବା ପରେ, ଭାରତୀୟ ତଟରକ୍ଷୀ ବାହିନୀ କାର୍ଯ୍ୟରେ ଲାଗିପଡ଼ିଥିଲା ଏବଂ ଜାହାଜ



ସହିତ ଯୋଗାଯୋଗ କରିଥିଲା ଏବଂ ସମୁଦ୍ରରେ ତୁରନ୍ତ ସହାୟତା ପାଇଁ ଟେଲି ଔଷଧ ଯୋଗାଇଥିଲା । ରୋଗୀଙ୍କୁ ତୁରନ୍ତ ଚିକିତ୍ସା ସେବା ଏବଂ ସ୍ଥାନାନ୍ତର କରିବା ପାଇଁ ପାରାଦୀପରୁ ଭାରତୀୟ ତଟରକ୍ଷୀ ବାହିନୀର ଇଣ୍ଟରସେପଟର ଡଙ୍ଗା ଆଇସିଜିଏସ ସି-୧୫୮ ତୁରନ୍ତ ନିୟୋଜିତ କରାଯାଇଥିଲା ।ସକାଳ ସମୟରେ ଦୂର ସମୁଦ୍ରଭିତରକୁ ଜାହାଜଟି ପାରାଦୀପରୁ ମର୍ଚ୍ଚାଣ୍ଟ ଜାହାଜ ସହିତ ସୁରକ୍ଷିତ ଭାବରେ ହୃଦଘାତରେ ଆକ୍ରାନ୍ତ ନାବିକଙ୍କୁ ଜାହାଜରେ ବସାଇ ଆଣିଥିଲେ । ପରବର୍ତ୍ତୀ ସମୟରେ,ଆଇସିଜିଏସ ସି-୧୫୮ ରୋଗୀଙ୍କୁ ପ୍ରାଥମିକ ଚିକିତ୍ସା ପ୍ରଦାନ କରି ପାରାଦୀପ ବନ୍ଦର ଅଭିମୁଖେ ଆଗେଇଲା, ଯେଉଁଠାରେ ତାଙ୍କୁ ଅଧିକ ବିଶେଷଜ୍ଞ ଚିକିତ୍ସା ସେବା ପାଇଁ ସ୍ଥାନୀୟ ଏଜେଣ୍ଟ ନିଯୁକ୍ତ ଜାହାଜ କମ୍ପାନୀକୁ ସୁରକ୍ଷିତ ଭାବରେ ହସ୍ତାନ୍ତର କରାଯାଇଥିଲା । ସମୁଦ୍ରରେ ଜୀବନ ସୁରକ୍ଷା ପାଇଁ ଭାରତୀୟ ତଟରକ୍ଷୀ ବାହିନୀର ଅବିଚଳିତ କାର୍ଯ୍ୟ ସଦା ସର୍ବଦା ପ୍ରଶଂସନୀୟ ବୋଲି କୁହାଯାଇଛି ।

# ଦୁଃଖିଶ୍ୟାମ ବୃଦ୍ଧାଶ୍ରମରେ ରଜ ପାଳନ

ସାଲେପୁର, (ସବ୍ୟୁ) : ଗଣପର୍ବ ରଜ ଅବସରରେ ସାଲେପୁର ବ୍ଲକର ବିଭିନ୍ନ ପଂଚାୟତରେ ରଜ ମହୋତ୍ସବ ଧୂମଧାମରେ ପାଳନ ହେଉଥିବାବେଳେ ରାମକୃଷ୍ଣପୁର ପଂଚାୟତ ଏଲମାପୁର ସ୍ଥିତ ଦୁଃଖିଶ୍ୟାମ ବୃଦ୍ଧାଶ୍ରମରେ ରଜ ପାଳନ ହୋଇଛି । ଏସ.ଏନ.ଫାଉଣ୍ଡେସନର ଅଧ୍ୟକ୍ଷ ରୋଟାରୀୟାନ ବିଶ୍ୱନାଥ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବୃଦ୍ଧାଶ୍ରମରେ ରଜ ପାଳନ କରାଯାଇଛି ।ସମସ୍ତ ଅନ୍ତେବାସୀ ମାନେ ନୂଆବସ୍ତ୍ର ପିନ୍ଧିବା ସହିତ ପୋଡପିଠା, ମିଠା ଓ ରଜ ପାନ ଖାଇ ଆନନ୍ଦିତ ହୋଇଥିଲେ । ଏହି ପରିପେକ୍ଷୀରେ କେନ୍ଦ୍ରାପଡ଼ାର ଅନୁଷଣ ଓ ସହାୟତା ବନ୍ଧୁ ଗ୍ରୁପ ପହଂଚି ବୃଦ୍ଧାଶ୍ରମରେ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ କରିବା ସହିତ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରିଥିଲେ ।ଅନ୍ତେବାସୀ ମାନେ ବହୁ ଆନନ୍ଦ ଉଲ୍ଲାସର ସହିତ ରଜ ପାଳନ କରିଛନ୍ତି ।ଏହି ନିଆରା ରଜ କାର୍ଯ୍ୟକ୍ରମକୁ ରୋଟାରୀୟାନ ଶ୍ରୀପଣ୍ଡାଙ୍କ ସହିତ ସାଲେପୁର ଲକ୍ଷ୍ମୀନୃସିଂହ ଯାଦବ ସଂଘ ସଭାପତି ପରମାନନ୍ଦ ପଲେଇ, ଶଙ୍କର୍ଷଣ ଦାସ,ଗୋପୀନାଥ ବେହେରା, ଦୁଃଖିଶ୍ୟାମ ବୃଦ୍ଧାଶ୍ରମର ଅଧକ୍ଷ ଅଜୟ ଜେନା ପ୍ରମୁଖ ପରିଚାଳନା କରିଥିଲେ ।

# ନିମ୍ନମାନର ଛତୁଆ ଯୋଗାଣ ବନ୍ଦ ପାଇଁ ଜିଲ୍ଲାପାଳଙ୍କୁ ଭେଟିଲା ସରପଞ୍ଚ ସଂଘ

ପଟ୍ଟାମୁଣ୍ଡାଇ,(ସବ୍ୟୁ) : ଅପପୃଷ୍ଟି ଜନିତ ଶିଶୁ ଏବଂ ମାତୃମୃତ୍ୟୁହାର ରୋକିବା ପାଇଁ ସରକାର ସମନ୍ୱିତ ମହିଳା ଓ ଶିଶୁ ବିକାଶ ଯୋଜନା ରେ ଶିଶୁ, କିଶୋରୀ ଓ ପ୍ରସୂତି ମହିଳାଙ୍କୁ ଶୁଖିଲା ଖାଦ୍ୟ ( ଛତୁଆ ) ପ୍ରଦାନ କରୁଛନ୍ତି । ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳ ରେ ସରକାରୀ ବ୍ୟବସ୍ଥାକୁ ଫୁ କରି ନିମ୍ନମାନର ଅପପୃଷ୍ଟିକର ଓ କମ ଓଜନର ଖାଦ୍ୟ ବଣ୍ଟନ କରାଯାଉଥିବା ପଟ୍ଟାମୁଣ୍ଡାଇ ବ୍ଲକ ର ସରପଞ୍ଚମାନଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି । ନିମ୍ନମାନର ଶୁଖିଲା ଶିଶୁ ଖାଦ୍ୟ ବଣ୍ଟନ ନେଇ କିଛି ହିତାଧିକାରୀ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଅଭିଯୋଗ କରିଥିଲେ ।ପରେ ଲାବୋରେଟରୀ ଟେଷ୍ଟ ରିପୋର୍ଟରେ ଛତୁଆରେ ଆବଶ୍ୟକୀୟ ମାନଠାରୁ ନିମ୍ନମାନର ପ୍ରୋଟିନ ଓ କ୍ୟାଲୋରୀ ଥିବା ଜଣାପଡିବା ପରେ ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇ ବ୍ଲକର ବିଭିନ୍ନ ପଞ୍ଚାୟତର ସରପଞ୍ଚ ମାନଙ୍କ ପକ୍ଷରୁ ସିଡ଼ିପିଓ ଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା ବୋଲି ସରପଞ୍ଚ ସଂଘ କହିଛି ।ବାରମ୍ବାର ହିତାଧିକାରୀ ଏବଂ ଜନପ୍ରତିନିଧିଙ୍କ ଅଭିଯୋଗ ପରେବି ପ୍ରଶାସନିକ ସ୍ତରରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ଯାଉନଥିବାର ଅଭିଯୋଗ କରି ଶିଶୁ ଏବଂ ମହିଳାଙ୍କ ସ୍ୱାସ୍ଥ୍ୟଗତ ସୁରକ୍ଷା ପାଇଁ ନିମ୍ନ ମାନର ଅପପୃଷ୍ଟିକର ଖାଦ୍ୟ ବଣ୍ଟନକୁ ବନ୍ଦ କରିବା ପାଇଁ ଜିଲ୍ଲାପାଳଙ୍କୁ ଭେଟି ସରପଞ୍ଚ ସଂଘ ଅଭିଯୋଗ ପତ୍ର ପ୍ରଦାନ କରିଛି । ଏହି ଦୁର୍ନୀତିର ଯଥାଶୀଘ୍ର ତଦନ୍ତ କରି ଏଥି ସହିତ ସମ୍ପୃକ୍ତ ଯୋଗାଣକାରୀ ସଂସ୍ଥା ମା ବୁଢ଼ୀ ଜାଗୁଲାଇ ସ୍ୱୟଂ ସହାୟକ ଗୋଷ୍ଠୀ ( ଖ ) କୁ ଖାଦ୍ୟ ଯୋଗାଣରୁ ବିରତ କରାଯାଇ କଳା ତାଲିକାଭୁକ୍ତ କରିବା ସହିତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ପଟ୍ଟାମୁଣ୍ଡାଇ ବ୍ଲକର ପ୍ରିୟବ୍ରତ ଓଝା, ସନ୍ତୋଷ ସେଠୀ , ନିରାକାର ନାୟକ, ନରେଶ ମଲିକ,ଦେବବ୍ରତ ନାୟକ, ବନୋଜ ସେଠୀ, ଅନିଲ ଲେଙ୍କା, ସନ୍ତୋଷୀନୀ ଜେନା ,ଦମୟନ୍ତୀ ସାମନ୍ତରାୟ ,କୁନି ସିଂ ,ସୁବାଷ ବାରିକ ପ୍ରମୁଖ ଜନପ୍ରତିନିଧି କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ଭେଟି ଦାବୀପତ୍ର ପ୍ରଦାନ କରିଛନ୍ତି ।

# ଚାମେଲିଙ୍କୁ ଭେଟିଲେ ବିଧାୟିକା ସୋଫିଆ

କେନ୍ଦ୍ରାପଡ଼ା, (ସବ୍ୟୁ) :କେନ୍ଦ୍ରାପଡ଼ା ଜିଲ୍ଲା ହସ୍ପିଟାଲରେ ପହଞ୍ଚି ଚାମେଲିଙ୍କୁ ଭେଟିଲେ ବିଧାୟିକା ସୋଫିଆ ଫିରଦୋସ । ଓଡିଶା ଜନତା କଂଗ୍ରେସର ଏକ ପ୍ରତିନିଧି ଦଳ ସହିତ ସୋଫିଆ ଚାମେଲିଙ୍କୁ ଭେଟି ଆଲୋଚନା କରିଥିଲେ । ମେଡିକାଲରେ ପହଞ୍ଚି ସୋଫିଆ ପୋଲିସର ବଡି କ୍ୟାମେରାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏହାଦ୍ୱାରା ଚାମେଲିଙ୍କ ପ୍ରାଇଭେସି ନଷ୍ଟ ହେଉଥିବା ସେ ଅଭିଯୋଗ କରିଛନ୍ତି । ଚାମେଲିଙ୍କ ସହିତ ହୋଇଥିବା ଦୁର୍ବ୍ୟବହାରକୁ କଠୋର ଭାଷାରେ ନିନ୍ଦା କରିବା ସହିତ ପୋଲିସର ଆକ୍ରୋଶମୂଳକ ବ୍ୟବହାରକୁ



ସେ ବିରୋଧ କରିଛନ୍ତି ।ତେବେ ଘଟଣାରେ ସମ୍ପୃକ୍ତ ବିଡିଓଙ୍କ ନିଲମ୍ବନ ଦାବି କରିଛନ୍ତି ସୋଫିଆ । ଚାମେଲିଙ୍କ ବିରୋଧରେ ଲାଗିଥିବା ଦଫା କୋହଳ କରିବା, ତାଙ୍କୁ ସୁରକ୍ଷା ଯୋଗାଇ ଦେବା, ତାଙ୍କ ପଞ୍ଚାୟତରେ ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ସେ ଦାବି କରିଛନ୍ତି ।

# ବାଇକ -ଅଟୋ ଧକ୍କା, ଜଣେ ଗୁରୁତର

ପାଣିକୋଇଲି,(ସବ୍ୟୁ) :ପାଣିକୋଇଲି ଥାନା ଅନ୍ତର୍ଗତ ଗୋଳେଇପୁର ପଂଚାୟତର ସାହାପୁର ଠାରେ ଆଜି ଅପରାହ୍ନରେ ବାଇକ ସହ ଅଟୋ ଧକ୍କା ହେବା ଫଳରେ ବାଇକ ଚାଳକ ଗୁରୁତର ଆହତ ହୋଇଥିବା ଜଣାପଡିଛି। ମଲପଡା ଗ୍ରାମର ଜଣେ ଯୁବକ ବାଇକ (ଓଆର ୦୪ଜି ୩୮୧୮)ରେ ଅପସରପୁର ପଟକୁ ଯାଉଥିବା ବେଳେ ସାହାପୁର ନିକଟରେ ଏକ ଅଟୋ (ଓଡି ୩୪ଓ୍ୱାଇ ୭୪୭୯୦) ସହିତ ଉଭୟଙ୍କ ମଧ୍ୟରେ ଧକ୍କା ହୋଇଥିଲା। ଦୁର୍ଘଟଣାରେ ବାଇକ ଆରୋହୀ ଗୁରୁତର ଆହତ ହୋଇଥିବା ବେଳେ ତାକୁ ତୁରନ୍ତ ୧୦୮ ଆମ୍ବୁଲାନ୍ସ ଯୋଗେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଘଟଣାସ୍ଥଳେ ପାଣିକୋଇଲି ପୁଲିସ ପହଂଚି ଅଟୋସହ ବାଇକକୁ ଜବତ କରିଛି।

# ବାଇକ ଚୋରି

ପାଣିକୋଇଲ,(ସବ୍ୟୁ) : ପାଣିକୋଇଲି ବଜାରର ତୃପ୍ତି ହୋଟେଲ ପଛପଟେ ଭର ଭଡା ନେଇ ରହୁଥିବା କେନ୍ଦୁଝର ଜିଲ୍ଲା ଘଟଗାଁ ଥାନା ଅନ୍ତର୍ଗତ ସାନ୍ତରାପୁର ଗ୍ରାମର ବାସୁଦେବ ମୁଣ୍ଡାଙ୍କ ପୁଅ ଡାକ୍ତର ମୁଣ୍ଡାଙ୍କ ଏକ ବାଇକ ଚୋରି ଅଭିଯୋଗ ହୋଇଛି। ସେ ଭଡା ଘର ବାଉଣ୍ଡରୀ ଭିତରେ ସବୁଦିନ ପରି ତାଙ୍କ ବାଇକ ରଖଥିଲେ। ବାଇକ ଚୋରି ପରେ ଥାନାରେ ଏ ଅଭିଯୋଗ କଲାପରେ ଏକ ମାମଲା ୨୨୬/୨୬ ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

# ବିଲରୁ ଉଦ୍ଧାର ୧୬ ଫୁଟ ୪ ଇଞ୍ଚର କୁମ୍ଭୀର

ରାଜନଗର,(ସବ୍ୟୁ) : କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ଜରିମୂଳ ବ୍ୟାଙ୍କ ଅଫ ବରୋଦା ସମୁଖରେ ଥିବା କେନାଲରେ ବିରାଟକାୟ କୁମ୍ଭୀର ଭାସୁଥିବା ନେଇ ଦୀର୍ଘ ଦିନ ହେବ ଅଞ୍ଚଳବାସୀ ବନବିଭାଗକୁ ଜଣାଇ ଆସୁଥିଲେ ।୨ ବର୍ଷ ତଳେ ସେହି ସ୍ଥାନଠାରୁ ୫୦୦ ମିଟର ଦୂରରେ ଜଣଙ୍କ ବ୍ୟକ୍ତିଗତ ପୋଖରୀ ରେ ପଶି ମହିଳାଙ୍କୁ ଟାଣି ନେଇଥିଲା କୁମ୍ଭୀର । ସେତବେଳେ କେନାଲ ମଧ୍ୟରୁ କୁମ୍ଭୀରକୁ ଧରି ଭିତରକନିକା ଜାତୀୟ ଉଦ୍ୟାନ ମଧ୍ୟରେ ଥିବା ନଦୀରେ ଛାଡିଦିଆଯାଇଥିଲା । ମାତ୍ର ଗତ ୧ ବର୍ଷ ହେଲା ବିରାଟକାୟ କୁମ୍ଭୀର ଜରିମୂଳ ବଜାର ନିକଟରେ ଥିବା କେନାଲରେ ଭାସିବା ସହ ଅଞ୍ଚଳରେ ଆତଙ୍କ ଖେଳାଇଥିଲା । କୁମ୍ଭୀରକୁ ଧରିବା ପାଇଁ ବନବିଭାଗ ବହୁବାର ଉଦ୍ୟମ କରି ମଧ୍ୟ ବିଫଳ ହୋଇଥିଲା । କୁମ୍ଭୀର ବଜାର ନିକଟରେ ଜଗି ରହୁଥିବାରୁ ଲୋକମାନେ ଆତଙ୍କିତ ଅବସ୍ଥାରେ ଥିଲେ । କୁମ୍ଭୀର ଆକ୍ରମଣର ଆଶଙ୍କା କରି ଲୋକଙ୍କ ମଧ୍ୟରେ ପତିକ୍ରିୟା ପ୍ରକାଶ ପାଇଥିଲା । ଆଜି ରାଜନଗର ରେଞ୍ଜର ଫରେଷ୍ଟର ବିଜୟ କୁମାର ପାତ୍ର ଓ ଫରେଷ୍ଟ ଗାର୍ଡ ତ୍ରିଦୀପ ପ୍ରଧାନଙ୍କ ସହିତ କନିକା ରେଞ୍ଜର ,ବନକର୍ମଚାରୀ ଯଶୋବନ୍ତ ବେହେରାଙ୍କନେତୃତ୍ୱରେ ୮ ଜଣ ବନ କର୍ମଚାରୀ ପହଞ୍ଚିବା ପରେ କୁମ୍ଭୀରକୁ କାବୁ କରିବାରେ ବନବିଭାଗ ସଫଳ ହୋଇଛି ।କେନାଲରେ ଦୁଇ ପଟରେ ଦିଆଯାଇଥିବା ଜାଲକୁ ଦେଖି ଜାଲ ଛିଣ୍ଡାଇ ବିଲକୁ ଉଠି ଦୌଡିବାରେ ଲାଗିଥିଲା ।କୁମ୍ଭୀର ଯଶୋବନ୍ତଙ୍କ ନେତୃତ୍ୱରେ ଟିମ ସାହସିକତାର ସହିତ ଦୌଡୁଥିବା କୁମ୍ଭୀର ଉପରେ ଜାଲ ପକାଇ ତାକୁ ଧରିବାରେ ସଫଳ ହୋଇଥିଲେ । ଏ ପ୍ରକାର ଘଟଣା ଆମ ଅଞ୍ଚଳରେ ପ୍ରଥମ ହୋଇଥିବାରୁ ଲୋକମାନଙ୍କ ମଧ୍ୟରେ ଭୟର ବାତାବରଣ ଖେଳି ଯାଇଛି । ବନବିଭାଗ ପକ୍ଷରୁ ସତର୍କତା ଅବଲମ୍ବନ କରିବା ସହ ସଚେତନତା କରିବା , ଲୋକମାନଙ୍କର ଧନ ଓ ଜୀବନ ପ୍ରତି ଗୁରୁତ୍ୱ ଦେବା ପାଇଁ ସାଧାରଣରେ ଦାବି ହୋଇଛି ।

# ୧୧ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ୭ ମଇଁଷି ମୃତ : ରାସ୍ତାରୋକ୍



ଖଣ୍ଡପଡ଼ା/କଣ୍ଟିଲୋ ,(ସବ୍ୟୁ): ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ ଅଧୀନ ବଡ଼ ବାଣପୁର ପଞ୍ଚାୟତ ଘଣାଶାଳିଆ ଗ୍ରାମରେ ସୋମବାର ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି । ୧୧ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ୭ଟି ମଇଁଷିଙ୍କ ମୃତ୍ୟୁ ଘଟିଛି । ମୃତ ମଇଁଷି ଗୁଡ଼ିକ ଘଣାଶାଳିଆର ଗୋପାଳକ ବୀର ବେହେରାଙ୍କ ସ୍ତ୍ରୀ ନିରୁପମା ବେହେରାଙ୍କ ବୋଲି ଜଣାପଡିଛି । ମଇଁଷିଗୁଡିକ ନିକଟସ୍ଥ କୁମୁଣ୍ଡି ଅଞ୍ଚଳରେ ଥିବା ବିଲକୁ ଚରିବାକୁ ଯାଇଥିଲେ । ସେତିକିବେଳେ ଉକ୍ତ ଜମି ଦେଇ ଯାଇଥିବା ୧୧ କେଭି ବିଦ୍ୟୁତ ତାର ଛିଣ୍ଡି ପଡି ଜମିରେ ପଡ଼ିରହି ଥିବା ବେଳେ ମଇଁଷି ଗୋଠର ୭ଟି ମଇଁଷି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଘଟଣାସ୍ଥଳରେ ମୃତ୍ୟୁ ବରଣ କରିଥିଲେ । ଅନ୍ୟପକ୍ଷେ ଘଟଣାର ଦୀର୍ଘ ସମୟ ପରେ ମଧ୍ୟ ବିଦ୍ୟୁତ୍ତି ବିଭାଗର କୌଣସି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ନ ଥିବାରୁ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା । କ୍ଷତିପୂରଣ ଦାବିରେ ଉତ୍ତେଜିତ ଗ୍ରାମବାସୀ କଣ୍ଟିଲୋ-ଗଣିଆ ୪୮ ନମ୍ବର ରାଜ୍ୟ ରାଜପଥ କୁମୁଣ୍ଡି-ରତନପୁର ଗ୍ରାମ ନିକଟରେ ରାସ୍ତା ଅବରୋଧ କରି ଆନ୍ଦୋଳନ କରିଥିଲେ ।ଖବର ପାଇ କଣ୍ଟିଲୋ ଫାଣ୍ଡି ଅଧିକାରୀ ସ୍ୱାଗତ ଦାସ ଏବଂ ଖଣ୍ଡପଡ଼ା ଆଇଆଇସି କୃତିବାସ ହରିଚନ୍ଦନ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ । ହେଲେ ଆନ୍ଦୋଳନକାରୀମାନେ ଗୋପାଳକଙ୍କୁ କ୍ଷତିପୂରଣ ଦେବାକୁ ଅଡି ବସିଥିଲେ । ଏପରିକି ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ଏଭଳି ଘଟଣା ଘଟିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି ।ସୂଚନାଯୋଗ୍ୟ, ଗୋଟିଏ ଗୋଟିଏ ମଇଁଷିର ଦାମ ୭୦ରୁ ୮୦ ହଜାର ଟଙ୍କା ହୋଇଥିବା ବେଳେ ସେଥିମଧ୍ୟରୁ ୩ଟି ଗର୍ଭବତୀ ମଇଁଷି ଥିବା ଜଣାପଡିଛି । ଘଟଣା ସମ୍ପର୍କରେ ଟିପିସିଓଡିଏଲ ଖଣ୍ଡପଡ଼ା ଉପଖଣ୍ଡ ସହକାରୀ ଯନ୍ତ୍ରୀ ଅନିଲ କୁମାର ସାହୁଙ୍କୁ ଯୋଗାଯୋଗ କରିବାରେ ଘଟଣାସ୍ଥଳକୁ ବିଭାଗୀୟ ଯନ୍ତ୍ରୀଙ୍କୁ ପଠାଯିବ । ଘଟଣାର ତଦନ୍ତ ପରେ ବିଭାଗୀୟ ଆଇନ ଅନୁଯାୟୀ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ରାଶି ଯୋଗାଇଦିଆଯିବ ବୋଲି କହିଛନ୍ତି ।

# ଆକ୍ୱାଗାର୍ଡ ଦୋକାନରେ ଜଳିଗଲା ୧୦ ଲକ୍ଷ ଟଙ୍କା ସାମଗ୍ରୀ

ଟାଙ୍ଗୀ,(ସବ୍ୟୁ): ରବିବାରପୂର୍ବାହ୍ନରେ ଚାନ୍ଦପୁର ରେ ଥିବା ଏକ ଆକ୍ୱାଗାର୍ଡ ଦୋକାନରେ ନିଆଁ ଲାଗି ପ୍ରାୟ ୧୦ ଲକ୍ଷ ଟଙ୍କାର ଜିନିଷ କ୍ଷତି ହୋଇଥିବା ଜଣାପଡିଛି । ନିଆଁ ଲାଗିବାର କାରଣ ଅସ୍ପଷ୍ଟ ଥିଲେ ମଧ୍ୟ ଧୂପକାଠି ନିଆଁ କିମ୍ବା ସର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ଅଗ୍ନିଶମ ବିଭାଗ ଅନୁମାନ କରୁଛି । ଚାନ୍ଦପୁର ବଜାର ଅଞ୍ଚଳରେ ଥିବା ଏକ ଆକ୍ୱାଗାର୍ଡ ଦୋକାନୀ ମାଲିକ ସକାଳେ ଦୋକାନ ଖୋଲି ପୂଜା ସରିବା ପରେ ସଟର ପକାଇ କୌଣସି ଏକ କାମରେ ବଜାରକୁ ଯାଇଥିବାବେଳେ ଦୋକାନରୁ ଧୂଆଁ ବାହାରିଥିଲା । ପଡିଶା ଦୋକାନୀ ଦେଖି ଦୋକାନୀ ମାଲିକଙ୍କୁ ଫୋନ କରିବା ପରେ ଦୋକାନ ତାଲା ପଡ଼ିନାହିଁ କହିବାରୁ ସେ ସଟର ଖୋଲି ପାଣି ପକାଇଥିଲେ ।ନିଆଁ ଆୟତ ଅବସ୍ଥାରେ ନଥିବାରୁ ଅଗ୍ନିଶମ ବାହିନୀକୁ ଜଣାଇବା ପରେ ଘଟଣା ସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲେ । ନିଆଁ ଲାଗିବାର କାରଣ ଅସ୍ପଷ୍ଟ ଥିବାବେଳେ, ଦୋକାନ ପୂଜାରେ ବ୍ୟବହୃତ ଧୂପକାଠି କିମ୍ବା ସଟସର୍କିଟ ରୁ ହୋଇଥିବା ନେଇ ଅନୁମାନ କରାଯାଉଛି । ଦୋକାନରେ ଥିବା ଆକୁଆଗାର୍ଡ, ଚେମିନି ଓ ଅନ୍ୟାନ୍ୟ ସାମଗ୍ରୀର ମୂଲ୍ୟ ୧୦ ଲକ୍ଷ ଟଙ୍କା ହେବ ବୋଲି ଦୋକାନୀ ମାଲିକ ଓ ଅଗ୍ନିଶମ ବିଭାଗ ଆକଳନ କରିଛନ୍ତି ।

# ପୃଥକ ଦୁର୍ଘଟଣା : ୪ ଗୁରୁତର

ଗୋପ ,(ସବ୍ୟୁ): ସୋମବାର ସନ୍ଧ୍ୟାରେ ଗୋପ କଲେଜ ଛକ ନିକଟରେ ପଲସର ଧାମାରେ ଜଣେ ପାଇଡ଼ ବେପାରୀ ଗୁରୁତର ହୋଇଥିବା ବେଳେ ପଲସର ବାଇକରେ ଥିବା ଦୁଇ ଛାତ୍ର ଆହତ ହୋଇ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି ।ତେବେ ପାଇଡ଼ ବେପାରୀଙ୍କ ଗୋଟିଏ ଗୋଡ଼ ଭାଙ୍ଗି ଯାଇଥିବା ବେଳେ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଛି ତେବେ ଅବସ୍ଥା ଗୁରୁତର ଥିବାରୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ସ୍ଥନତରିତ ହୋଇଛନ୍ତି ।ପ୍ରକାଶ ଯେ ଗ୍ରାମର ପ୍ରିୟଦର୍ଶୀ ସାମନ୍ତରାୟଙ୍କ ପୁଅ ଦେବବ୍ରତ ସାମନ୍ତରାୟ (ବ) ୨୨ ଓ ସାଙ୍ଗ ଜଗତସିଂହପୁର ବାଲିକୁଦା ଅଞ୍ଚଳର ମାନସ ରଞ୍ଜନ ବିଶ୍ୱାଳ(୨୩) ପଲସର ବାଇକ ନ-ଓ ୨୧ଏ୫୦୪୧ ଭୁବନେଶ୍ୱର ଯାଉଥିବା ବେଳେ କୁସୁପୁର ଗ୍ରାମର କେଦାର ଭୋଇ (ବ) ୪୧ କୁ କଲେଜଛକ ନିକଟରେ ପଛ ପଟୁ ଧକା ଦେବା ଫଳରେ ପାଇଡ଼ ବେପାରୀ ଗୁରୁତର ହୋଇଛନ୍ତି ।

# ଖତ ଖାଉଛି ଲକ୍ଷ ଲକ୍ଷ ଟଙ୍କାର ଓପନ ଜିମ ସାମଗ୍ରୀ

ଦଶପଲ୍ଲା, (ସବ୍ୟୁ): ଦଶପଲ୍ଲା ଏନ ଏ ସି ରେ ଖତ ଖାଉଛି ଲକ୍ଷ ଲକ୍ଷ ଟଙ୍କାର ଓପନ ଜିମ ସାମଗ୍ରୀ । ବିଜେଡି ସରକାର ସମୟ ରେ ହୋଇଥିବା ମୁକ୍ତା ଯୋଜନାରେ ସହରି କରଣ ବ୍ୟବସ୍ଥାକୁ ସୁଦୃଢ଼ୀ କରଣ କରିବା ଲକ୍ଷ୍ୟରେ ଅର୍ବାନ ଡିପାର୍ଟମେଣ୍ଟ ପକ୍ଷରୁ ଏହି ଓପନ ଜିମ ସାମଗ୍ରୀ ଯୋଗାଇ ଦିଆଯାଇଥିଲା । ଏନ ଏ ସି ର ବିଭିନ୍ନ ଓ୍ୱାର୍ଡ଼ ରେ ଏହି ସାମଗ୍ରୀ କୁ ଲଗାଯିବା ପାଇଁ ବ୍ୟବସ୍ଥା ଥିବା ବେଳେ ଲୋକ ମାନଙ୍କ ସଓ୍ୱାସ୍ଥ୍ୟ ପ୍ରତି ଗୁରୁତ୍ୱ ଦିଆଯାଇ ଏହି ସାମଗ୍ରୀ ଯୋଗାଇ ଦିଆଯାଇଛି । ମାତ୍ର ଇତିମଧ୍ୟରେ ମାସ ମାସ ଧରି ବିତିଯାଇଥିଲେ ମଧ୍ୟ ଏହି ସାମଗ୍ରୀ ପୁରୁଣା ଏନ ଏ ସି ଅଫିସ କାର୍ଯ୍ୟାଳୟ ନିକଟରେ ପଡି ରହିଛି । ଲଟାବୁଦା ମଧ୍ୟରେ ପଡିରହିଥିବା ଏହି ଲୁହାସାମଗ୍ରୀ ଗୁଡିକ ଏବେ କଳଙ୍କି ଲାଗି ନଷ୍ଟ ହେବାରେ ଲାଗିଥିବା ବେଳେ ଏଥି ପ୍ରତି ଏନ ଏ ସି କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନଥିବା ଅଭିଯୋଗ ହେଉଛି । ଏ ନେଇ ଏନ ଏ ସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଭିନାଶ ମହାନ୍ତିଙ୍କୁ ପଚରାଯିବାରୁ ଖୁବ ଶୀଘ୍ର ଏହାକୁ ବ୍ୟବହାର କରାଯିବ । ମୁଖ୍ୟମନ୍ତ୍ରୀ ସହରିକରଣ ଯୋଜନାରେ ବିଭିନ୍ନ ଓ୍ୱାର୍ଡ଼ ରେ ଜାଗା ଚିହ୍ନଟ କରାଯାଇ ଏଥିରେ ବ୍ୟବହାର କରାଯିବ ବୋଲି ପ୍ରକାଶ କରିଛନ୍ତି । ତେବେ ଆଗକୁ ବର୍ଷା ଆସୁଥିବା ବେଳେ ବାହାରେ ପଡି ରହିଥିବା ଏହି ଓପନ ଯିମ ସାମଗ୍ରୀ କେବେ ବ୍ୟବହାର କରାଯିବ ତାହା ଦେଖିବାକୁ ବାକି ରହିଲା ।

# ମା ଉଗ୍ରତାରା ନାରାୟଣୀଯୁଥ କ୍ଲବର ପଥଚାରୀଙ୍କୁ ଦହିପାଣି ବଣ୍ଟନ

ନିରାକାରପୁର ,(ସବ୍ୟୁ): ପ୍ରବଳ ଖରା ଓ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ମା ଉଗ୍ରତାରା ନାରାୟଣୀଯୁଥ କ୍ଲବ, ମୂଳିଝରେ ପକ୍ଷରୁ ଏକ ଜଳଛତ୍ର ଖୋଲାଯାଇ ପଥଚାରୀ ଓ ସାଧାରଣ ଲୋକଙ୍କୁ ଦହିପାଣି ବଣ୍ଟନ କରାଯାଇଛି । ଏହି ସେବା କାର୍ଯ୍ୟକ୍ରମରେ କ୍ଲବର ସଦସ୍ୟମାନେ ସକ୍ରିୟ ଭାବେ ଯୋଗଦେଇ ରାସ୍ତାରେ ଯାତାୟାତ କରୁଥିବା ଏବଂ ରଜରେ ଆସୁଥିବା ଲୋକଙ୍କୁ ଶୀତଳ ଦହିପାଣି ପ୍ରଦାନ କରିଥିଲେ ।ସ୍ଥାନୀୟ ଅଞ୍ଚଳବାସୀ ଏହି ପଦକ୍ଷେପକୁ ପ୍ରଶଂସା କରିବା ସହ ଯୁବଗୋଷ୍ଠୀଙ୍କ ଏଭଳି ସମାଜସେବାମୂଳକ କାର୍ଯ୍ୟକୁ ସଓ୍ୱାଗତ କରିଛନ୍ତି ।

# ନିମ୍ନମାନର ସିମେଣ୍ଟ କାର୍ଯ୍ୟ ବନ୍ଦ କଲେ ଗ୍ରାମବାସୀ

କାକଟପୁର ,(ସବ୍ୟୁ): ଗ୍ରାମାଞ୍ଚଳର ବିକାଶ ପାଇଁ ସରକାର ପ୍ରତିବର୍ଷ ଲକ୍ଷ ଲକ୍ଷ ଟଙ୍କାର ପାଣ୍ଠି ଯୋଗାଇ ଦେଉଥିବା ବେଳେ, କେତେକ ଅସାଧୁ ଅଧିକାରୀ ଓ ଠିକାଦାର ମଧୁଚନ୍ଦ୍ରିକା ଯୋଗୁଁ ଏହି ଅର୍ଥର ବ୍ୟାପକ ହରିଲୁଟ ହେଉଥିବା ଅଭିଯୋଗ ହୋଇଛି । ଏଭଳି ଏକ ସମ୍ବେଦନଶୀଳ ଘଟଣା ପୁରୀ ଜିଲ୍ଲା କାକଟପୁର ବ୍ଲକ ଅନ୍ତର୍ଗତ ପାଟପୁର ଢ଼ିଅ ସାହି ଗ୍ରାମରେ ଦେଖିବାକୁ ମିଳିଛି । ଗ୍ରାମରେ କୈଳାସ ରାଉତ ଘର ଠାରୁ ନରେନ୍ଦ୍ର ରାଉତ ଘର ପର୍ଯ୍ୟନ୍ତ ଚାଲିଥିବା ସିମେଣ୍ଟ କଂକ୍ରିଟ ରାସ୍ତା ମରାମତିକାର୍ଯ୍ୟରେ ଅତ୍ୟନ୍ତ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଉଥିବାରୁ, ଏହାକୁ ବିରୋଧ କରି ଗ୍ରାମବାସୀମାନେ ଏକତ୍ରିତ ହୋଇ କାର୍ଯ୍ୟ ବନ୍ଦ କରିଦେବା ସହ ଏକ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି । ଢ଼ିଅ ସାହି ଗ୍ରାମର ରାସ୍ତା ସୁଧାର ପାଇଁ ସରକାରଙ୍କ ପକ୍ଷରୁ ୧ ଲକ୍ଷ ଟଙ୍କାର ବଜେଟ ମଞ୍ଜୁର ହୋଇଥିଲା । ଏହି ଅର୍ଥରେ ସିମେଣ୍ଟ କଂକ୍ରିଟ ରାସ୍ତା ମରାମତ କାମ ଆରମ୍ଭ ହୋଇଥିଲା । ମାତ୍ର ଅଭିଯୋଗ ମୁତାବକ, ନିର୍ମାଣ କାର୍ଯ୍ୟରେ ସିମେଣ୍ଟ ଓ ମେଣ୍ଟାଲ ମାତ୍ରା ଅତି ନଗଣ୍ୟ ରଖାଯାଇ



କେବଳ ବାଲି ଗୋଡ଼ି ମିଶାଇ କାମ ଶେଷ କରିବାକୁ ଚେଷ୍ଟା କରାଯାଉଥିଲା । ରାସ୍ତା କାମ ଅତି ନିମ୍ନମାନର ହେଉଥିବା ଦେଖି ଢ଼ିଅ ସାହି ଗ୍ରାମର ମହିଳା ଓ ପୁରୁଷମାନେ ଏକତ୍ରିତ ହୋଇ କାର୍ଯ୍ୟସ୍ଥଳରେ ପହଞ୍ଚିଥିଲେ । ସେମାନେ କାର୍ଯ୍ୟ କରୁଥିବା ଶ୍ରମିକ ଓ ଦାୟିତ୍ୱରେ ଥିବା ବ୍ୟକ୍ତିଙ୍କୁ ଏଭଳି କାମର କାରଣ ପଚାରିବା ସହ ଉତ୍ତେଜନା ପ୍ରକାଶ କରିଥିଲେ । ପରିସ୍ଥିତି ଏପରି ହୋଇଥିଲା ଯେ ଗ୍ରାମବାସୀମାନେ ସଂଘଠିତ ହୋଇ ଚାଲୁଥିବା ସିମେଣ୍ଟ କଂକ୍ରିଟ କାମକୁ ସମ୍ପୂର୍ଣ୍ଣ ବନ୍ଦ କରିଦେଇଛନ୍ତି ।ଗ୍ରାମବାସୀମାନେ ଏହି ଘଟଣାର ଏକ ନିରପେକ୍ଷ ତଦନ୍ତ କରି ଦୋଷୀ ଠିକାଦାର କିମ୍ବା ଯନ୍ତ୍ରୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି । ଯଦି ପ୍ରଶାସନ ଏଥିପ୍ରତି ତୁରନ୍ତ ପଦକ୍ଷେପ ନ ନିଏ, ତେବେ ଆଗାମୀ ଦିନରେ ଆନ୍ଦୋଳନ ବ୍ୟାପକ ହେବ ବୋଲି ଗ୍ରାମବାସୀ କହିଛନ୍ତି ।

# ରଜରେ ଝଲସିଲା ବୋରିକ ଯାତ୍ରା ପଡ଼ିଆ

## କଳା, ସଂସ୍କୃତି ଓ ସମାଜସେବାର ହେଲା ମହାମିଳନ

ଫୁଲନଖରା ,(ସବ୍ୟୁ): :ଓଡ଼ିଆଙ୍କ ପାରମ୍ପରିକ ଗଣପର୍ବ ରଜକୁ ଆହୁରି ସ୍ମରଣୀୟ ଏବଂ ସାଂସ୍କୃତିକ ରୂପ ଦେବା ଉଦ୍ଦେଶ୍ୟରେ ବୋରିକ ଯାତ୍ରା ପଡ଼ିଆ କୋରକରା ଠାରେ ବୋରିକ ଉନ୍ନୟନ ପରିଷଦ ଓ ବିଚିତ୍ର ଦୁନିଆ ମିଡିଆ ଆଣ୍ଡ ପବ୍ଲିକେସନ ମିଳିତ ଆନୁକୂଲ୍ୟରେ ରଜ ମହୋତ୍ସବ-୨୦୨୬ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଗ୍ରାମବାସୀ, ବୁଦ୍ଧିଜୀବୀ, ସାମାଜିକ କର୍ମୀ ଓ ସାଂସ୍କୃତିକ ପ୍ରେମୀଙ୍କ ବିପୁଳ ସମାଗମ ପରିଲକ୍ଷିତ ହୋଇଥିଲା । କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ପ୍ରସନ୍ନ ପାଟଶାଣୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରଜ ପର୍ବ ଓ ଓଡ଼ିଆ ସଂସ୍କୃତିର ମହ‰ ସମ୍ପର୍କରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମର ଆରମ୍ଭ ସକାଳ ସମୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ମାଧ୍ୟମରେ ହୋଇଥିଲା । ରଙ୍ଗାରଙ୍ଗ ସାଂସ୍କୃତିକ ସନ୍ଧ୍ୟାରେ ଆୟୋଜିତ ହୋଇଥିଲା ଏହି ମହୋତ୍ସବରେ ଚଳଚ୍ଚିତ୍ର ନିର୍ଦ୍ଦେଶକ ଜିତୁ ରାଉତ, ସିନେ କଳାକାର ମିଟୁ ମିଥୁନ, ସାମାଜିକ କର୍ମୀ ଶ୍ରୀକୁମାର ଜେନା, ବରିଷ୍ଠ ଆଇନଜୀବୀ



ରଶ୍ମୀ ରଞ୍ଜନ ଶତପଥୀ ଏବଂ ବରିଷ୍ଠ ସାମ୍ବାଦିକ ଲଳିତ କୁମାର ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରଜ ମହୋତ୍ସବର ସଫଳତା ପାଇଁ ଶୁଭେଚ୍ଛା ଜଣାଇଥିଲେ । ବିଚିତ୍ର ଦୁନିଆ ମିଡିଆ ଆଣ୍ଡ ପବ୍ଲିକେସନ୍ର ଅଧକ୍ଷ ପ୍ରଣବ କୁମାର ବିଶ୍ୱାଳ ଏବଂ ବୋରିକ ଉନ୍ନୟନ ପରିଷଦର କର୍ମକର୍ତ୍ତା ଆଲୋକ ସ୍ୱାଇଁ, ସବ୍ୟସାଚୀ ବିଶ୍ୱାଳ, ଅଜୟ ବିଶ୍ୱାଳ, ଅରବିନ୍ଦ ସ୍ୱାଇଁ, ବିଶ୍ୱନାଥ ମଲ୍ଲିକ, ଅତିଥି ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମର ସୁଚାରୁ ପରିଚାଳନାରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ । ଏହି ଅବସରରେ ସମସ୍ତ ଅତିଥି ଓ ବରିଷ୍ଠ ସାମ୍ବାଦିକମାନଙ୍କୁ ଉତ୍ତରୀୟ, ମାନପତ୍ର ଓ ସ୍ମାରକ ପ୍ରଦାନ କରି ସମ୍ମାନିତ କରାଯାଇଥିଲା ।ବିଶେଷ କରି ବୋରିକ ଅଞ୍ଚଳର ବିକାଶ ଓ ସମାଜସେବା ମୂଳକ କାର୍ଯ୍ୟକ୍ରମକୁ ସଫଳ ରୂପ ଦେବାରେ ମୁଖ୍ୟ ଭୂମିକା ନିର୍ବାହ କରିଥିବା ଆଲୋକ ସ୍ୱାଇଁଙ୍କୁ ରଜ ମହୋତ୍ସବ ଗୌରବ ସମ୍ମାନ୨୦୨୬ ପ୍ରଦାନ କରାଯାଇଥିଲା ।

# ପରମ୍ପରା ଭିତ୍ତିକ ଗଣପର୍ବ ରଜ ଉତ୍ସବ

କୋଣାର୍କ ,(ସବ୍ୟୁ): ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ଠାରେ ବିଭିନ୍ନ ସଂଗଠନ ପକ୍ଷରୁ ପରମ୍ପରା ଭିତ୍ତିକ ୩ ଦିନିଆ ଗଣପର୍ବ ରଜ ଉତ୍ସବ ଶୁଭାରମ୍ଭ କରାଯାଇଛି । ଖବରରୁ ପ୍ରକାଶ ଯେ ଉତ୍କଳୀୟ ପର୍ବପର୍ବାଣୀ ଓ ପରମ୍ପରା ମଧ୍ୟରେ ଗଣପର୍ବ ରଜ ଉତ୍ସବ ସହର ଠୁ ଗାଁ ପର୍ଯ୍ୟନ୍ତ ଧୁମ ଧାମରେ ପାଳନ କରାଯାଉଛି । ଏହି ପରିପ୍ରେକ୍ଷୀରେ କୋଣାର୍କ ସ୍ଥିତ ଓଡିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଦାରା ପରିଚାଳିତ କୋଣାର୍କ ଯାତ୍ରୀ ନିବାସ ଠାରେ ୩ ଦିନିଆ ରଜ ମହୋତ୍ସବ ଶୁଭାରମ୍ଭ ହୋଇଛି । ଏହି ଉଦଘାଟନୀ ସମାରୋହରେ ଅତିଥି ଭାବରେ କୋଣାର୍କ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଢିଆରୀ, କୋଣାର୍କ ଏନଏସି ନିର୍ବାହୀ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ଜେନା, ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ରାମକୃଷ୍ଣ ମହାନ୍ତି ଓ ଯାତ୍ରୀ ନିବାସ ପରିଚାଳକ ବାପି ରଂଜନ ସାହୁ ପ୍ରମୁଖ ଯୋଗ ଦେଇ ପରମ୍ପରା ଭିତ୍ତିକ, କୃଷି ଓ କୃଷକର ପର୍ବ ଓ ଗଣପର୍ବ ରଜର ଐତିହ୍ୟ ଓ ମହନତା



ବିଷୟରେ ଆଲୋକପାତ କରିଥିଲେ । ଏହି ପରିପ୍ରେକ୍ଷୀରେ କୋଣାର୍କ ଯାତ୍ରୀ ନିବାସ ଠାରେ ବିଭିନ୍ନ ପ୍ରକାରର ସୁସ୍ୱାଦ ଖାଦ୍ୟ ଓ ପିଠାର ଷ୍ଟଲକୁ ଅତିଥି ମାନେ ବୁଲି ଦେଖିବା ସହ ଏହାର ଶୁଭାରମ୍ଭ କରିଥିଲେ । ଏହି ଷ୍ଟଲରେ ଆରିସା, କାକରା, ଗଜା ମଣ୍ଡା, ପୋଡ ପିଠା, ଏଣ୍ଡୁରି ପିଠା, ଛେନା ପୋଡ, ତେଲ ପିଠା ସମେତ ବିଭିନ୍ନ ପ୍ରକାରର ପିଠା ପ୍ରଦର୍ଶିତ ହୋଇଛି ।ପରେ ପରେ ଅତିଥି ମାନେ ରଜ ଦୋଳିର ମଜା ନେଇଥିଲେ । ଏହି କାର୍ଯ୍ୟକ୍ରମକୁ ଯାତ୍ରୀ ନିବାସର କର୍ମଚାରୀ ମାନେ ପରିଚାଳନା କରିଥିଲେ । ସେହି କୋଣାର୍କ ଭଗବତୀ ପୀଠ ଠାରେ ଅନୁଷ୍ଠିତ ରଜ ମହୋତ୍ସବର ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କୋଣାର୍କ ଏନଏସି ଅଧକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଏହାର ଶୁଭାରମ୍ଭ କରିଥିଲେ । ସାମାଜିକ ସଂଗଠନ ଅର୍କଶ୍ରୀ ପକ୍ଷରୁ ଆୟୋଜିତ ରଜ ଉତ୍ସବର ଉଦଘାଟନୀ ସମାରୋହରେ ଭଜନ, ସମ୍ବଲପୁରୀ ନୃତ୍ୟ, ଓଡିଶୀ ନୃତ୍ୟ ଓ ପାରମ୍ପରିକ ଲୋକ ନୃତ୍ୟ ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ପ୍ରତାପ କୁମାର ରାଉତ ସଂଯୋଜନା କରିଥିବା ବେଳେ ସଂପାଦକ ଉମେଶ ଚନ୍ଦ୍ର ସାଇଁ ପରିଚାଳନା କରିଥିଲେ । ଏହି ପରିପ୍ରେକ୍ଷୀରେ ଭଗବତୀ ପୀଠରେ ରଜ ପ୍ରେମୀ ମାନଙ୍କ ଆଶାତୀତ ଭିଡ ପରିଲକ୍ଷିତ ହୋଇଥିଲା ବେଳେ ରଜ ଦୋଳି ଖେଳି ଯୁବତୀ ମାନେ ଖୁସି ମନାଇଥିଲେ । ସେହିପରି ସିମିଳି ଗ୍ରାମପଞ୍ଚାୟତର ମାଟିଆପଡ଼ା ଗ୍ରାମର ମହାବୀର ମନ୍ଦିର ଠାରେ ରଜ ଉତ୍ସବ ପାଳିତ ହୋଇଛି ।

# ଏମଟେକରେ ରାଜ୍ୟ ଟପ୍ପରଙ୍କୁ ରାଜୀବ ଗାନ୍ଧୀ ପ୍ରତିଭା ସମ୍ମାନ



ରଣପୁର,(ସବ୍ୟୁ): .ଓଡ଼ିଶା ରାଜୀବ ଗାନ୍ଧୀ ଛାତ୍ର ଫୋରମ ର ରାଜ୍ୟସଭାପତି ସତ୍ୟବ୍ରତ ନାୟକ ଓଡିଶା ଯୁଗ୍ମ ପ୍ରେବେଶିକା ପରୀକ୍ଷାରେ(ଓଜେଇ) ୨୦୨୬ ଏମଟେକ ରେ ଓଡ଼ିଶାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ନୟାଗଡ ଜିଲ୍ଲା ରଣପୁର ବ୍ଲକ ଲୋଧା ଚୁଆ ପଞ୍ଚାୟତ ଅଡ଼ାଲ ଗ୍ରାମ ପାଇଁ ଗୌରବ ଆଣିଥିବା ସାଗତ କୁମାର ବେହୁରଙ୍କୁ ରାଜ୍ୟସ୍ତରୀୟ ରାଜୀବ ଗାନ୍ଧୀ ପ୍ରତିଭା ସମ୍ମାନ-୨୦୨୬ ପ୍ରଦାନକରାଯାଇଛି । ତାଙ୍କ ଅଡ଼ାଲ ସ୍ଥିତ ବାସଭବନରେ ଭେଟି ତାଙ୍କୁ ପୁଷ୍ପଗୁଚ୍ଛ, ଉତରୀ ଓ ମାନପତ୍ର ଦେଇ ରାଜ୍ୟସଭାପତି ସତ୍ୟବ୍ରତ ନାୟକ ତାଙ୍କୁ ସମ୍ମାନିତ କରି ତାର ଉଜ୍ୱଳ ଭବିଷ୍ୟତ କାମନା କରିବା ସହ ତାଙ୍କୁ ଉତ୍ସାହିତ କରିଥିଲେ ।

ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଶିକ୍ଷାବିତ ପ୍ରାଣନାଥ ବେହୁରା, ବିଭୂତି କୁମାର ଜେନା, ମିର ଅବୁବକର ସିଦ୍ଧିକ, ପ୍ରକାଶ ଚନ୍ଦ୍ର ନାୟକ, ସଞ୍ଜୟ ମହାନ୍ତି, ସମ୍ବିଦନା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ଭି-ବଜାର ପକ୍ଷରୁ ରଜ ଅଫର

ବାଲିପାଟଣା(ସବ୍ୟୁ): ରଜୋଉତ୍ସବ' ପାଳନର ଅଂଶ ଭାବେ ଭି-ବଜାର ସମସ୍ତ ପୋଷାକ ଉପରେ ୨ୟ ପିସରେ ଫ୍ଲାଟ ୪୦% ଅଫ ଅଫର୍ ଦେଉଛି । । ବିଶେଷ ଭାବେ ପ୍ରସ୍ତୁତ ଏହି ପର୍ବ କଲେକସନରେ ସମଗ୍ର ପରିବାର ପାଇଁ ପାରମ୍ପରିକ ଓ ଆଧୁନିକ ଶୈଳୀର ସମନ୍ୱୟ ରହିଛି । ଏହି ପର୍ବ ଅବସରରେ ଭି-ବଜାର ର ସିଏମଡ଼ି, ହେମନ୍ତ ଅଗ୍ରଓ୍ୱାଲ କହିଛନ୍ତିଯେ, ରଜ ପର୍ବ ହେଉଛି ସବୁଠାରୁ ଆନନ୍ଦମୟ ଏବଂ ସାଂସ୍କୃତିକ ଭାବେ ସମୃଦ୍ଧ ପର୍ବମାନଙ୍କ ମଧ୍ୟରୁ ଗୋଟିଏ, ଯାହା ବହୁତ ଉତ୍ସାହର ସହ ପାଳନ କରାଯାଏ । ଭି-ବଜାର ରେ ଆମର ବିଶ୍ୱାସ ଯେ ପର୍ବ ଫ୍ୟାସନ୍ ପ୍ରତ୍ୟେକ ପରିବାର ପାଇଁ ସହଜଲଭ୍ୟ ଓ ଶସ୍ତା ହେବା ଉଚିତ ।

# ଓଡ଼ିଆ ପରମ୍ପରା, ସଂସ୍କୃତିର ଅପୂର୍ବ ସମାଗମରେ ଝୁମିଲା ନୂଆଗଡ଼

ଫୁଲନଖରା,(ସବ୍ୟୁ): କଟକ ସଦର ଥାନା ଅନ୍ତର୍ଗତ କଟକ ମହାନଗର ନିଗମର ୫୮ ନମ୍ବର ଓ୍ୱାର୍ଡ ସ୍ଥିତ ନୂଆଗଡ଼ ଗ୍ରାମର ବଳିଆ ବାବା କଲେଜ ପରିସରରେ ନିଉ ଷ୍ଟାରୟୁଥ କ୍ଲବ ଆନୁକୂଲ୍ୟରେ ଆୟୋଜିତ ରଜ ମହୋତ୍ସବ-୨୦୨୬ ଆନନ୍ଦ ଉଲ୍ଲାସର ସହ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଆଙ୍କ ଗଣପର୍ବ ରଜର ପାରମ୍ପରିକ ରୀତିନୀତି, ସଂସ୍କୃତି ଓ ଭାବନାକୁ ନୂତନ ପିଢ଼ିଙ୍କ ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଏହି ମହୋତ୍ସବର ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମରେ ଗ୍ରାମର ବରିଷ୍ଠ ମୁରବି ପୀତବାସ ମହାପାତ୍ର ଉପସ୍ଥିତ ରହି ନିଜ ଆଶୀର୍ବାଦ ପ୍ରଦାନ କରିଥିଲେ । ଗ୍ରାମ୍ୟ ସଭାପତି ବିକ୍ରମ ଶତପଥୀ ଦକ୍ଷତାର ସହିତ ସମଗ୍ର ମଞ୍ଚ ପରିଚାଳନା କରିଥିଲେ । ମୁଖ୍ୟ ଅତିଥି ଭାବେ କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ ଓ ସମ୍ମାନିତ ଅତିଥି ଭାବେ ସଦର ଥାନା ଅଧିକାରୀ ତୁଷାରକାନ୍ତ ସେଠୀ, ବିଶିଷ୍ଟ ସ୍ତମ୍ଭକାର ସନ୍ୟାସୀ ପଣ୍ଡା, କଟକ ସଦର ପ୍ରେସ କ୍ଲବର କାର୍ଯ୍ୟକାରୀ ସଭାପତି ଲଳିତ କୁମାର ଦାଶ, ମଣ୍ଡଳ ସଭାପତି



ନିହାର ରଞ୍ଜନ ପଣ୍ଡା, ବରିଷ୍ଠ ସଂଗଠକ ସଓ୍ୱାଧୀନ ଚେତା ମହାନ୍ତି, ବୁଦ୍ଧିଜୀବୀ ନିମାଇଁ ଲେଙ୍କା, ଦିଲ୍ଲୀପ କୁମାର ସ୍ୱାଇଁ, ନଳିନୀ ସେନାପତି, ଶିଶିର ରାଉତରାୟ, ପ୍ରମୋଦ ସ୍ୱାଇଁ, ଆଡଭୋକେଟ ଦିଲ୍ଲୀପ ମହାରଣା, କ୍ଷୀରୋଦ ପଟ୍ଟନାୟକ, ସୁଶାନ୍ତ କୁମାର ମହାନ୍ତି, ପ୍ରମୋଦ ମହାପାତ୍ର, ରାଜ କୁମାର ସଓ୍ୱାଇଁ, ପ୍ରଫୁଲ୍ଲ ସାହୁ, ସାମ୍ବାଦିକ ଅମୂଲ୍ୟ ବାରିକ, ଅମିତ କୁମାର ପରିଜା ଏବଂ ପୂର୍ଣ୍ଣଚନ୍ଦ୍ର ଦଳାଇ ପ୍ରମୁଖ ଯୋଗଦେଇ ରଜ ମହୋତ୍ସବର ସଫଳ ଆୟୋଜନକୁ ପ୍ରଶଂସା କରିଥିଲେ । ଏହି ଅବସରରେ ବିଭିନ୍ନ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ସହ ପାରମ୍ପରିକ ରଜ ଦୋଳି, ପୁଚି ଖେଳ, ମହିଳା ଓ ଶିଶୁମାନଙ୍କ ପାଇଁ ନାନା ପ୍ରକାର ଖେଳ ପ୍ରତିଯୋଗିତା, ରଜ ପାନର ଆସର, ସାଂସ୍କୃତିକ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା । ବିଶେଷ କରି ଗ୍ରାମର ଯୁବକ ଓ ଯୁବତୀମାନଙ୍କ ମଧ୍ୟରେ ରଜ ଦୋଳିକୁ ନେଇ ବେଶ ଆକର୍ଷଣ ଦେଖିବାକୁ ମିଳିଥିବା ବେଳେ ଶିଶୁମାନେ ବିଭିନ୍ନ ଖେଳକୁ ଉପଭୋଗ କରିଥିଲେ । ଏହି ମହୋତ୍ସବର ସଫଳ ଆୟୋଜନ ପଛରେ ନିଉ ଷ୍ଟାରୟୁଥ କ୍ଲବର ସମସ୍ତ କର୍ମକର୍ତ୍ତା, ସଦସ୍ୟ ଓ ଗ୍ରାମବାସୀଙ୍କ ଅକ୍ଳାନ୍ତ ପରିଶ୍ରମ, ସହଯୋଗ ଓ ନିଷ୍ଠା ରହିଥିଲା ।

# ରଜ ଉପଲକ୍ଷେ କଣ୍ଠାପଡାରେ ପାଲା

ଅସ୍ତରଙ୍ଗ,(ସବ୍ୟୁ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଧୀନ କଣ୍ଠାପଡା ଗ୍ରାମରେ ପବିତ୍ର ରଜ ପର୍ବ ଉପଲକ୍ଷେ ପାଞ୍ଚ ଦିନ ଧରି ପାଲା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏହି ମହତ କାର୍ଯ୍ୟକ୍ରମ ଚଳିତ ବର୍ଷ ୧୦୫ ବର୍ଷ ରେ ପଦାର୍ପଣ କରି ଥୀବା ବେଳେ କଣ୍ଠାପଡା ଗ୍ରାମର ଅଧିବାସୀ ସମେତ ଆଖ ପାଖ ଗ୍ରାମାସୀ ସାହାଯ୍ୟ ସହଯୋଗ କରିଥାନ୍ତି । ପ୍ରଥମ ଦିନ ଗାୟିକା କଲ୍ଲୋଳିନି ପୁଜାରିଣୀ ସ୍ୱାଇଁ ଓ ତାଙ୍କ ସାଥିଙ୍କ ପାଲା ପରିବେଷଣ ଖୁବ ଭଲ ଥିଲା ।

## ଶ୍ୟାମଘନପୁର ଗ୍ରାମାଞ୍ଚଳ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସିଜିନି ୫ ଉଦଘାଟିତ

ରଣପୁର ,(ସବ୍ୟୁ) :ରଣପୁର ବ୍ଲକ ବ୍ରଜରାଜପୁର ପଞ୍ଚାୟତ ସ୍ଥିତ ଶ୍ୟାମଘନପୁର ଗ୍ରାମର ମା ଦହିଖାଇ କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ତିନି ଦିନିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସିଜିନି ୫ ଶ୍ୟାମଘନପୁର ଖେଳ ପଡ଼ିଆଠାରେ ଉଦଘାଟିତ ହୋଇଯାଇଛି । ଉଦଘାଟନ ଉତ୍ସବରେ ନୟାଗଡ଼ ଜିଲ୍ଲା କଂଗ୍ରେସର ପୂର୍ବତନ ସଭାପତି ସତ୍ୟବ୍ରତ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଲେ ଟର୍ଣ୍ଣାମେଣ୍ଟକୁ ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ । ଏବଂ ଅତିଥି ଭାବେ ବିଭୂତି କୁମାର ଜେନା,ବନମାଳି ପାଇକରା, ବିଶ୍ୱରଞ୍ଜନ ରାଉତ, ମିଁ ଅବୁବକର୍ ସିଦ୍ଧିକି, ପ୍ରକାଶ ଚନ୍ଦ୍ର ନାୟକ, ସଞ୍ଜୟ କୁମାର ମହାନ୍ତି ଯୋଗ ଦେଇଥିଲେ ୫ ଏହି ଟୁର୍ଣ୍ଣାମେଣ୍ଟରେ ପ୍ରଥମ ଉ"ାଟନୀ ମ୍ୟାଚରେ ବ୍ରଜରାଜପୁର କ୍ରିକେଟ କ୍ଲବ ଲୋଧାଚୁଆ ଲୋଧଚୂଆ କ୍ରିକେଟ କ୍ଲବକୁ ହରାଇ ସେମି ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛି । ଦ୍ୱିତୀୟ ମ୍ୟାଚରେ ଗୌରଙ୍ଗପୁର କ୍ରିକେଟ କ୍ଲବ ଓ କାଣ୍ଡପଡା ମ୍ୟାଚରେ କାଣ୍ଡପଡ଼ା ଗୌରାଙ୍ଗପୁରକୁ ହରାଇ ସେମି ଫାଇନାଲକୁ ଉତିନ୍ନ ହୋଇଛି ୫ ଟର୍ଣ୍ଣାମେଣ୍ଟକୁ ପରିଚାଳନା କରିଥିଲେ ମା ଦହିଖାଇ କ୍ରିକେଟ କ୍ଲବର ସଭାପତି ଜିତେନ୍ଦ୍ର ସାମନ୍ତରା, ବିନୋଦ ପାଇକରା, ଚନ୍ଦ୍ରକାନ୍ତ ହଜାରି , ରାକେଶ ମହାନ୍ତି, ବିଶ୍ୱଜି ସାମନ୍ତରା, ଅଭିଜିତ ସାମନ୍ତରା ଲୋକନାଥ ସାମନ୍ତରା ପ୍ରମୁଖ କାର୍ଯ୍ୟକର୍ତ୍ତା ।

# ମା' ଉଗ୍ରତାରାଙ୍କ ପୀଠରେ ଏସଏଫଆଇ ପକ୍ଷରୁ ଜଳଛତ୍ର



ନିରାକାରପୁର, (ସବ୍ୟୁ): : ଖୋର୍ଦ୍ଧା ଜିଲ୍ଲାର ପ୍ରସିଦ୍ଧ ଶକ୍ତିପୀଠ ଭୂଷଣ୍ଡପୁର ସ୍ଥିତ ମା' ଉଗ୍ରତାରାଙ୍କ ମନ୍ଦିର ପ୍ରାଙ୍ଗଣରେ ଚଳିତ ବର୍ଷର ପ୍ରସିଦ୍ଧ ରଜ ଯାତ୍ରା ବେଶ ଧୂମଧାମରେ ଅନୁଷ୍ଠିତ ହେଉଛି । ମା'ଙ୍କ ଦର୍ଶନ ଏବଂ ରଜ ମହୋତ୍ସବର ଆନନ୍ଦ ନେବା ପାଇଁ ପୀଠରେ ହଜାର ହଜାର ଶ୍ରଦ୍ଧାଳୁ ଓ ଜନସାଧାରଣଙ୍କ ଭିଡ଼ ଜମୁଛି । ତେବେ ବର୍ତ୍ତମାନର ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ଓ ଗୁଳୁଗୁଳିକୁ ଦୃଷ୍ଟିରେ ରଖି ଲୋକମାନଙ୍କୁ ଶୋଷରୁ ରକ୍ଷା କରିବା ପାଇଁ ଏସଏଫଆଇ ସଂଗଠନ ପକ୍ଷରୁ ଏକ ଅଭିନବ ପ୍ରୟାସ କରାଯାଇଛି । ସଂଗଠନ ତରଫରୁ ଏଠାରେ ଏକ ମାଗଣା ଜଳଛତ୍ର ବ୍ୟବସ୍ଥା କରାଯାଇ ପଥିକ ଓ ଶ୍ରଦ୍ଧାଳୁମାନଙ୍କୁ ଶୀତଳ ଜଳ ପ୍ରଦାନ କରାଯାଉଛି । ସଂଗଠନର ଏହି ଜନହିତକର କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳରେ ବେଶ ପ୍ରଶଂସା କରାଯାଉଛି । ମା'ଙ୍କ ପୀଠକୁ ଆସୁଥିବା ଶ୍ରଦ୍ଧାଳୁମାନେ ଏହି ଶୀତଳ ଜଳଛତ୍ର ଦାରା ବିଶେଷ ଭାବେ ଉପକୃତ ହେଉଥିବା ଦେଖିବାକୁ ମିଳିଛି ।ଏହି ଜଳଛତ୍ର ସେବା କାର୍ଯ୍ୟକ୍ରମକୁ ସଫଳ କରିବାରେ ଯୁବନେତା ଗିରିଶ ଚନ୍ଦ୍ର ମହାରଣା, ବିଧୂ ଭୁଷଣ ମହାରଣା ଓ ନୃସିଂହ ଚରଣ ଦଳେଇଙ୍କ ସମେତ ସଂଗଠନର ଅନ୍ୟାନ୍ୟ ସଦସ୍ୟମାନେ ସମ୍ପୂର୍ଣ୍ଣ ସହଯୋଗ କରିବା ସହ ନିରଳସ ଭାବେ ସେବା ଯୋଗାଇ ଦେଉଛନ୍ତି । ଅଞ୍ଚଳବାସୀ ଏବଂ ଦୂରଦୂରାନ୍ତରୁ ଆସିଥିବା ଯାତ୍ରୀମାନେ ଏସଏଫଆଇର ଏହି ମହତ କାର୍ଯ୍ୟକୁ ସାଧୁବାଦ ଜଣାଇଛନ୍ତି ।

## ସମ୍ପାଦକୀୟ

# ପାକିସ୍ତାନ ପ୍ରତି ଭାରତର କିପରି ମନୋଭାବ ରହିବା ଉଚିତ ?

ଏବେ ଯୁଦ୍ଧ ଖୋର ବିଶ୍ୱରେ ଆମେରିକା-ଇରାନ ଯୁଦ୍ଧ ସର୍ବତ୍ର ଆଲୋଚନାର ମୁଖ୍ୟ କେନ୍ଦ୍ରବିନ୍ଦୁ ହୋଇଥିଲା ବେଳେ ଭାରତ-ପାକିସ୍ତାନ ମଧ୍ୟରେ ଥିବା ତିକ୍ତତା ଓ ମନୋମାଳିନ୍ୟର ଚର୍ଚ୍ଚା ଏବେ ମ୍ଳାନ ପଡ଼ି ଯାଇଥିବା ପରିଲକ୍ଷିତ ହୋଇଛି ।

ଭାରତର ଜଣେ ମହାନ ସ୍ୱାଧୀନତା ସଂଗ୍ରାମୀ ଓ ଆଧ୍ୟାତ୍ମିକ ପୁରୁଷ ଶ୍ରୀଅରବିନ୍ଦ କୁଆଡ଼େ ଉଲ୍ଲେଖ କରିଥିଲେ ଯେ ଭବିଷ୍ୟତରେ ଦ୍ୱିଧା ବିଭକ୍ତ ହୋଇଥିବା ଭାରତ-ପାକିସ୍ତାନ ପୂର୍ବପରି ଗୋଟିଏ ରାଷ୍ଟ୍ରରେ ପରିଣତ ହୋଇଯିବ । ଅବଶ୍ୟ ଶ୍ରୀଅରବିନ୍ଦ ଏହା କେଉଁଠାରେ ଉଲ୍ଲେଖ କରିନାହାନ୍ତି । ଯଦି କରିଥିବେ, ତାଙ୍କର ଜୀବନୀକାର ବା ଗବେଷକମାନେ ଏ କଥା ଠିକ୍ ଭାବେ ଉଲ୍ଲେଖ କରି ପାରିବେ । ଏ ଲେଖକକୁ ସେ ବିଷୟରେ ଜଣା ନାହିଁ ।

ସେ ଯାହା ହେଉ, ଏବର ଭାରତ-ପାକିସ୍ତାନ ସମ୍ପର୍କକୁ ଭିତ୍ତି କରି ଆର୍.ଏସ୍.ଏସ୍ ବା ରାଷ୍ଟ୍ରୀୟ ସେବକ ସଂଘର ମୁଖ୍ୟ ମୋହନ ଭାଗବତଙ୍କ ମନ୍ତବ୍ୟ ବେଶ ଗୁରୁତ୍ୱପୂର୍ଣ୍ଣ । ସେ କହିଛନ୍ତି ଯେ ପାକିସ୍ତାନରେ ବସବାସ କରୁଥିବା ଅନେକ ବାସିନ୍ଦା ଅନୁଭବ କରନ୍ତି ଯେ ଭାରତ ବିଭାଜନ ପ୍ରକ୍ରିୟା ଭୁଲ ଥିଲା । ପାକିସ୍ତାନର ଅନେକ ସାମ୍ବାଦିକ ଆର୍.ଏସ୍.ଏସ ଓ ଏହାର କାର୍ଯ୍ୟକୁ ମଧ୍ୟ ପ୍ରଶଂସା କରୁଛନ୍ତି । ଅନେକ ଭାରତ ଓ ପାକିସ୍ତାନର ଦୁଇ ରାଷ୍ଟ୍ରର ବିଭାଜନ ପ୍ରକ୍ରିୟା ତଥା ପାକିସ୍ତାନୀମାନଙ୍କ ବିରୋଧରେ ମନ୍ତବ୍ୟ ଦେଇଥିଲେ ମଧ୍ୟ ଉଭୟ ରାଷ୍ଟ୍ର ଏକାଠି ରହିଲେ ଖୁବ୍ ଭଲ ହେବ ବୋଲି କହୁଥିବା ଶ୍ରୀ ଭାଗବତ ଉଲ୍ଲେଖ କରିଛନ୍ତି ।

**ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏନ୍.ଡ଼ି.ଏର ଦୃଢ଼ ସରକାର କାଶ୍ମୀରକୁ ପାକିସ୍ତାନ କବଳରୁ ରକ୍ଷା କରିଥିଲା । ଭାରତରେ କାଶ୍ମୀରର ପହେଲଗାମରେ ୨୨ ଏପ୍ରିଲ ୨୦୨୫ରେ ପାକିସ୍ତାନ ଆତଙ୍କବାଦୀମାନେ ଅତି ବର୍ବୋରୋଚିତ ଭାବେ ୨୫ ଜଣ ପର୍ଯ୍ୟଟକ ଓ ଜଣେ ସ୍ଥାନୀୟ ନାଗରିକଙ୍କୁ ଗୁଳି କରି ହତ୍ୟା କରିଥିଲେ । ଏହା ପରେ ଭାରତ ସରକାର 'ଅପରେସନ ସିନ୍ଦୂର' ଜରିଆରେ ପାକିସ୍ତାନର ପକ୍ଷ ଛେଦନ କରିଥିଲେ । ଏ ପର୍ଯ୍ୟନ୍ତ 'ଅପରେସନ ସିନ୍ଦୂର' ବଳବତ୍ତର ରହିଛି । ପାକିସ୍ତାନର ଆତଙ୍କବାଦ ପୂର୍ବପରି ମୁଣ୍ଡ ଉଠାଇ ଚାଲି ପାରୁ ନାହିଁ ।**

ଆର୍.ଏସ୍.ଏସର ବରିଷ୍ଠ କର୍ମକର୍ତ୍ତା ଦତ୍ତାତ୍ରେୟ ଭୋସବାଲେ କହିଛନ୍ତି ଯେ ପାକିସ୍ତାନ ଲୋକେ ଆମର ପଡ଼ୋଶୀ ରାଷ୍ଟ୍ରର ହୋଇଥିବାରୁ ସେମାନଙ୍କ ସହ କଥାବାର୍ତ୍ତାର ଝର୍କା ଖୋଲାରହିବା ଆବଶ୍ୟକ । ଏ ବିଷୟରେ ଶ୍ରୀ ଭାଗବତ ପ୍ରକାଶ କରିଛନ୍ତି ଯେ ଭବିଷ୍ୟତରେ ଭାରତ ଯଦି ପାକିସ୍ତାନକୁ ଯୁଦ୍ଧରେ ପରାସ୍ତ କରେ ତେବେ ପାକିସ୍ତାନ ଆଉ ଉଠି ପାରିବ ନାହିଁ । ଭାରତର ବଶ୍ୟତା ସ୍ୱୀକାର କରି ସେମାନେ ଶାନ୍ତିପୂର୍ଣ୍ଣ ଭାବେ ସେ ଦେଶରେ ରହି ପାରିବେ । ଆଉ ଉଭୟ ଦେଶ ମଧ୍ୟରେ କଥାବାର୍ତ୍ତାର ଦ୍ୱାର ଖୋଲାଯିବା ଆବଶ୍ୟକ ।

ଆର୍.ଏସ୍.ଏସ ମୁଖ୍ୟ ଶ୍ରୀ ଭାଗବତ କହିଛନ୍ତି 'ଆମେ ହିଟଲରଙ୍କ ପରି ନୁହେଁ । ଆମେ ଅନ୍ୟାୟ ଓ ଅତ୍ୟାଚାରକୁ ଦମନ କରି ଯାହା ଭଲ ସେତକ ବଜାୟ ରଖିବୁ । ଉଭୟ ଦେଶ ମଧ୍ୟରେ କଥାବାର୍ତ୍ତା ଜାରି ରଖିବୁ ।' ସେ ମଧ୍ୟ ସ୍ପଷ୍ଟ କରି ଦେଇଥିଲେ ଯେ ଆର୍.ଏସ୍.ଏସ୍‌ର ସ୍ୱତନ୍ତ୍ର ଭାବେ କୌଣସି ବୈଦେଶିକ ନୀତି ନାହିଁ । କେନ୍ଦ୍ର ସରକାର ଯେଉଁ ବୈଦେଶିକ ନୀତିରେ ଚାଲିଛନ୍ତି, ଆମେ ତାହାର ଅନୁସରଣ କରିବୁ ।

ବିଗତ କଂଗ୍ରେସ ସରକାରଙ୍କ ଅମଳରେ ପାକିସ୍ତାନ ଭାରତରେ ଆତଙ୍କବାଦର ଚେର ମାଡ଼ି ରଖିଥିଲା । କାଶ୍ମୀର ଭାରତର ହୋଇଥିଲେ ମଧ୍ୟ ପାକିସ୍ତାନକୁ ଭୟ କରି ତତ୍କାଳୀନ କଂଗ୍ରେସ ସରକାରଙ୍କ ଅମଳରେ କାଶ୍ମୀରରେ ଆତଙ୍କବାଦ କେବଳ କାୟା ବିସ୍ତାର କରି ନଥିଲା, ଉଭୟ ଭାରତ ଓ କାଶ୍ମୀରର ଦୁଇପ୍ରକାର ଭିନ୍ନ ଭିନ୍ନ ସରକାରଙ୍କ ଶାସନ ସେଠାରେ ଚାଲିଥିଲା । ମାତ୍ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏନ୍.ଡ଼ି.ଏର ଦୃଢ଼ ସରକାର କାଶ୍ମୀରକୁ ପାକିସ୍ତାନ କବଳରୁ ରକ୍ଷା କରିଥିଲା । ଭାରତରେ କାଶ୍ମୀରର ପହେଲଗାମରେ ୨୨ ଏପ୍ରିଲ ୨୦୨୫ରେ ପାକିସ୍ତାନ ଆତଙ୍କବାଦୀମାନେ ଅତି ବର୍ବୋରୋଚିତ ଭାବେ ୨୫ ଜଣ ପର୍ଯ୍ୟଟକ ଓ ଜଣେ ସ୍ଥାନୀୟ ନାଗରିକଙ୍କୁ ଗୁଳି କରି ହତ୍ୟା କରିଥିଲେ । ଏହା ପରେ ଭାରତ ସରକାର 'ଅପରେସନ ସିନ୍ଦୂର' ଜରିଆରେ ପାକିସ୍ତାନର ପକ୍ଷ ଛେଦନ କରିଥିଲେ । ଏ ପର୍ଯ୍ୟନ୍ତ 'ଅପରେସନ ସିନ୍ଦୂର' ବଳବତ୍ତର ରହିଛି । ପାକିସ୍ତାନରେ ଆତଙ୍କବାଦ ପୂର୍ବପରି ମୁଣ୍ଡ ଉଠାଇ ଚାଲି ପାରୁ ନାହିଁ ।

ଏ କଥା ସତ ଯେ ପାକିସ୍ତାନରେ ସାଧାରଣ ଲୋକଙ୍କ ଅବସ୍ଥା ଭଲ ନାହିଁ । ସେଠାରେ ଗଣତନ୍ତ୍ରକୁ ହତ୍ୟା କରି ଯେଉଁମାନେ ନେତୃତ୍ୱ ନେଉଛନ୍ତି, ସେମାନେ ଅବଶ୍ୟ ଆରାମରେ ଜୀବନଯାପନ କରୁଛନ୍ତି । କିନ୍ତୁ ସେମାନଙ୍କର ମାନସିକ ଶାନ୍ତି କାହିଁ ? ସୁଖ କାହିଁ ? ମାନସିକ ସୁଖ ଓ ଶାନ୍ତି ସେମାନଙ୍କ ପାଇଁ କ୍ଷଣସ୍ଥାୟୀ, ଏଥିରେ ସନ୍ଦେହ ନାହିଁ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

ଯେଉଁ ଜିନିଷ ମୋର ତୁରନ୍ତ ପ୍ରୟୋଜନ ନୁହେଁ,
ମୁଁ ସେ ଜିନିଷ ନେଇ ଯଦି ରଖେ, ତାହାହେଲେ
ମୁଁ ଚୋରିକଲି ବୋଲି କହିବାକୁ ହେବ ।
(ମହାତ୍ମା ଗାନ୍ଧି)

# ବନ୍ଧୁହୀନତା ଆଡ଼କୁ ଯାଉଥିବା ମଣିଷ



ଡ. ନିରଞ୍ଜନ ସାହୁ

ମାନବ ଜୀବନର ବିଶେଷତ୍ୱ ଯେତେ ଯାହା ଅଛି ତାହା ଭିତରେ ବନ୍ଧୁତା ଏକ ପ୍ରମୁଖ ସମ୍ପଦ । ବନ୍ଧୁ ତିଆରି କରିବାରେ ମଣିଷର ପଟୁତା ଦେଖି ନିଜେ ଭଗବାନ କୁଆଡ଼େ ଏତେ ବିହ୍ୱଳ ହୁଅନ୍ତି ଯେ ସେ ମଝିରେ ମଝିରେ ମଣିଷ ରୂପନେଇ ଧରାଧାମକୁ ଚାଲିଆସନ୍ତି । ସେଥିପାଇଁ କବିଙ୍କ କବିତ୍ୱ ଭିତରେ ଅମରତ୍ୱ ପାଇଥିଲା ବନ୍ଧୁତା -

'କାହିଁ ବନ୍ଧୁତା କାହିଁ ପ୍ରେମ ସୁନ୍ଦର
ଯାର ପ୍ରାପତି ପାଇଁ ଦେବତା ନର।'

ନିର୍ବାସନ ଭୋଗୁଥିବା ଆଲେକ୍‌ଜାଣ୍ଡାର୍ ସେଲକାର୍କଙ୍କ ମୁହଁରେ କବି ଉଇଲିଅମ୍ କାଓପର ଗୁନ୍ଥି ଦେଇଥିଲେ ଦୁଇଧାଡ଼ି କାଳଜୟୀ ପଦ :

Society friendship and love
Divinely destowed upon man.

**ବନ୍ଧୁତାକୁ ନେଇ କାହିଁ କେତେ ଯୁଗରୁ କେତେ କଥା ଲେଖାଯାଇଛି ଯେ ତାକୁ ଗୋଟେଇଲେ ଗୋଟେ ପୁରାଣ ହେବ- ଏପରିକି ପ୍ରଜ୍ଞାପୁରୁଷ ଆରିଷ୍ଟୋଟଲ ବି କହିଲେ 'Without friends no one would want to live '- ଅର୍ଥାତ୍ ବନ୍ଧୁବିହୀନ ଜୀବନ କେହି ବଞ୍ଚିବାକୁ ଚାହାନ୍ତି ନାହିଁ - ଆମ ଓଡ଼ିଆରେ ତ ଯୁଗ ଯୁଗରୁ କୁହାଯାଇଛି- ଅବନ୍ଧୁ ଜୀବନ ଅସୂର୍ଯ୍ୟମହୀ...।**

ଯଦି ବନ୍ଧୁତା ମଣିଷ ଜୀବନର ଏତେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ତା ହେଲେ ସବୁଠୁ ଭୟଙ୍କର କଥାଟିଏ ଏବେ ପଦାକୁ ଆଣିଛନ୍ତି ହାର୍‌ଭାର୍ଡ ବିଶ୍ୱବିଦ୍ୟାଳୟର ଗବେଷକମାନେ - ବିଲାତରେ ଯେମିତି ଅକ୍ସଫୋର୍ଡ ଆଉ କେମ୍ବ୍ରିଜ୍ ନାଁରେ ଦୁଇଟି ବିଶ୍ୱବିଦ୍ୟାଳୟ ପ୍ରାୟ ଆଠଶହ ବର୍ଷରୁ ଅଧିକ ସମୟ ହେଲା ରହିଛି ସେମିତି ଯୁକ୍ତରାଷ୍ଟ୍ର ଆମେରିକାର ସବୁଠୁ ଦାମୀନାମୀ ବିଶ୍ୱବିଦ୍ୟାଳୟ ହେଲା ହାର୍‌ଭାର୍ଡ ଆଉ ଷ୍ଟାନ୍‌ଫୋର୍ଡ । ସାରା ବିଶ୍ୱର ସବୁଠୁ ଆଗୁଆ ଛାତ୍ରଛାତ୍ରୀଙ୍କ ଏକ ଗୋପନ ଅଭିଳାଷ ଥାଏ କେବେ ହାରଭାର୍ଡରେ ପଢ଼ିବାର ସୁଯୋଗ ମିଳନ୍ତା କି ! ଆଉ ହାର୍‌ଭାର୍ଡ ବିଜିନେସ୍ ରିଭ୍ୟୁ ସେମାନଙ୍କର ଫେବୃଆରୀ ୨୦୨୫ ସଂଖ୍ୟାରେ ପ୍ରକାଶ କରିଛନ୍ତି ଏକ ବିଶେଷ ଗବେଷଣାତ୍ମକ ପ୍ରବନ୍ଧ ଯାହା ହେଉଛି Friendship Recision : The lost art of connecting ମଣିଷର ଆଧୁନିକ ଜୀବନ ଶୈଳୀରେ ବନ୍ଧୁତା କିପରି ଶିଥିଳ ହୋଇଯାଇଛି ତାହାରି ଉପରେ ଏହି ଗବେଷଣା ନିଃସୃତ ପ୍ରବନ୍ଧର ପାଠ୍ୟ ଆଲୋକପାତ କରେ । 'ଏହା କଣ ସୂଚେଇଦିଏ ମାନବିକ ଅବକ୍ଷୟର ବିଲକ୍ଷଣ ।'

ଡାର୍‌ଉଇନଙ୍କ ଜୀବନଚକ୍ର ଗବେଷଣାଲବ୍ଧ ଜ୍ଞାନ The origin of specis ଅଧ୍ୟୟନ କରି ମଣିଷ ସମାଜ ଖୁସି ହୋଇଥିଲା ଯେ ମଣିଷ ସୃଷ୍ଟି ହୋଇଛି ଜୀବଜଗତର କ୍ରମୋନ୍ନତିର ପଥରେ - ହେଲେ ଆଜିର ପ୍ରସଙ୍ଗ କଣ କହିଦେଉଛି ମଣିଷର ଗତି ଏବେ ଅବମୂଲ୍ୟାୟନର ବାଟରେ । କଥାରେ କୁହାଯାଏ ମାଛର ପଚିବା ଆରମ୍ଭ ହୁଏ ତାର ମୁଣ୍ଡରୁ... ତା ହେଲେ ମଣିଷର ଏଇ ବିଲକ୍ଷଣ କଣ ସୂଚନା ଦେଉଛି ଅଧଃପତନର ପଦଧ୍ୱନି !

**କଥା ଅସରନ୍ତି**

ଦୁଇ ବା ତତୋଧିକ ଲୋକ ପରସ୍ପରକୁ ଚାହିଁଦେଲେ ବା କଥା ହୋଇଗଲେ ତତ୍‌କ୍ଷଣାତ୍ ବନ୍ଧୁ ପାଲଟି ଯାଆନ୍ତି ଏମନ୍ତ ନୁହେଁ । ଗବେଷଣାଲବ୍ଧ ତଥ୍ୟଟି ହେଲା ଅନ୍ତତଃ ଶହେ ଘଣ୍ଟାର ଦେଖାସାକ୍ଷାତ କଥାବାର୍ତ୍ତା ଭିତରେ ବନ୍ଧୁତାର ଚେର ବାହାରେ ଆଉ ସମୟର ଅବଧି ବୃଦ୍ଧିପାଇ ଦୁଇଶହ ଘଣ୍ଟାରେ ପହଞ୍ଚିଲେ ତାହା ପ୍ରଗାଢ଼ ବନ୍ଧୁତାରେ ପରିଣତ ହୁଏ ତାଳପତ୍ର ମେଲାଇ ।

ଏଇ କ୍ରମରେ ଦୁଇ ଅଜଣା ଲୋକ ବନ୍ଧୁରୁ ଅନ୍ତରଙ୍ଗ ପାଲଟି ଯାଆନ୍ତି - ପରସ୍ପରକୁ ଲୋଡ଼ନ୍ତି ଏବଂ ଉଭୟଙ୍କ ଜୀବନ ହୋଇଉଠେ ଆନନ୍ଦମୟ ।

ସାଙ୍ଗମାନଙ୍କ ବିଭକ୍ତୀକରଣ କଲେ କେତେ ଯେ ଛୋଟ ଛୋଟ ରୂପରେ ସେମାନେ ଭାଗ ହୋଇଯିବେ - ସ୍କୁଲ ସାଙ୍ଗ, କଲେଜ ସାଙ୍ଗ, ଚାକିରି ଜୀବନର ସାଙ୍ଗ, ସକାଳବୁଲା ସାଙ୍ଗ, ଗାଁ ସାଙ୍ଗ, ଆପାର୍ଟମେଣ୍ଟ ସାଙ୍ଗ ଏମିତି କେତେ କଣ ! ଜଣେ ସାଙ୍ଗକୁ ଜୀବନର ବିଭିନ୍ନ କ୍ଷେତ୍ରରେ ପାଇବା ଏକ ବିଶେଷ ଅଭିଜ୍ଞତା ଯାହା କ୍ୱଚିତ୍ ମିଳିଥାଏ । ଆଉ ବିଦେଶ ପଟ୍ଟଭୂମିରେ କୁହାଯାଉଛି ଯେ ଦୁଇଜଣ ସାଙ୍ଗ ଯଦି ଅନ୍ତତଃ ସାତବର୍ଷ ବା ତା ଠାରୁ ଅଧିକ କାଳ ସାଙ୍ଗ ହୋଇପାରିଲେ ତା ହେଲେ ସେମାନଙ୍କର ବନ୍ଧୁତା ସାରାଜୀବନ ସ୍ଥାୟୀ ହେବାର ସମ୍ଭାବନା ବେଶୀ- ଠିକ୍ ବିପରୀତ କଥା ବି ଆଲୋଚନା ହୁଏ ବାରମ୍ବାର ବିଦେଶ ଭୂଇଁରେ ଯେ ସେଠାରେ ପତିପତ୍ନୀଙ୍କ ଭିତରେ ଥିବା ପ୍ରେମ କୁଆଡ଼େ ସାତବର୍ଷ ବେଳକୁ କମି କମି ଏମିତି ସ୍ତରକୁ ଆସେ ଯେ ଅଧିକାଂଶଙ୍କ ସଂସାର ଉଜୁଡ଼ି ଯାଏ ସାତବର୍ଷ ସରୁ ସରୁ । ବଡ଼ ଅଜବ କଥା ସବୁ ଘଟେ ଜୀବନରେ ଆଉ ସେଇଥିପାଇଁ କୁହାଯାଏ- 'ପୃଥ୍ୱୀ କ୍ଷଣ କ୍ଷଣକେ ଆନ' ।

ଗୋଷ୍ଠୀଗତ ଜୀବନ ଥିଲା ଏକ ପ୍ରମୁଖ ଆବଶ୍ୟକତା-ଏକୁଟିଆ ଜୀବନକୁ ସମ୍ମୁଖୀନ ହେବା ଥିଲା ଏକରକମର ଅସମ୍ଭବ - ଆଧୁନିକ ଜୀବନରେ ମଣିଷ ଏକାକୀ ପାଲଟି ଯାଇଛି ନା ତା ଭିତରେ ଥିବା ଅହଂକାର ତାକୁ ପ୍ରେରିତ କରୁଛି ଯେ ସେ ଏକାକୀ ହିଁ ଯଥେଷ୍ଟ, ତାକୁ କାହାରି ବନ୍ଧୁତା ବା ଅନୁଗ୍ରହର ଆବଶ୍ୟକତା ନାହିଁ - ତାର ଜ୍ଞାନ ଓ ବୁଦ୍ଧିର ଉପଯୋଗ କରି ସେ ଉପରୁ ଉପରକୁ ଉଠି ଯାଇପାରିବ - ଆଉ ଫଳଶ୍ରୁତି ହେଉଛି ବନ୍ଧୁତାରେ ସଂକଟ ।

ସମ୍ପର୍କ ଯୋଡ଼ିବାରେ ଥିଲା ଅପୂର୍ବ ଆନନ୍ଦ ଏବେ ସମ୍ପର୍କମାନେ ହୋଇଯାଇଛନ୍ତି ପାଣିଚିଆ- ସମ୍ପର୍କର ସୂତ୍ର ଭିତରେ ମଣିଷ ହୁଏତ ଦେଖୁଛି ସ୍ୱାର୍ଥପରତା, ଆଗରୁ ମଣିଷ ପାଖରେ ଥିଲା ପ୍ରଚୁର ସମୟ - ଆଉ ସମୟର ବିଭିନ୍ନ ଉପଯୋଗରୁ ସୃଷ୍ଟି ହେଉଥିଲା ବନ୍ଧୁତା- ଏବେ ସମୟ ବଞ୍ଚେଇବା ପାଇଁ ସେ ସୃଷ୍ଟି କରିଛି ଯନ୍ତ୍ର ତାର କାମରେ ତାକୁ ସହଯୋଗ କରିବା ପାଇଁ ହେଲେ ନିଜ ଅଜଣାତରେ ସେଇ ଯନ୍ତ୍ରର ଚାକର ପାଲଟିଯାଇଛି ସିଏ - ନିଜେ କେତେ ବେଳେ ହୋଇଯାଇଛି ଯନ୍ତ୍ରମାନବ - ସେ ଯନ୍ତ୍ରାରୂଢ଼ - ଆଧ୍ୟାତ୍ମିକ ଜୀବନରେ ଯନ୍ତ୍ରାରୂଢ଼ ହୋଇ ସେ ମାୟାଜଗତକୁ ପ୍ରଦକ୍ଷିଣ କରୁଥିଲା ଏବେର ପରିସ୍ଥିତି ବହୁତ ଭିନ୍ନ- ତା ହାତରେ ସମୟ ନାହିଁ - ସୁଖର ସନ୍ଧାନ ଭିତରେ ସେ ଖୁବ୍ ଦୁଃଖୀ ହୋଇଯାଇଛି - ପାଲଟିଯାଇଛି ଖୁବ୍ ଏକୁଟିଆ ।

ଗବେଷଣା ପ୍ରଦତ୍ତ ତଥ୍ୟ ଭିତରେ ରହିଛି ଯେ ଅନେକ ଆମେରିକୀୟମାନଙ୍କର ଆଜିକାଲି ଆଉ କେହି ସାଙ୍ଗ ନାହାନ୍ତି- ୧୯୯୦ ବେଳକୁ ଯାହାର ଯେତିକି ସାଙ୍ଗ ଥିଲେ ଏଇ ପଇଁତିରିଶ ବର୍ଷ ଭିତରେ ସେମାନଙ୍କର ସାଙ୍ଗସଂଖ୍ୟା ଚାରିଭାଗରୁ ଭାଗରେ ପହଞ୍ଚିଛି । ଯେଉଁମାନଙ୍କର ଦଶ ବା ତାଠାରୁ ଅଧିକ ସଂଖ୍ୟକ ବନ୍ଧୁ ଥିଲେ ସେମାନଙ୍କ ବନ୍ଧୁ ସଂଖ୍ୟା କମି କମି ଏକ ତୃତୀୟାଂଶରେ ପହଞ୍ଚିଛି । ଏହା ଯେ ଖାଲି ଆମେରିକାର କଥା ତାହା କୁହାଯାଇପାରିବ ନାହିଁ-ଭାରତୀୟ ସହରାଞ୍ଚଳରେ ବି ତାହାହିଁ ନିଷ୍ଠୁର ବାସ୍ତବତା । ଯୌଥ ପରିବାର ଉଜୁଡ଼ି ଯାଇଛି । ଏକକ ପରିବାର ଉଭା ହୋଇଛି - କର୍ମ ଓ କ୍ୟାରିଅରର ଯାତନାରେ ପରିବାର ବି ଭାଙ୍ଗିବା ଉପରେ । ଅନେକ ଲୋକଙ୍କର ବନ୍ଧୁ ସଂଖ୍ୟା କମିଛି ହେଲେ ତାଙ୍କର ସିଗାରେଟ୍ ସଂଖ୍ୟା ବଢ଼ିଛି ଆଉ ବଢ଼ିଛି ପାନୀୟର ମାତ୍ରା ।

ଆଗରୁ ମଣିଷ ଭୁଲ୍ କଲେ କ୍ଷମା ମାଗୁଥିଲା ନିଃସଙ୍କୋଚରେ ଏବେ କ୍ଷମା ମାଗିବାକୁ ନିଜର ଅହଂକାରର ସବୁଠୁ ବଡ଼ଶତ୍ରୁ ବୋଲି ସେ ଭାବୁଛି, ତେଣୁ ଥରେ ବନ୍ଧୁତା ଉଜୁଡ଼ି ଗଲେ ଆଉ ଯୋଡ଼ିବା ସମ୍ଭବ ହେଉନି - କ୍ୟାରିଅରରେ ସଫଳ ହେବାଟା ଜୀବନର ପରମ ଲକ୍ଷ୍ୟ ବୋଲି ମଣିଷ ଭାବୁଚି । ଏଇ ବିଘଟନକୁ ହାରଭାର୍ଡ ଗବେଷଣା ମଣିଷ ଚେତନାର ସାଂସ୍କୃତିକ ବିପର୍ଯ୍ୟୟ ବୋଲି ଅଭିହିତ କରିଛି । ଜୀବନରେ ବନ୍ଧୁ କମି କମି ଯିବା ଏକ ବାସ୍ତବ ବିପର୍ଯ୍ୟୟ - ଏହା ମଣିଷର ଭାବଜଗତକୁ ନିଷ୍କ୍ରିୟ କରିଦିଏ ତାର ଆବେଗିକ ମାନସିକ ସ୍ୱାସ୍ଥ୍ୟ ଅସନ୍ତୁଳିତ ହୁଏ - ତେଣୁ ଏଇ ବ୍ୟାଧି ବିଷୟରେ ସଚେତନ ହେବାର ଜରୁରୀ ଆବଶ୍ୟକତା ସୃଷ୍ଟି ହୋଇଛି - ଅନେକ ଲୋକ ମଲାବେଳେ କ୍ଷୋଭର ସହିତ କହୁଛନ୍ତି -' ମୁଁ ବନ୍ଧୁମାନଙ୍କ ସହିତ ଅଧିକ ସମୟ କଟାଇଥାନ୍ତି କି?'

**ଏଇ ବିଘଟନକୁ ହାରଭାର୍ଡ ଗବେଷଣା ମଣିଷ ଚେତନାର ସାଂସ୍କୃତିକ ବିପର୍ଯ୍ୟୟ ବୋଲି ଅଭିହିତ କରିଛି । ଜୀବନରେ ବନ୍ଧୁ କମି କମି ଯିବା ଏକ ବାସ୍ତବ ବିପର୍ଯ୍ୟୟ - ଏହା ମଣିଷର ଭାବଜଗତକୁ ନିଷ୍କ୍ରିୟ କରିଦିଏ ତାର ଆବେଗିକ ମାନସିକ ସ୍ୱାସ୍ଥ୍ୟ ଅସନ୍ତୁଳିତ ହୁଏ - ତେଣୁ ଏଇ ବ୍ୟାଧି ବିଷୟରେ ସଚେତନ ହେବାର ଜରୁରୀ ଆବଶ୍ୟକତା ସୃଷ୍ଟି ହୋଇଛି - ଅନେକ ଲୋକ ମଲାବେଳେ କ୍ଷୋଭର ସହିତ କହୁଛନ୍ତି -' ମୁଁ ବନ୍ଧୁମାନଙ୍କ ସହିତ ଅଧିକ ସମୟ କଟାଇଥାନ୍ତି କି?'**

ଅବଶ୍ୟ ସାନ୍ତ୍ୱନା ଯେ ହାଭାର୍ଡ ଗବେଷକମାନେ ଏହାର ନିରାକରଣର ବି ସୂତ୍ର ବାହାର କରିଛନ୍ତି - ତାହାର ଆଲୋଚନା ବାରାନ୍ତରେ ।

ମୋ-୯୪୩୮୪୮୨୯୧୧
(ଲେଖକ ଭାରତୀୟ ପ୍ରଶାସନିକ ସେବାର ପୂର୍ବତନ ଅଧିକାରୀ ଓ ଜଣେ ସୁଲେଖକ)

# ଗଣପର୍ବ ରଜର ବୈଶିଷ୍ଟ୍ୟ



ଡଃ. ଚନ୍ଦ୍ରକଳା ନାୟକ

ଆମ ରାଜ୍ୟ ଓଡ଼ିଶା ଏକ ଗ୍ରାମ ବହୁଳ ରାଜ୍ୟ । ଓଡ଼ିଶାର ଗ୍ରାମୀଣ ସଂସ୍କୃତି, ପରମ୍ପରା, ଚଳଣୀ ଓ ଚାହାଣି ପ୍ରତିଟି ରେଣୁକଣରେ ପ୍ରତିବିମ୍ବିତ ହୋଇଥାଏ । ଆମ ରାଜ୍ୟର ସ୍ୱତନ୍ତ୍ରତା ହେଉଛି- ବାରମାସରେ ତେର ପର୍ବ ପାଳନ କରିବା । ଏହି ପର୍ବପର୍ବାଣୀକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି । ଗୋଟିଏ କୃଷିଭିତ୍ତିକ, ଅନ୍ୟଟି ଧର୍ମଭିତ୍ତିକ । କୃଷିଭିତ୍ତିକ ପର୍ବପର୍ବାଣୀ ମଧ୍ୟରୁ ଅକ୍ଷୟ ତୃତୀୟା, ନୂଆଖାଇ, ଗହ୍ମାପୂର୍ଣ୍ଣିମା ଏବଂ ରଜ ପର୍ବର ଏକ ନିଆରା ପରମ୍ପରା ରହିଛି । କୃଷିଭିତ୍ତିକ ପର୍ବ ମଧ୍ୟରୁ ରଜ ପର୍ବକୁ ଓଡ଼ିଶାର ଜାତୀୟ ପର୍ବ ବା ଗଣପର୍ବ କୁହାଯାଏ ।

ଗ୍ରୀଷ୍ମ ଋତୁରେ ପ୍ରଚଣ୍ଡ ରୌଦ୍ରତାପରେ ମଣିଷ, ଜୀବଜନ୍ତୁ, ଗଛଲତା ସମସ୍ତେ ଅତିଷ୍ଠ ହୋଇ ପଡନ୍ତି । ନଈ ନାଳ ପୋଖରୀ ସବୁ ଶୁଖିଯାଏ । ଚାଷୀଟିଏ ଚାହିଁ ରହିଥାଏ ବର୍ଷାକୁ । କୃଷକ ମାଟି ମାଆକୁ ପୂଜା କରେ । ବସୁମତୀ ରଜସ୍ୱଳା ହୁଏ । ଧରାପୃଷ୍ଠକୁ ଓହ୍ଲାଇ ଆସେ ବର୍ଷା । ମାଟି ଓ ବର୍ଷାର ମିଳନ ହୁଏ । ମାଟି ଓ ମୌସୁମୀର ମିଳନ ପର୍ବକୁ ରଜ କୁହାଯାଏ । ପୃଥିବୀ ମାଆର ମାତୃତ୍ୱ କାମନା କରି ସୃଷ୍ଟିର ଜୟଗାନ କରେ ଚଷାପୁଅ । ଆଦ୍ୟ ଆଷାଢର ପ୍ରଥମ ସ୍ପର୍ଶରେ ପୃଥିବୀ ଋତୁମତୀ ହୋଇଥିବାରୁ ଖୁସିରେ ଉତ୍ସବମୁଖର ହୋଇଉଠେ ସାରା ଓଡ଼ିଶା । ଏହି ରଜପର୍ବ ଲୋକମାନଙ୍କ ମଧ୍ୟରେ ଅପୂର୍ବ ଆନନ୍ଦର ଶିହରଣ ଖେଳାଇ ଦିଏ । ଜ୍ୟେଷ୍ଠ ମାସରେ ତିନିଦିନ ଧରି ଏହା ମହା ଆଡମ୍ବରରେ ପାଳନ କରାଯାଏ । କିନ୍ତୁ ପୁରାଣ ମତ ଅନୁସାରେ ଏହା ପାଞ୍ଚ ଦିନ ଧରି ପାଳନ ହୋଇଥାଏ । ପହିଲି ରଜର ପୂର୍ବଦିନ ସଜବାଜ ନାମରେ ନାମିତ ହୋଇଥାଏ । ଦ୍ୱିତୀୟ ଦିନ ରଜ ସଂକ୍ରାନ୍ତି, ତୃତୀୟ ଦିନ ଭୂମି ଦହନ ନାମରେ ପରିଚିତ । ଶେଷ ରଜର ପରବର୍ତ୍ତୀ ଦିନକୁ 'ଠାକୁରାଣୀ ବୁଡ' ବା 'ବସୁମତୀ ସ୍ନାନ' କୁହାଯାଏ ।

ଶରୀର ପାଇଁ ବିଶ୍ରାମ, ଆଉ ମନ ପାଇଁ ଆନନ୍ଦର ଅବସର ହିଁ ରଜ । ଦୋଳିରେ ଦୋଳିରେ ଛୁଟେ କୁଆଁରୀ ଝିଅମାନଙ୍କର ରଜ ଗୀତର ସ୍ୱର ଝଙ୍କାର । ଭିନ୍ନ ଭିନ୍ନ ପ୍ରକାରର ପିଠାପଣା ଓ ମଉଜ ମଜଲିସରେ ଏହି ତିନିଦିନ କିପରି ବିତିଯାଏ, ତାହା ଆଦୌ ଜଣାପଡେ ନାହିଁ । ରଜର ପର୍ବ ଗ୍ରୀଷ୍ମ ଅବକାଶ ସମୟରେ ପଡୁଥିବାରୁ ପ୍ରବାସୀ ଓଡ଼ିଆମାନେ ନିଜ ନିଜ ଗାଁକୁ ଫେରି ଆସିଥାନ୍ତି । ନୂଆ ପୋଷାକ ପରିଧାନର ଆସର ପ୍ରାୟ ସମସ୍ତ ପରିବାରରେ ଆନନ୍ଦର ଲହରି ଖେଳାଇ ଦିଏ । ରଜ ପାଇଁ ଖାଦ୍ୟପେୟର ପ୍ରସ୍ତୁତି ପ୍ରାୟ ପୂର୍ବଦିନ ଠାରୁ ସରିଥାଏ । ରଜ ପର୍ବ ବିଶେଷ କରି କୁମାରୀମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ପର୍ବ । ଏହି ରଜରେ କୁମାରୀ ମାନେ ସୂର୍ଯ୍ୟ ଉଦୟ ପୂର୍ବରୁ ପ୍ରାତଃ ସ୍ନାନ ସମାପନ କରି ନୂତନ ବସ୍ତ୍ର ପରିଧାନ କରନ୍ତି । ପନିକିରେ କାଟିବା, ଶୀଳରେ ବାଟିବା ଏହି ରଜ ସମୟରେ ନିଷେଧ ହୋଇଥାଏ । ଏପରିକି ଖାଲି ପାଦରେ କୁମାରୀ ମାନେ ଚାଲନ୍ତି ନାହିଁ । ସେଥିପାଇଁ ଗୁଆ ଖୋଳପା ଏବଂ କଦଳୀ ପାଟୁକାରେ ସ୍ୱତନ୍ତ୍ର ଜୋତା ପ୍ରସ୍ତୁତ କରାଯାଇ ଥାଏ ।

ରଜ ହେଉଛି ବସୁମତୀ ବନ୍ଦନାର ଋତୁ । ପ୍ରକୃତି ସୃଷ୍ଟି କରେ ବର୍ଷା । ବର୍ଷାକୁ ସ୍ୱାଗତ କରେ ରଜ । ଜ୍ୟୋତିଷ ଶାସ୍ତ୍ର ଅନୁସାରେ ସୂର୍ଯ୍ୟ, ବୃଷ ରାଶିକୁ ତ୍ୟାଗ କରି ଯେଉଁଦିନ ମିଥୁନ ରାଶିରେ



ପ୍ରବେଶ କରନ୍ତି, ତା ପରଦିନକୁ ମିଶାଇ ତିନିଦିନ ଏହି ପର୍ବ ପାଳିତ ହୁଏ । ସେହିପରି ଧର୍ମଶାସ୍ତ୍ର ଅନୁସାରେ ନାରୀର ଋତୁସ୍ରାବର ପ୍ରଥମ ତିନିଦିନ ଯଥା- ଚାଣ୍ଡେଳୀ, ଭ୍ରମଘାତିନୀ ଓ ରଜକୀ ହୋଇଥାଏ । ଚୁତର୍ଥ ଦିନ ହେଉଛି ଶୁକ୍ର ଓ ପଞ୍ଚମ ଦିନ ରମଣ ଯୋଗ୍ୟ ହୋଇଥାଏ । ସେହିପରି ରଜର ଶେଷ ଦିନରେ କାଠ ପିଢା ଉପରେ ଶୀଳପୁଆ ରଖି, ତା ଉପରେ ହଳଦୀ ପାଣି ଢାଳି ଠାକୁରାଣୀ ଗାଧୁଆ ତଥା ମାଟି ମାଆକୁ ସ୍ନାନ କରାଯାଏ । ଏହାପରେ ହିଁ ମାଟି ପବିତ୍ର ଓ ଉତ୍ପାଦନକ୍ଷମ ହୋଇଥାଏ ।

ଶ୍ରୀମନ୍ଦିରର ସପ୍ତାବରଣ ମୂର୍ତ୍ତି ମଧ୍ୟରେ ଭୂଦେବୀ ବା ମାଟି ଦେବୀ ଥିବାରୁ ଶ୍ରୀକ୍ଷେତ୍ରରେ ମଧ୍ୟ ଖୁବ୍ ରୀତିନୀତି ସହ ରଜପର୍ବ ପାଳନ କରାଯାଏ । ଉତ୍କଳୀୟ ସାଂସ୍କୃତିକ ପରମ୍ପରାରେ ରଜ ଏକ ସ୍ୱତନ୍ତ୍ର ପର୍ବ । ଓଡ଼ିଶା ମାଟିର ଏହି ଗୌରବାଜ୍ଜ୍ୱଳ ସାଂସ୍କୃତିକ ମହୋତ୍ସବ ହଜାର ହଜାର ବର୍ଷର ପରମ୍ପରାକୁ ଆଜି ବି ଲୁକ୍କାୟିତ କରି ରଖିଛି । କାହିଁ କେଉଁ ପାଚୀନ କାଳରୁ ଏହି ପର୍ବ ସାମାଜିକ ସରସତା ଓ ସାମୁହିକତାର ସ୍ୱର ବହନ କରି ଓଡିଆ ଜାତିକୁ ଆନନ୍ଦ, ଉଲ୍ଲାସ, ଶିହରଣ ତଥା ସ୍ୱଜାତି ସ୍ୱାଭିମାନର ପ୍ରେରଣା ପ୍ରଦାନ କରି ଆସିଛି । ଓଡିଶାର ଅଗଣିତ ଓଡିଆ ନିଜର ଐତିହ୍ୟ, ସଂସ୍କୃତି ଓ ପରମ୍ପରାର ସ୍ୱାଭିମାନରେ ଭାବାତ୍ମକ, ଚେତନାତ୍ମକ, ପ୍ରେମାତ୍ମକ ଐକ୍ୟର ଗୌରବରେ ଉଲ୍ଲସିତ ହୋଇଥାନ୍ତି ।

ଏହି ଗଣପର୍ବର ପୌରାଣିକତା ଓ ସାମାଜିକ ପୃଷ୍ଠଭୂମି ରହିଥିବାର ଅନେକ କ୍ଷେତ୍ରରେ ପ୍ରମାଣ ମିଳେ । ଲଙ୍କାର ପ୍ରବଳ ପ୍ରତାପୀ ରାକ୍ଷାସ ରାବଣ ତାର ରାଜୁତି ସମୟରେ ମୟା ଦାନବ ନାମରେ ଜଣେ ରାଜା ଅନ୍ୟ ଏକ ରାଜ୍ୟରେ ରାଜୁତି କରୁଥିଲେ । ରାବଣ ଓ ମୟାଙ୍କ ମଧ୍ୟରେ ସମ୍ପର୍କ ଖୁବ ନିବିଡ ଥିଲା । ମୟାଙ୍କର ମନ୍ଦୋଦରୀ ନାମରେ ଅପୂର୍ବ ସୁନ୍ଦରୀ ରାଜକନ୍ୟା ଥିଲେ । ରାବଣ ମୟାଙ୍କର ଦରବାରକୁ ପ୍ରାୟ ଯିବା ଆସିବା କରୁଥିଲେ । ସେହି ସମୟରେ ରାବଣଙ୍କ ସୁନ୍ଦର ସ୍ୱାସ୍ଥ୍ୟ, ପ୍ରତିଭା ଓ ବୀରତ୍ୱରେ ମନ୍ଦୋଦରୀ ଆକର୍ଷିତ ହୋଇଥିଲେ । ଦୁହିଁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା । ଶେଷରେ ରାବଣଙ୍କ ଘନିଷ୍ଠ ହୋଇ ମନ୍ଦୋଦରୀ ଅନ୍ତଃସତ୍ତ୍ୱା ହୋଇ ସୁନ୍ଦରୀ କନ୍ୟାଟିଏ ମଧ୍ୟ ଜନ୍ମ ଦେଲେ । ଅବିବାହିତା ମନ୍ଦୋଦରୀ ମାଆ ହୋଇଥିବାରୁ ଲୋକଲଜ୍ୟା ଓ କଳଙ୍କ ଭୟରେ ରାଜା ମୟ ମିଥିଳା ନଗରୀରେ ଗାତ ଖୋଳି କନ୍ୟାଟିକୁ ପୋତିଦେଲେ । ସେଥିପାଇଁ ମିଥିଳାରେ ଅକାଳ ପଡିଲା । ବର୍ଷାର ବିନ୍ଦୁଟିଏ ବି ଦେଖା ହେଲା ନାହିଁ । ମିଥିଳାବାସୀ ତ୍ରାହି ତ୍ରାହି ଡାକିଲେ । ମିଥିଳାରେ ପ୍ରଜାବତ୍ସଳ ରାଜା ଜନକ ପ୍ରଜାଙ୍କ ହିତ ପାଇଁ ଜ୍ୟୋତିଷଙ୍କ ପରାମର୍ଶ ଲୋଡିଲେ । ଜ୍ୟୋତିଷଙ୍କ ପରାମର୍ଶକ୍ରମେ ରାଜା ନିଜେ ହଳ ଯୋଚି ଜମିରେ ଚାଷ କଲେ । ଫଳ ସ୍ୱରୂପ ଅକାଳ ଦୂର ହେଲା । ଜଣେ ରାଜା ହଳ କରିବାରୁ ଇନ୍ଦ୍ର ସନ୍ତୁଷ୍ଟ ହୋଇ ମୂଷଳ ବର୍ଷା କଲେ । ମିଥିଳା ବାସୀ ଆନନ୍ଦରେ ନାଚ ଗୀତ କରି ଯେଉଁ ପର୍ବର ଅୟମାରମ୍ଭ କରିଥିଲେ, ତାହା ହିଁ ହେଉଛି ଏହି ରଜପର୍ବ ବୋଲି ମଧ୍ୟ କୁହାଯାଏ ।

ସାଧାରଣ ଓଡ଼ିଶା ମାଟିରେ ନାରୀମାନେ ଗୃହ କାର୍ଯ୍ୟରେ ବର୍ଷ ସାରା ବ୍ୟସ୍ତ ରହନ୍ତି । ସଂସାରକୁ ଚଳାଇବା ପାଇଁ ନାରୀ ଧର୍ମକୁ ନିଭାଇ ଚାଲନ୍ତି । ଏହି ରଜ ପର୍ବ ହିଁ ସେଇ ନାରୀମାନଙ୍କ ମନରେ ପାଞ୍ଚଦିନ ଧରି ଆନନ୍ଦର ଏକ ଶ୍ରୋତ ପ୍ରବାହିତ କରିଥାଏ । ନାଚ ଗୀତ, ପୀଠାପଣା, ଦୋଳିଖେଳ, ସଜବାଜ ଭିତରେ ଏକ ଅପୂର୍ବ ସମନ୍ୱୟ ଗଢି ଉଠେ । ରକ୍ଷଣଶୀଳତା, ଅନ୍ଧ ବିଶ୍ୱାସ, ମିଥ୍ୟାଚାର, ଅଜ୍ଞତା, କୁଶିକ୍ଷା ଓ ସ୍ୱାର୍ଥପରତାକୁ ତ୍ୟାଗ କରି ସମସ୍ତେ ହୋଇ ଉଠନ୍ତି ଏକାକାର । ଆଧୁନିକ ଯୁଗରେ କୃତ୍ରିମତାର ମହକରେ ବିମୋହିତ ହୋଇ ଏହି ରଜପର୍ବ କିଛି ବର୍ଷ ହେଲା ତାର ମୌଳିକତା ହରାଇବାରେ ଲାଗିଛି । ପାଶ୍ଚାତ୍ୟ ସଂସ୍କୃତିର ଅନୁକରଣ ଆମ ପର୍ବର ମହକକୁ ହଜେଇ ଦେବାକୁ ବସିଲାଣି । ଗାଁ ଗହଳିରେ ଯୋଉ ଆପଣା ପଣିଆ ଥିଲା, ତାହା ଏବେ ଆକାଶ କଇଁଆ ଚିଲିକା ମାଛ । କୁମାରୀମାନଙ୍କ କଣ୍ଠରୁ ଆଉ ଶୁଭୁନି-'ବନସ୍ତେ ଡାକିଲା ଗଜ, ବରଷକେ ଥରେ ଆସିଛି ରଜ ଲୋ ଘେନି ନୂଆ ସଜବାଜ।'

ଉତ୍କୃଷ୍ଟ କଳାର ରାଜ୍ୟ ଉତ୍କଳର ପିଠାପଣା କି ଏକ କଳା । ହେଲେ ରଜରେ ଆଉ ଘରେ ଘରେ ସେହି ପିଠାପଣାର ଆସର ବି ଦେଖିବାକୁ ମିଳେ ନାହିଁ । ରଜର ସ୍ୱତନ୍ତ୍ରତା ପୋଡ ପିଠା ଧୀରେ ଧୀରେ ହଜି ଯାଉଛି । ଯେଉଁ ପର୍ବ ଦିନେ ସହୃଦତା ଓ ଭାତୃତ୍ୱ ବନ୍ଧନର ମୂଳମନ୍ତ୍ର ଥିଲା, ତାହା ଏବେ ମଣିଷର ଅହଂ ନିକଟରେ ବନ୍ଧା ପଡିଛି । ଏବେକାର ବାହ୍ୟ ଆଡମ୍ବର ରଜ ପର୍ବର ମୌଳିକତାକୁ ହରାଇ ଦେଇଛି । ଯେଉଁ ପର୍ଯ୍ୟନ୍ତ ରଜ ପର୍ବର ପ୍ରକୃତ ଅନ୍ତର୍ନିହିତ ଉଦ୍ଦେଶ୍ୟକୁ ପ୍ରତ୍ୟେକ ବ୍ୟକ୍ତି ହୃଦୟଙ୍ଗମ କରିବା ଉଚିତ । ଓଡ଼ିଆ ଜାତିର ଏହି ଗଣପର୍ବକୁ ପୁଣି ନୈତିକ ମୂଲ୍ୟବୋଧ, ସାଂସ୍କୃତିକ ଚେତନା, ବନ୍ଧୁତ୍ୱ ଓ କୃଷିର ବିକାଶ କ୍ଷେତ୍ରରେ ଆଗେଇ ନେବା ହିଁ ପ୍ରତ୍ୟେକ ଓଡ଼ିଆମାନଙ୍କର କର୍ତ୍ତବ୍ୟ ହେବା ଆବଶ୍ୟକ । ଆମ ଉତ୍କଳୀୟ ସଂସ୍କୃତି କେତେ ମହାନ ଏବଂ ଗୁରୁତ୍ୱପୂର୍ଣ୍ଣ ତାହା ସମସ୍ତେ ଉପଲବ୍ଧ କରିବା ଆବଶ୍ୟକ । ଆମ ପର୍ବପର୍ବାଣୀ ହିଁ ଆମ ସଂସ୍କୃତିର ସ୍ମାରକୀ । ଏହା ହିଁ ତ ଚିରନ୍ତନ ସତ୍ୟ । ରଜ ପର୍ବ ଆମ ସାମାଜିକ ଜୀବନର ଜୀବନ୍ତ ପ୍ରତିଛବି, ଯାହା ମାଟି ଓ ଆକାଶର ମିଶ୍ରଣରେ ସୃଷ୍ଟି ।

ଅଧ୍ୟାପିକା, ମହାପୁରୁଷ ହାଡିଦାସ
ମହାବିଦ୍ୟାଳୟ, ଛତିଆ, ଯାଜପୁର,
ମୋ-୯୪୩୭୯୫୭୬୧୭

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,
ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ ।
ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

## ରଜ ସଂକ୍ରାନ୍ତିରେ ଉତ୍ସବମୁଖର

# ଦୋଳି ଖେଳରେ ମସ୍‌ଗୁଲ୍ କୁମାରୀ





ଭୁବନେଶ୍ୱର(ସବ୍ୟୁ): ଆଜି (ସୋମବାର) ହେଉଛି ରଜ ସଂକ୍ରାନ୍ତି । ରଜ ଉତ୍ସବର ଦ୍ୱିତୀୟ ତଥା ପ୍ରମୁଖ ଦିନ । ଓଡ଼ିଶାର ଏହି ଲୋକପ୍ରିୟ ଗଣପର୍ବକୁ ନେଇ ଗାଁଠୁ ସହର ସବୁଠି ଦେଖିବାକୁ ମିଳିଛି ଆନନ୍ଦ ଓ ଉଲ୍ଲାସର ପରିବେଶ । ପରମ୍ପରା, ସଂସ୍କୃତି ଓ ଭାଇଚାରାର ଅନନ୍ୟ ବାର୍ତ୍ତା ବହନ କରୁଥିବା ରଜ ପର୍ବ ପାଇଁ ସାରା ଓଡ଼ିଶା ଉତ୍ସବମୁଖର ହୋଇଉଠିଛି । ରଜ କେବଳ ଏକ ପର୍ବ ନୁହେଁ, ବରଂ ଓଡ଼ିଆ ଜୀବନଶୈଳୀ ଓ କୃଷି ସଂସ୍କୃତିର ଏକ ନିଆରା ପରିଚୟ । ବିଶ୍ୱାସ ରହିଛି ଯେ, ଏହି ସମୟରେ ଧରିତ୍ରୀ ମାତା ରଜସ୍ୱଳା ହୁଅନ୍ତି । ସେଥିପାଇଁ ଚାଷ କାମଠାରୁ ଆରମ୍ଭ କରି ମାଟି ଖୋଳିବା ଭଳି କାମକୁ ବାରଣ କରାଯାଇଥାଏ । ପ୍ରକୃତି ପ୍ରତି ସମ୍ମାନ ଓ ନାରୀତ୍ୱର ଗରିମାକୁ ଏହି ପର୍ବ ବିଶେଷ ଭାବେ ପ୍ରତିପାଦିତ କରେ । ରଜ ଆସିଲେ ଘରେ ଘରେ ପିଠାର ମହକରେ ମହକି ଉଠେ ପରିବେଶ । ପୋଡ଼ପିଠା, ମଣ୍ଡା, ଆରିସା, କାକରା ଭଳି ବିଭିନ୍ନ ପାରମ୍ପରିକ ପିଠା ପ୍ରସ୍ତୁତ କରାଯାଏ ।

ଘରକୁ ଆସୁଥିବା ଅତିଥିଙ୍କୁ ପିଠା ଓ ରଜ ପାନ ଦେଇ ଆପ୍ୟାୟିତ କରାଯାଏ । ବନ୍ଧୁ ପରିଜନ ପରସ୍ପରକୁ ରଜ ଶୁଭେଚ୍ଛା ଜଣାଇ ଏହି ପର୍ବର ଖୁସିକୁ ଦ୍ୱିଗୁଣିତ କରୁଛନ୍ତି । ସେପଟେ ରଜ ଅବସରରେ କୁମାରୀ ଝିଅମାନଙ୍କ ମଧ୍ୟରେ ଦେଖିବାକୁ ମିଳିଛି ବେଶ୍ ଉତ୍ସାହ । ନୂଆ ପୋଷାକ ପିନ୍ଧି, ଅଳତା ଓ ମେହେନ୍ଦୀ ଲଗାଇ ସଜବାଜ ହୋଇ ଦୋଳି ଖେଳରେ ମସଗୁଲ୍ ଅଛନ୍ତି କୁମାରୀମାନେ । ଗଛ ଡାଳରେ ବନ୍ଧା ରଙ୍ଗୀନ ଦୋଳିରେ ଝୁଲିବା ସହ ରଜ ଗୀତର ତାଳେ ତାଳେ ନାଚି ଉଠୁଛି ପୁରପଲ୍ଲୀ । କେବଳ ଗ୍ରାମାଞ୍ଚଳ ନୁହେଁ, ସହରାଞ୍ଚଳରେ ମଧ୍ୟ ରଜର ଉତ୍ସାହ କିଛି କମ୍ ନାହିଁ । ବିଭିନ୍ନ ସ୍ଥାନରେ ରଜ



ମହୋତ୍ସବ, ପାଲା, ଦାସକାଠିଆ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଯୁବପିଢ଼ି ମଧ୍ୟ ଓଡ଼ିଆ ପରମ୍ପରା ସହ ଯୋଡ଼ି ହୋଇ ଏହି ପର୍ବକୁ ଉତ୍ସାହର ସହ ପାଳନ କରୁଛନ୍ତି । ରଜ ହେଉଛି ଆନନ୍ଦର, ମିଳନର ଓ ସଂସ୍କୃତିର ପର୍ବ । ବଦଳୁଥିବା ସମୟ ସହ ଜୀବନଶୈଳୀରେ ପରିବର୍ତ୍ତନ ଆସିଥିଲେ ମଧ୍ୟ ରଜର ପରମ୍ପରା ଆଜି ବି ଓଡ଼ିଆଙ୍କ ହୃଦୟରେ ସେହିଭଳି ଜୀବନ୍ତ ରହିଛି । ଓଡ଼ିଆ ଅସ୍ମିତା ଓ ସଂସ୍କୃତିର ଏହି ମହାନ ପର୍ବ ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି ଓ ସମୃଦ୍ଧି ଆଣୁ, ଏହାହିଁ କାମନା ।






### ସରପଞ୍ଚ ଚାମେଲୀ ଓଝା ପ୍ରସଙ୍ଗ

## କେନ୍ଦ୍ରାପଡା ଜିଲ୍ଲାପାଳ କାର୍ଯ୍ୟାଳୟ ଘେରିବ ଯୁବ କଂଗ୍ରେସ

ଭୁବନେଶ୍ୱର, (ସବ୍ୟୁ): ୧୭ତାରିଖରେ କେନ୍ଦ୍ରାପଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବ ଯୁବ କଂଗ୍ରେସ। ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର। ଏହି ଅବସରରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି କହିଛନ୍ତି ଯେ ଜଣେ ସଂଗ୍ରାମୀ, ସାହାସିନୀ ଏବଂ ଜନପ୍ରିୟ ମହିଳା ଯୁବ ସରପଞ୍ଚ ଚାମେଲୀ ଓଝାଙ୍କ ବିରୋଧିରେ ସମଗ୍ର ପ୍ରଶାସନ ଲାଗିପଡିବା ଦୁର୍ଭାଗ୍ୟଜନକ। ସେ ତାଙ୍କ ପଞ୍ଚାୟତର ସମସ୍ୟାକୁ ନେଇ ମହାକାଳପଡା ବିଡ଼ିଓଙ୍କ ପାଖରେ ଉପସ୍ଥାପନ କରୁଥିବାବେଳେ ବିଡିଓ ତାଙ୍କ ନାମରେ ମିଥ୍ୟା ମକଦ୍ଦମା ରୁଜୁ କରିଛନ୍ତି। ସ୍ଥାନୀୟ ବିଧାୟକଙ୍କ ଚାପରେ ବିଡିଓ ଉଦ୍ଦେଶ୍ୟମୂଳକ ଭାବେ ସରପଞ୍ଚ ଚାମେଲୀଙ୍କୁ ହଇରାଣ ହରକତ କରୁଥିଲେ। ତାଙ୍କୁ ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ ନିର୍ବାହରେ ବିଡିଓ ବାଧକ ସାଜିଥିଲେ। ସେଦିନ ବିଧାୟକଙ୍କ ଇଙ୍ଗିତରେ ବ୍ଲକ କାର୍ଯ୍ୟାଳୟରେ କିଛି ବିଜେପି ଗୁଣ୍ଡା ଚାମେଲୀଙ୍କୁ ଫୋନ



ଛଡାଇବାସହ ତାଙ୍କୁ ଦୁର୍ବ୍ୟବହାର କରିଥିଲେ। ଚାମେଲୀଙ୍କ ଫୋନରେ କଣ ଏପରି କଥା ରହିଛି ଯେ ଚାମେଲୀଙ୍କ ଫୋନକୁ ପୁଲିସ ଜବତ କରିଛି। ଅନ୍ୟପକ୍ଷରେ ଚାମେଲୀଙ୍କ ସାନ ଭାଇ ବିନା କାରଣରେ ଜେଲରେ ଭର୍ତ୍ତି କରାଯାଇଛି। ଚାମେଲୀଙ୍କୁ ବ୍ଲକରେ ଅପମାନିତ କରାଯାଇ ବଳପୂର୍ବକ ଥାନା ଭିତରକୁ ଅଣାଗଲା ଏବଂ ଥାନାରେ ଚାମେଲୀଙ୍କୁ ଶାରୀରିକ ନିର୍ଯ୍ୟାତନା ଦିଆଯାଇଛି। ଅନ୍ୟପକ୍ଷରେ ପୁଲିସ ନିଜ ଦୋଷକୁ ଘୋଡାଇବା ପାଇଁ ଚାମେଲୀଙ୍କ ନାମରେ ପୁଲିସକୁ କାମୁଡିଦେବା ଏବଂ ଧମକ ଦେବା ଭଳି ମିଥ୍ୟା ଅଭିଯୋଗ ପୁଲିସ ଯୋଡିଛି। ଚାମେଲୀ ମହାକାଳପଡା ବିଧାୟକ ନାମରେ ଯେଉଁ ସଂଗୀନ ଅଭିଯୋଗ ଆଣିଛନ୍ତି ସେ କଥାକୁ ବିଚାର କରାଯାଇନାହିଁ। ଜଣେ ମହିଳା ସରପଞ୍ଚଙ୍କୁ ବିଜେପି ବିଧାୟକ କେଉଁଭଳି ଭାବରେ ଲାଞ୍ଛିତ, ହଇରାଣ ହରକତ କରୁଥିଲେ ଏବଂ ମାନସିକ ନିର୍ଯ୍ୟାତନା ଦେଉଥିଲେ ତାହା ଖୋଲାଖୋଲି ସରପଞ୍ଚ ଚାମେଲୀ ଗଣମାଧ୍ୟମରେ ପ୍ରକାଶ କରିଛନ୍ତି। ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଚାମେଲୀଙ୍କ ଦେହ ସାରା କ୍ଷତ ଥିବାବେଳେ ଏବଂ ଚାମେଲୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଉଦ୍‌ବେଗଜନକ ହେଉଥିବାବେଳେ ଜିଲ୍ଲା ପୁଲିସ୍ ଆରକ୍ଷୀ ଅଧିକ୍ଷକ ଏବଂ ଜିଲ୍ଲା ମୁଖ୍ୟ ଡାକ୍ତରଖାନାର ସଲାସୁତୁରାରେ ଚାମେଲୀଙ୍କ ଉପରେ ଆକ୍ରମଣର କୌଣସି ପ୍ରମାଣ ନାହିଁ ବୋଲି ପ୍ରକାଶ କରାଯିବା ଦୁର୍ଭାଗ୍ୟଜନକ। ଯୁବ କଂଗ୍ରେସର ଆନ୍ଦୋଳନ ପ୍ରସ୍ତୁତି ପାଇଁ କେନ୍ଦ୍ରାପଡା ଜିଲ୍ଲା ଯୁବ କଂଗ୍ରେସର ସଭାନେତ୍ରୀ ସୁଶ୍ରୀ ଲକ୍ଷ୍ମୀପ୍ରିୟା ନାୟକଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ ଯୁବ କଂଗ୍ରେସର ସାଧାରଣ ସମ୍ପାଦକ କେଦାର ଦଳାଇ ଉପସ୍ଥିତ ଥିଲେ।

### ମାରୱାଡ଼ି ଉଚ୍ଚ ବିଦ୍ୟାଳୟ ୨୦୦୦ ମସିହା ବ୍ୟାଚ ବନ୍ଧୁମିଳନ

କଟକ,(ସବ୍ୟୁ): ନିମଚୌଡ଼ି ସ୍ଥିତ ନଟରାଜ ହୋଟେଲରେ ମାରୱାଡ଼ି ଉଚ୍ଚ ବିଦ୍ୟାଳୟର ୨୦୦୦ ମସିହା ବ୍ୟାଚ ପୁରାତନ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଏକ ଭବ୍ୟ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ବହୁ ବର୍ଷ ପରେ ଏକାଠି ହୋଇଥିବା ପୁରାତନ ଛାତ୍ରଛାତ୍ରୀମାନେ ନିଜ ଛାତ୍ର ଜୀବନର ସ୍ମୃତିକୁ ସାଉଁଟିବା ସହିତ ବିଦ୍ୟାଳୟର ବିକାଶ ଉପରେ ଆଲୋଚନା କରିଥିଲେ। ଦୀର୍ଘ ବର୍ଷ ପରେ ଏକାଠି ହୋଇଥିବା ସହପାଠୀମାନେ ପରସ୍ପର ସହ ମତବିନିମୟ କରିବା ସହିତ ପୁରୁଣା ସ୍ମୃତିକୁ ତାଜା କରିଥିଲେ। ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ବିକାଶ ଶର୍ମା, ଅଭିନନ୍ଦନ, ଦିଲ୍ଲୀପ, ରାଜେଶ କାନଲିଡ଼ି, କୁନା, ଜିତନ, ଅଜୟ, ବୁଲୁ, ବଳରାମ ସୁଜିତ, ଜିତେଶ, ଅଜୟ ପାତ୍ରୀ, ଶଙ୍କର, ତ୍ରିଲୋଚନ, ଜ୍ୟୋତି, ମମତା, ରଞ୍ଜୁ, ସୁଜାତା, ଜ୍ୟୋତ୍ସ୍ନା ପ୍ରମୁଖ ଉପସ୍ଥିତ ଥିଲେ।

## ମୁକ୍ତା ଫାଉଣ୍ଡେସନ ପକ୍ଷରୁ କନ୍ୟାଶ୍ରମରେ ରଜ ଉତ୍ସବ ପାଳନ

ଭୁବନେଶ୍ୱର, (ସବ୍ୟୁ): ମୁକ୍ତା ଫାଉଣ୍ଡେସନ ପକ୍ଷରୁ ରଜ ଉତ୍ସବ-୨୦୨୬ ଅବସରରେ ନୀଳାଦ୍ରୀ ବିହାରସ୍ଥିତ କନ୍ୟାଶ୍ରମ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ଠାରେ ଏକ ସ୍ୱତନ୍ତ୍ର ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ କନ୍ୟାଶ୍ରମର ପିଲାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାରର ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ବିଜୟୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ



କରାଯିବା ସହ ପିଲାମାନଙ୍କୁ ରଜ ସଜବାଜ ସାମଗ୍ରୀ ଓ ଅନ୍ୟାନ୍ୟ ଉପହାର ବଣ୍ଟନ କରାଯାଇଥିଲା। ମହିଳା ସ୍ୱାସ୍ଥ୍ୟ ଓ ପରିବେଶ ସୁରକ୍ଷାକୁ ଦୃଷ୍ଟିରେ ରଖି କିଶୋରୀମାନଙ୍କ ମଧ୍ୟରେ ପ୍ଲାଷ୍ଟିକ ମୁକ୍ତ ଏବଂ ପରିବେଶ ଅନୁକୂଳ ବାୟୋଡିଗ୍ରେଡେବଲ୍ ସାନିଟାରୀ ପ୍ୟାଡ୍ ବଣ୍ଟନ କରାଯିବା ସହ ପିଲାମାନଙ୍କୁ ଶିକ୍ଷା ଉପକରଣ ମଧ୍ୟ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁକ୍ତା ଫାଉଣ୍ଡେସନର ପ୍ରତିଷ୍ଠାତ୍ରୀ ଶ୍ରୀମତୀ ବନ୍ଦନା ପଣ୍ଡା, ସହ-ପ୍ରତିଷ୍ଠାତ୍ରୀ ଶ୍ରୀମତୀ ସଂଘମିତ୍ରା ପାଢ଼ୀ, ଯୁଗ୍ମ ସମ୍ପାଦିକା ଶ୍ରୀମତୀ ଚନ୍ଦନା ତ୍ରିପାଠୀ ଏବଂ ସଦସ୍ୟା ଶ୍ରୀମତୀ ଗୀତାଞ୍ଜଳି ଶତପଥୀ, ଶ୍ରୀମତୀ ନିବେଦିତା ଲେଙ୍କା, ଶ୍ରୀମତୀ ମିଲି ରାଣା, ଶ୍ରୀମତୀ ପଦ୍ମିନୀ ପୁଟି ପ୍ରମୁଖ ଉପସ୍ଥିତ ଥିଲେ। ପିଲାମାନଙ୍କ ସହ ନାଚ, ଗୀତ ଓ ବିଭିନ୍ନ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ଆୟୋଜିତ ହେବା ସହ ସମସ୍ତଙ୍କୁ ମଧ୍ୟାହ୍ନ ଭୋଜନ ପ୍ରଦାନ କରାଯାଇଥିଲା। ରାଜା ଦୋଳି, ପିଠା, ମିଠାର ଆନନ୍ଦ ଓ ଉତ୍ସାହ ପରିବେଶ ମଧ୍ୟରେ ଉତ୍ସବଟି ଅତ୍ୟନ୍ତ ସଫଳତାର ସହ ପାଳନ କରାଯାଇଥିଲା। ସମାଜର ବଞ୍ଚିତ ଓ ଅବହେଳିତ ଶିଶୁ ଏବଂ ମହିଳାମାନଙ୍କ କଲ୍ୟାଣ ପାଇଁ ମୁକ୍ତା ଫାଉଣ୍ଡେସନ ଆଗାମୀ ଦିନରେ ମଧ୍ୟ ଏଭଳି ସାମାଜିକ କାର୍ଯ୍ୟକ୍ରମ ଜାରି ରଖିବ ବୋଲି ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

## ବିପଦଜନକ ଅବସ୍ଥାରେ ପଥର ପାଚେରୀ

ଜଟଣୀ, (ସବ୍ୟୁ) : ଜଟଣୀ ସହରର ଅନ୍ୟତମ ପ୍ରମୁଖ ଗଳି ଭାବେ ଜଣାଶୁଣା ପୁରୁଣା ଆନ୍ଧ୍ରବ୍ୟାଙ୍କ



ଗଳିର କେଇ ମିଟର ଦୂରରେ ଜନୈକ ବ୍ୟକ୍ତିଙ୍କ ଏକ ବ୍ୟକ୍ତିଗତ ପ୍ଲଟ ବୁଲିଥିବା ବହୁ ପୁରାତନ ପଥର ପାଚେରୀ ଦୀର୍ଘଦିନ ହେବ ବିପଦ ସଂକୁଳ ଭାବେ ରାସ୍ତା ପଟକୁ ଝୁଲି ରହିଥିବା ଅବସ୍ଥାରେ ଥିବା ଦେଖିବାକୁ ମିଳୁଛି । କହିବା ବାହୁଲ୍ୟ ଯେ ରାତି ପାହିବା ଠାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଏହି ବ୍ୟସ୍ତବହୁଳ ରାସ୍ତାରେ ବହୁ ଲୋକଙ୍କର ଯାଆସ ହେଉଥିବା ବେଳେ ନିକଟରେ ଥିବା ମହାବୀର ମନ୍ଦିରକୁ ଶ୍ରଦ୍ଧାଳୁ ମାନେ ଆସିଥାଆନ୍ତି, ତେଣୁ କେତେବେଳେ କିଛିବି ଦୁର୍ଘଟଣା ଜନିତ କ୍ଷୟକ୍ଷତି ହୋଇପାରେ ବୋଲି ବୁଦ୍ଧିଜୀବୀ ମାନେ ମତ ବ୍ୟକ୍ତ କରିଛନ୍ତି । ଅନ୍ୟ ପକ୍ଷରେ ସମ୍ପୃକ୍ତ ଜମିର ମାଲିକ ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ସେହି ପାଚେରୀ କଣ ଧନଜୀବନ ନେବା ପରେ ମରାମତି କରିବେ ବୋଲି ଅପେକ୍ଷାରେ ଅଛନ୍ତି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ଅନ୍ୟପକ୍ଷରେ ପୌରପାଳିକାର ଦୂରଦୃଷ୍ଟି ଅଭାବରୁ ନିକଟରେ ଏକ ମନୁଷ୍ୟକୃତ ଡମ୍ପିଙ୍ଗୟାର୍ଡ଼ ସୃଷ୍ଟି ହୋଇ ରାସ୍ତାକୁ ମାଡ଼ି ଆସିଥିବା ବେଳେ ଏହି ଅଞ୍ଚଳଟି ଏକ ପ୍ରକାର ସଂକୀର୍ଣ୍ଣ ହେବାକୁ ବେଶିଦିନ ନୁହେଁ ବୋଲି ସାଧାରଣରେ ଆଲୋଚନା ହେଉଛି । ଅତଏବ ଏହି ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ପାଚେରୀ ଲଗାଣ ବର୍ଷାରେ ପଡ଼ି କ୍ଷୟକ୍ଷତି କରିବା ପୂର୍ବରୁ ପୌର କର୍ତ୍ତୃପକ୍ଷ ସମ୍ପୃକ୍ତ ଜମି ମାଲିକଙ୍କୁ ନୋଟିସ କରି ତୁରନ୍ତ ମରାମତି କାର୍ଯ୍ୟ ସାରିବାପାଇଁ ସାଧାରଣରେ ଦାବୀ ହେଉଛି ।

### ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ

ନିମାପଡ଼ା, (ସବ୍ୟୁ): ଚାରିଛକ - ନିଆଳି ରାସ୍ତାର ବି ଏସ ଏନ ଏଲ ଅଫିସ ନିକଟରେ ସୋମବାର ଅପରାହ୍ନରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ପଥ ଚାରୀଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଚାରିଛକ ଥାନା ମଉଲ ସାହିର ଗୁନା ଭୋଇ (୫୫) । ଅପରାହ୍ନରେ ଶ୍ରୀ ଭୋଇ ବିଶ୍ୱ ମାତ୍ରି ମଠକୁ ଯାଉଥିବା ବେଳେ ରାସ୍ତାରେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚାରିଛକ ମେଡିକାଲକୁ ନେଇଥିଲେ । ତେବେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ । ଚାରିଛକ ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହିତ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି ।

### ମହିଳା ଓ ନାବାଳିକାଙ୍କ ସୁରକ୍ଷା ପ୍ରସଙ୍ଗରେ ବିଜେଡ଼ିର ଉଦ୍‌ବେଗ

## ନିରପେକ୍ଷ ତଦନ୍ତ ଓ କଠୋର କାର୍ଯ୍ୟାନୁଷ୍ଠାନ ଦାବି

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟରେ ମହିଳା ଓ ନାବାଳିକାଙ୍କ ଉପରେ ବଢୁଥିବା ଅପରାଧ ଘଟଣାକୁ ନେଇ ବିଜୁ ଜନତା ଦଳ ପକ୍ଷରୁ ପକ୍ଷରୁ ଉଦ୍‌ବେଗ ପ୍ରକାଶ କରାଯାଇଛି । ବିଜୁ ଛାତ୍ର ଜନତା ଦଳର ସଭାପତି ଇପ୍ସିତା ସାହୁ, ବିଜୁ ମହିଳା ଜନତା ଦଳର ଉପସଭାପତି ଭାରତୀ ସିଂହ ଏବଂ ପୂର୍ବତନ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଶ୍ରୀମତୀ ମିନତୀ ବେହେରା ଏକ ସାମ୍ବାଦିକ ସମ୍ମିଳନୀରେ ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ଅଞ୍ଚଳରେ ଜଣେ ୧୩ ବର୍ଷୀୟା ନାବାଳିକା ଗଣଦୁଷ୍କର୍ମର ଶିକାର ହୋଇଥିବା ଅଭିଯୋଗ ଓ କେନ୍ଦ୍ରାପଡ଼ା ଜିଲ୍ଲାର ଚମେଲୀ ଓଝା ଘଟଣାକୁ ନେଇ ଦଳ ପକ୍ଷରୁ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି ।

ବିଜୁ ଛାତ୍ର ଜନତା ଦଳର ସଭାପତି ଇପ୍ସିତା ସାହୁ କହିଥିଲେ ଯେ, ଆଇନ-ଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ଅବନତି ଘଟୁଛି । ରାଜ୍ୟର ମହିଳା ଓ ନାବାଳିକାମାନେ ସୁରକ୍ଷିତ ରହିବା ହିଁ ସରକାରର ସବୁଠାରୁ ବଡ଼ ସଫଳତା ହେବା ଉଚିତ । ସେ କହିଥିଲେ ଯେ, ରଜ ପର୍ବ ଭଳି ଆନନ୍ଦର ସମୟରେ ଏଭଳି ଜଘନ୍ୟ ଘଟଣା ସମଗ୍ର ଓଡ଼ିଶାବାସୀଙ୍କୁ ମର୍ମାହତ କରିଛି ଏବଂ ମହିଳା ଓ ଶିଶୁଙ୍କ ସୁରକ୍ଷା ପ୍ରତି ସରକାରଙ୍କ ଦାୟିତ୍ୱବୋଧ ନେଇ ଗମ୍ଭୀର ପ୍ରଶ୍ନ ସୃଷ୍ଟି କରିଛି । ବିଜୁ ମହିଳା ଜନତା ଦଳର ଉପସଭାପତି ଭାରତୀ ସିଂହ କହିଥିଲେ ଯେ, ଦୁଇ ବର୍ଷର ଶାସନ କାଳ ମଧ୍ୟରେ ମହିଳାମାନଙ୍କ ମନରେ ସୁରକ୍ଷା ଓ ବିଶ୍ୱାସର ଭାବନା କମିଯାଇଛି । ଏକପଟେ



ସରକାର ନାରୀ ସଶକ୍ତିକରଣର କଥା କହୁଥିବା ବେଳେ ଅନ୍ୟପଟେ ମହିଳା ଓ ନାବାଳିକାଙ୍କ ଉପରେ ଅପରାଧ ଓ ନିର୍ଯ୍ୟାତନାର ଘଟଣା ବଢ଼ି ଚାଲିଛି । ପୂର୍ବତନ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଶ୍ରୀମତୀ ମିନତୀ ବେହେରା ଦାବି କରିଥିଲେ ଯେ ରାଇରଙ୍ଗପୁର ଘଟଣାର ତୁରନ୍ତ ଓ ନିରପେକ୍ଷ ତଦନ୍ତ କରାଯାଉ। ମହିଳା ଓ ଶିଶୁଙ୍କ ସୁରକ୍ଷା ପାଇଁ ଥିବା ସମସ୍ତ ଯୋଜନା ଓ ପାଣ୍ଠିର ସଠିକ୍ ବ୍ୟବହାର ସୁନିଶ୍ଚିତ କରାଯାଉ। ବିଜୁ ଜନତା ଦଳ ସ୍ପଷ୍ଟ କରିଛି ଯେ, ମହିଳାଙ୍କ ସୁରକ୍ଷା, ସମ୍ମାନ ଓ ନ୍ୟାୟ ପ୍ରସଙ୍ଗରେ କୌଣସି ପ୍ରକାରର ଅବହେଳା ଗ୍ରହଣୀୟ ନୁହେଁ। ଶ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଦଳ ସାରା ଓଡ଼ିଶାରେ ଏହି ପ୍ରସଙ୍ଗରେ ଆନ୍ଦୋଳନକୁ ଆହୁରି ଜୋରଦାର କରିବ ବୋଲି ଘୋଷଣା କରିଛି ।

# ଭାରତ-ସ୍ଲୋଭାକିଆ ମିଳିତ ବିବୃତି

ନୂଆଦିଲ୍ଲୀ : ସ୍ଲୋଭାକ୍ ଗଣତନ୍ତ୍ରର ପ୍ରଧାନମନ୍ତ୍ରୀ ରବର୍ଟ ଫିକୋଙ୍କ ନିମନ୍ତ୍ରଣ କ୍ରମେ, ଭାରତ ଗଣତନ୍ତ୍ରର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମବାରରେ ସ୍ଲୋଭାକ୍ ଗଣତନ୍ତ୍ରକୁ ଏକ ସରକାରୀ ପରିଦର୍ଶନ କରିଛନ୍ତି। ୧୯୯୩ ମସିହାରେ ସ୍ଲୋଭାକିଆର ସ୍ୱାଧୀନତା ପରଠାରୁ କୌଣସି ଭାରତୀୟ ପ୍ରଧାନମନ୍ତ୍ରୀଙ୍କର ଏହା ପ୍ରଥମ ସ୍ଲୋଭାକିଆ ଗସ୍ତ, ଯାହା ଏକ ଐତିହାସିକ ମାଇଲଖୁଣ୍ଟ ସ୍ଥାପନ କରିଛି ଏବଂ ଦୁଇ ଦେଶ ମଧ୍ୟରେ ଥିବା ସ୍ଥାୟୀ ଦୃଢ଼ ବନ୍ଧୁତ୍ୱକୁ ଏକ ନୂଆ ଦିଗ ଦେଇଛି। ୧୯୯୩ରେ କୂଟନୈତିକ ସମ୍ପର୍କ ପ୍ରତିଷ୍ଠା ହେବା ପରଠାରୁ, ଭାରତ ଏବଂ ସ୍ଲୋଭାକିଆ ବିଶ୍ୱାସ, ସମାନତା ଏବଂ ପାରସ୍ପରିକ ସମ୍ମାନ ଉପରେ ଆଧାରିତ ଏକ ପାରମ୍ପରିକ ବନ୍ଧୁତ୍ୱ ଏବଂ ବହୁମୁଖୀ ସହଯୋଗର ବିକାଶ କରିଛନ୍ତି। ଏହି ଗସ୍ତର ଐତିହାସିକ ଗୁରୁତ୍ୱ ଏବଂ ଦ୍ୱିପାକ୍ଷିକ ସହଯୋଗକୁ ଅଧିକ ସୁଦୃଢ଼ କରିବା ପାଇଁ ସେମାନଙ୍କର ସମ୍ମିଳିତ ପ୍ରତିବଦ୍ଧତାକୁ ଆଧାର କରି, ଭାରତ ଗଣତନ୍ତ୍ରର ପ୍ରଧାନମନ୍ତ୍ରୀ ଏବଂ ସ୍ଲୋଭାକ୍ ଗଣତନ୍ତ୍ରର ପ୍ରଧାନମନ୍ତ୍ରୀ ଏହି ସମ୍ପର୍କକୁ ଉଭୟ ଦେଶ ମଧ୍ୟରେ ଏକ 'ବ୍ୟାପକ ସହଭାଗିତା'କୁ ଉନ୍ନୀତ କରିବାକୁ ସହମତ ହୋଇଛନ୍ତି। ଏହି ବ୍ୟାପକ ସହଭାଗିତାର ଲକ୍ଷ୍ୟ ହେଉଛି ଦ୍ୱିପାକ୍ଷିକ ସମ୍ପର୍କକୁ ଏକ



ନୂତନ ସ୍ତରକୁ ନେବା, ବିଦ୍ୟମାନ ସହଯୋଗ ବ୍ୟବସ୍ଥାକୁ ସଦୃଢ଼ କରିବା ଏବଂ ଉଭୟ ଦ୍ୱିପାକ୍ଷିକ ଓ ବହୁପାକ୍ଷିକ ସ୍ତରରେ ସହଯୋଗକୁ ଗଭୀର କରିବା ପାଇଁ ନୂତନ ପନ୍ଥା ଖୋଜିବା। ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳର ବଢ଼ୁଥିବା ଭୂ-ରାଜନୈତିକ, ଅର୍ଥନୈତିକ ଏବଂ ବୈଷୟିକ ଗୁରୁତ୍ୱକୁ ଦୃଷ୍ଟିରେ ରଖି ଉଭୟ ନେତା ପାରସ୍ପରିକ ଲାଭଦାୟକ ସହଯୋଗ, ଆଞ୍ଚଳିକ ସଂଯୋଗୀକରଣ, ମୁକ୍ତ ଆନ୍ତର୍ଜାତିକ ବାଣିଜ୍ୟ, ନୌଚାଳନାର ସ୍ୱାଧୀନତା, ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ଏବଂ ଏକ ନିୟମ-ଆଧାରିତ ଆନ୍ତର୍ଜାତିକ ବ୍ୟବସ୍ଥାକୁ ସମର୍ଥନ କରିବା ପାଇଁ ଭାରତ ଓ ସ୍ଲୋଭାକିଆ ମଧ୍ୟରେ ଏକ ଦୃଢ଼ ସହଭାଗିତାର ଗୁରୁତ୍ୱକୁ ସ୍ୱୀକାର କରିଛନ୍ତି।

# ୟୁକ୍ରେନ ଉପରେ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ମାଡ଼

## କିଭରେ ପୁରୁଣା ଧାର୍ମିକ ସ୍ଥଳରେ ଭୟଙ୍କର ଅଗ୍ନିକାଣ୍ଡ

ମସ୍କୋ/କିଭ୍ : ରୁଷ ଏବଂ ୟୁକ୍ରେନ ମଧ୍ୟରେ ଯୁଦ୍ଧ ଜାରି ରହିଛି। ସୋମବାର ଦିନ ରୁଷ ୟୁକ୍ରେନ ଉପରେ ବଡ଼ ଧରଣର ଆକ୍ରମଣ କରିଛି। ରୁଷ ଆକ୍ରମଣରେ ଖାରକିଭରେ ପାଞ୍ଚ ଜଣ ଉଦ୍ଧାରକାରୀଙ୍କ ମୃତ୍ୟୁ ଘଟିଛି। ରାଜଧାନୀ କିଭ୍ରେ ୧୩ ଜଣ ଆହତ ହୋଇଛନ୍ତି। ଏହି ଆକ୍ରମଣ ଯୋଗୁଁ ଦେଶର ଅନେକ କୋଠା ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଧାର୍ମିକ ସ୍ଥଳରେ ଅଗ୍ନିକାଣ୍ଡ ଘଟିଛି। ଗୃହମନ୍ତ୍ରୀ ଇହୋର କ୍ଲିମେଙ୍କୋ କହିଛନ୍ତି ଯେ, ଖାରକିଭରେ ଉଦ୍ଧାରକର୍ମୀମାନେ ଆକ୍ରମଣ ଯୋଗୁଁ ଲାଗିଥିବା ନିଆଁ ଲିଭାଉଥିବା ସମୟରେ ଦ୍ୱିତୀୟ ଆକ୍ରମଣ ହୋଇଥିଲା, ଯେଉଁଥିରେ ସେମାନଙ୍କର ମୃତ୍ୟୁ ହୋଇଥିଲା। କିଭରେ ପ୍ରଥମେ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ମାଡ଼ ହୋଇଥିଲା



ଏବଂ ତା'ପରେ ସାହିଦ ଡ୍ରୋନ୍ ଦ୍ୱାରା ଆକ୍ରମଣ କରାଯାଇଥିଲା। ଫଳରେ ସହରର ବହୁସ୍ଥାନରେ ବିସ୍ଫୋରଣ ଘଟିଥିଲା। ଅନେକ ଲୋକ ବଙ୍କରରେ ଆଶ୍ରୟ ନେଇଛନ୍ତି। କର୍ତ୍ତୃପକ୍ଷ ବାସିନ୍ଦାଙ୍କୁ ସୁରକ୍ଷିତ ସ୍ଥାନରେ ଆଶ୍ରୟ ନେବାକୁ ଅପିଲ୍ କରିଛନ୍ତି। ମୁଖ୍ୟ ଆକ୍ରମଣ କିଭ୍ ଉପରେ ହୋଇଛି। ଫଳରେ ସହରର ଭିତ୍ତିଭୂମିର ବହୁ କ୍ଷତି ହୋଇଛି। କିଭ୍ ସହର ସାମରିକ ପ୍ରଶାସନର ମୁଖ୍ୟ ତୈମୁର ତକାଚେଙ୍କୋ କହିଛନ୍ତି, ରାଜଧାନୀରେ ଜଣେ ଶିଶୁ ସମେତ ୧୩ ଜଣଙ୍କୁ ଚିକିତ୍ସାଲାଗି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେ କହିଛନ୍ତି, ଶେଭଚେନକିଭସ୍କି ଜିଲ୍ଲାରେ ୩୦ ମିନିଟରୁ କମ୍ ସମୟ ମଧ୍ୟରେ ପାଞ୍ଚଟି ଆକ୍ରମଣ ଘଟିଥିଲା, ଯେଉଁଥିରେ ଏକ ୨୫ ମହଲା ବିଶିଷ୍ଟ ଆବାସିକ କୋଠା, ଏକ ବଜାର ଏବଂ ଏକ ତେଜରାତି ଦୋକାନରେ ନିଆଁ ଲାଗିଯାଇଥିଲା। ଓବୋଲୋନସ୍କି ଜିଲ୍ଲାରେ ଏକ ନଅ ମହଲା ବିଶିଷ୍ଟ ଆବାସିକ କୋଠା ମଧ୍ୟ ଆକ୍ରମଣରେ ଭାଙ୍ଗିରୁଜି ଯାଇଛି। ରୁଷ ଜାଣିଶୁଣି ଆବାସିକ କୋଠାଗୁଡ଼ିକୁ ଟାର୍ଗେଟ କରୁଥିବା ତକାଚେଙ୍କୋ ଅଭିଯୋଗ କରିଛନ୍ତି। ୟୁକ୍ରେନିଆନ ଅର୍ଥୋଡକ୍ସ ଚର୍ଚ୍ଚର ମୁଖ୍ୟ ମେଟ୍ରୋପଲିଟାନ ଏପିଫାନିୟସ୍ କହିଛନ୍ତି ଯେ ରାତିସାରା ହୋଇଥିବା ଆକ୍ରମଣରେ ଡର୍ମିସନ କ୍ୟାଥେଡ୍ରାଲର ଛାତରେ ନିଆଁ ଲାଗିଯାଇଥିଲା। ସେ ଏହି ଆକ୍ରମଣକୁ ନିନ୍ଦା କରି ଏହାକୁ ମାନବତା, ଇତିହାସ ଏବଂ ଖ୍ରୀଷ୍ଟିଆନିଟି ବିରୋଧରେ କରାଯାଉଥିବା ରୁଷର ଆଉ ଏକ ଅପରାଧ ବୋଲି କହିଛନ୍ତି। ଏହି ସ୍ଥାନକୁ ସୁରକ୍ଷା ଦେବାକୁ ଅନୁରୋଧ କରିଛନ୍ତି।

# ପାକ୍ ସୁରକ୍ଷା ପୋଷ୍ଟ ଉପରେ ହମ୍ଲା : ୫ ପୋଲିସ ମୃତ

ଇସଲାମାବାଦ : ପାକିସ୍ତାନର ପଞ୍ଜାବ-ଖାଇବର ପଖତୁନଖ୍ୱା ସୀମା ନିକଟରେ ଏକ ସୁରକ୍ଷା ପୋଷ୍ଟ ଉପରେ ବଡ଼ଧରଣର ଆତଙ୍କବାଦୀ ଆକ୍ରମଣରେ ପାଞ୍ଚ ଜଣ ପୁଲିସ କର୍ମଚାରୀଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଆତଙ୍କବାଦୀ ସଙ୍ଗଠନ ତେହେରିକ-ଏ-ତାଲିବାନ ପାକିସ୍ତାନ (ଟିଟିପି) ଏହି ଆକ୍ରମଣ କରିଥିବା ଦାବି କରିଛି। ଏହା



ଦେଶରେ ସୁରକ୍ଷା ପ୍ରତି ଆଉ ଏକ ଚ୍ୟାଲେଞ୍ଜ ବୋଲି କୁହାଯାଉଛି। ରିପୋର୍ଟ ଅନୁଯାୟୀ, ପାକିସ୍ତାନୀ ସୁରକ୍ଷା ବାହିନୀକୁ ଟାର୍ଗେଟ କରି ଆତଙ୍କବାଦୀ ଆକ୍ରମଣ ଗତ କିଛି ମାସ ମଧ୍ୟରେ ଯଥେଷ୍ଟ ବୃଦ୍ଧି ପାଇଛି। ପଖତୁନଖ୍ୱା-ପଞ୍ଜାବ ସୀମାରେ ଥିବା ପୁଲିସ ପୋଷ୍ଟରେ ସୋମବାର ବିସ୍ଫୋରଣ ଭର୍ତ୍ତି ଏକ ସନ୍ଦିଗ୍ଧ ଗାଡ଼ି ସୀମା ପୋଷ୍ଟକୁ ଧକ୍କା ଦେବାପରେ ବଡ଼ଧରଣର ବିସ୍ଫୋରଣ ହୋଇଥିଲା। ଏଥିରେ ୫ ଜଣ ପୁଲିସକର୍ମୀଙ୍କ ମୃତ୍ୟୁ ହୋଇଥିବାବେଳେ ୮ ଜଣ ଆହତ ହୋଇଛନ୍ତି। ପୁଲିସ କହିଛି ଯେ, ଉକ୍ତ ଗାଡ଼ିରେ କାଠ ଲଦା ହୋଇଥିଲା। ଗାଡ଼ି ଭିତରେ ବିସ୍ଫୋରକ ଲୁଚେଇ ରଖାଯାଇଥିଲା। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ, ସୀମା ପୋଷ୍ଟ ନିକଟରେ ଏକ କାନ୍ଥ ଭୁଶୁଡ଼ି ପଡ଼ିଛି। ତେବେ ଟିଟିପି ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିଛି। କିନ୍ତୁ ପାକିସ୍ତାନ ସୁରକ୍ଷା ଏଜେନ୍ସି ଏହି ଦାବିକୁ ନେଇ କିଛି ସ୍ପଷ୍ଟ କରିନାହିଁ। ତେବେ ପାକ୍ ସୁରକ୍ଷା ଏଜେନ୍ସି ବିସ୍ଫୋରଣ କ୍ଷେପଣାସ୍ତ୍ର ମାଡ଼ ଯୋଗୁ ନା ବିସ୍ଫୋରକ ଭର୍ତ୍ତି ଗାଡ଼ି ଯୋଗୁ ହୋଇଥିଲା ସେ ନେଇ ତଦନ୍ତ କରୁଛନ୍ତି।

## ପ୍ରାଥମିକ ସ୍କୁଲ ନିଯୁକ୍ତି ଦୁର୍ନୀତି ମାମଲା

# ଇଡିରେ ହାଜର ହେଲେ ଅଭିଷେକ ବାନାର୍ଜୀ

କୋଲକାତା : ତୃଣମୂଳ କଂଗ୍ରେସ ସାଂସଦ ଅଭିଷେକ ବାନାର୍ଜୀଙ୍କ ସମସ୍ୟା ବଢ଼ିବାରେ ଲାଗିଛି। ଟିଏମ୍ସି ବିଧାୟକଙ୍କ ଜାଲ ଦସ୍ତଖତ ମାମଲାରେ ପଶ୍ଚିମବଙ୍ଗ ସିଆଇଡି ଦ୍ୱାରା ଜେରାର ଦିନକ ପରେ ଅଭିଷେକ ବାନାର୍ଜୀଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଆଗରେ ହାଜର ହେବାକୁ ପଡ଼ିଛି। ରବିବାର ସିଆଇଡି ଅଭିଷେକଙ୍କୁ ସାଢେ ଆଠଘଣ୍ଟା ଧରି ଜାଲ ଦସ୍ତଖତ ମାମଲାରେ ଜେରା କରିଥିଲା। ଅନ୍ୟପକ୍ଷରେ ସୋମବାର ଅଭିଷେକ ପଶ୍ଚିମବଙ୍ଗ ପ୍ରାଥମିକ ସ୍କୁଲ ନିଯୁକ୍ତି ଦୁର୍ନୀତି ମାମଲାରେ ଇଡିରେ ହାଜର ହୋଇଥିଲେ। ପ୍ରାଥମିକ ଶିକ୍ଷକ ନିଯୁକ୍ତିରେ ଅନିୟମିତତା ସହିତ ଜଡିତ ମନି ଲଣ୍ଡରିଂର ତଦନ୍ତ ପାଇଁ ଅଭିଷେକଙ୍କ ନାଁରେ ସମନ ଜାରି ହୋଇଥିବାବେଳେ ସେ ସୋମବାର ଦିନ ୧୧ଟାରେ ଇଡିର କୋଲକାତାର ସିଜିଓ କମ୍ପ୍ଲେକ୍ସ ଅଫିସରେ ପହଞ୍ଚି ଥିଲେ। ତାଙ୍କୁ ଇଡି ଦୀର୍ଘ ସମୟ ଧରି ଜେରା କରିଥିଲା। ଇଡିର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଜେରା



ସମୟରେ ଏହାର ଭିଡିଓଗ୍ରାଫି କରାଯାଇଛି। ତଦନ୍ତକାରୀମାନେ ବାନାର୍ଜୀଙ୍କ ବୟାନ ରେକର୍ଡ କରିବେ ଓ ଅପରାଧର କଥିତ ଆୟ ଠାବ କରିବା ପାଇଁ ତାଙ୍କୁ ଆର୍ଥିକ ଡକ୍ୟୁମେଣ୍ଟ, ଡିଜିଟାଲ୍ ରେକର୍ଡ ଓ ଅନ୍ୟ ଅଭିଯୁକ୍ତଙ୍କ ବୟାନ ସହିତ ମେଳ କରାଇବେ। ଇଡି ପୂର୍ବ ତଥ୍ୟ ଓ ଚଢ଼ଉବେଳେ ଜବତ ହୋଇଥିବା କାଗଜପତ୍ରରେ ରହିଥିବା ଅସଙ୍ଗତି ଉପରେ ମଧ୍ୟ ଅଭିଷେକଙ୍କ ସ୍ପଷ୍ଟୀକରଣ ମଗାଯିବ। ଫରେନସିକ୍ ବିଶ୍ଳେଷଣ ସମୟରେ ଚିହ୍ନଟ ହୋଇଥିବା ମଧ୍ୟସ୍ଥି ଓ ଲାଭାର୍ଥୀ ସଂସ୍ଥାଗୁଡ଼ିକର ଭୂମିକାକୁ ନେଇ ମଧ୍ୟ ପ୍ରଶ୍ନ କରାଯିବ। ଇଡି ଅଧିକାରୀ କହିଛନ୍ତି ଯେ, ଆମେ ବ୍ୟାଙ୍କ ରେକର୍ଡ ଓ ଯୋଗାଯୋଗ ତଥ୍ୟ ହାସଲ କରିଛୁ ଯେଉଁଥିରେ ସନ୍ଦିଗ୍ଧ ବ୍ୟକ୍ତି ବିଶେଷ ସଂଶ୍ଳିଷ୍ଟ ଥିବା ସୂଚିତ କରୁଛି। ଅଭିଷେକ ବାନାର୍ଜୀଙ୍କ ମତାମତ ସହିତ ସେହି ତଥ୍ୟଗୁଡ଼ିକର ମେଳ କରାଇବାକୁ ଲକ୍ଷ୍ୟ କରି ଆଜି ଜେରା କରାଯାଇଛି। ଇଡି ଏହି ଦୁର୍ନୀତି ମାମଲାରେ ପୂର୍ବତନ ମନ୍ତ୍ରୀ ଚନ୍ଦ୍ରନାଥ ସିହ୍ନାଙ୍କ ସହିତ ଅନ୍ୟମାନଙ୍କୁ ମଧ୍ୟ ପୂର୍ବରୁ ପଚରାଉଚରା କରିସାରିଛି। ଆଜି ଇଡି ଜେରା ପରେ ଆସନ୍ତାକାଲି ପୁଣି ଥରେ ଅଭିଷେକ ସିଆଇଡିରେ ହାଜର ହେବେ। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଧମକ ଓ ହିଂସା ଉସୁକାଇବା ନେଇ ଏକ ଏତଲା ଆଧାରରେ ଅଭିଷେକ ସିଆଇଡିରେ ଏଥର ହାଜର ହେବେ।

# ଦକ୍ଷିଣ ଲେବାନନରେ ଇସ୍ରାଏଲର ପ୍ରଚଣ୍ଡ ଆକ୍ରମଣ

ନୂଆଦିଲ୍ଲୀ : ଆମେରିକା-ଇରାନ ଆଜି ଶାନ୍ତି ଚୁକ୍ତି ଘୋଷଣା କରିଛନ୍ତି। କିନ୍ତୁ ଇସ୍ରାଏଲ ଏହି ଚୁକ୍ତିର ଅଂଶ ନୁହେଁ ବୋଲି ସ୍ପଷ୍ଟ ଘୋଷଣା କରିଛି। ଇସ୍ରାଏଲ ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ କାଟଜ ଆଜି କହିଛନ୍ତି, ଆମେ ଏହି ଚୁକ୍ତିର ଅଂଶ ନୁହଁ। ଇସ୍ରାଏଲ ଏକ ସ୍ୱାଧୀନ ଏବଂ ସାର୍ବଭୌମ ରାଷ୍ଟ୍ର। ଏହା କାହାର ନିର୍ଦ୍ଦେଶ ପାଳନ କରିବନି। ଇସ୍ରାଏଲ ସେନା ଦକ୍ଷିଣ ଲେବାନନରେ ରହିବେ ଏବଂ ଯଦି ଇରାନ ଆକ୍ରମଣ କରେ ତେବେ ଏହା ପୂର୍ଣ୍ଣ ସାମର୍ଥ୍ୟର ସହ ଜବାବ ଦେବ। ଇସ୍ରାଏଲ କାଟ୍ଜ କହିଛନ୍ତି, ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଇସ୍ରାଏଲ ସ୍ଥିତି ସଂକ୍ରାନ୍ତରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଅନ୍ୟ ବରିଷ୍ଠ ଆମେରିକୀୟ ଅଧିକାରୀଙ୍କୁ ଜଣାଇ ଦେଇଛନ୍ତି। ତେବେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଏହି ଚୁକ୍ତିକୁ ନେଇ କୌଣସି ଟିପ୍ପଣୀ ଦେଇନାହାନ୍ତି।

# ଅନିଲ ଅମ୍ବାନୀଙ୍କ ସଂସ୍ଥାର ୨ ଅଧିକାରୀ ଗିରଫ

ମୁମ୍ବାଇ : ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଅନିଲ ଅମ୍ବାନି ଗ୍ରୁପର ଦୁଇ ଜଣ ଅଧିକାରୀଙ୍କୁ ଗିରଫ କରାଯାଇଛି। ସେମାନେ ହେଉଛନ୍ତି ରିଲାଏନ୍ସ ଅନିଲ ଅମ୍ବାନୀ ଗ୍ରୁପ୍ର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ସତୀଶ ସେଠ୍ ଓ ଗୌତମ ଭାଇଲାଲ ଦୋଷୀ। ମନି ଲଣ୍ଡରିଂ ମାମଲାରେ ସେମାନଙ୍କୁ ଗିରଫ କରାଯାଇଛି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ସହ ସମ୍ପର୍କିତ ମାମଲାରେ ସେଠ୍ଙ୍କୁ ଓ ରିଲାଏନ୍ସ କମ୍ୟୁନିକେସନ ସହ ଜଡ଼ିତ ମାମଲାରେ ଦୋଷୀଙ୍କୁ ଗିରଫ କରାଯାଇଛି। ସେଠ୍ ଜଣେ ପ୍ରମୁଖ ଅଧିକାରୀ ଥିଲେ। ରିଲାଏନ୍ସ ଗ୍ରୁପ୍ର ଏକାଧିକ ସଂସ୍ଥାର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ସେ ନେଉଥିଲେ। ଭିତ୍ତିଭୂମି, ଶକ୍ତି ଓ ଆନୁଷଙ୍ଗିକ ସଂସ୍ଥାଗୁଡ଼ିକର ନିଷ୍ପତ୍ତି ପ୍ରକ୍ରିୟାରେ ତାଙ୍କ ଭୂମିକା ରହୁଥିଲା। ସେହିପରି ଶ୍ରୀ ଦୋଷୀ ଗ୍ରୁପ୍ର ଆର୍ଥିକ କାରବାର ସହ ଜଡ଼ିତ ଥିଲେ। ସେ ଟିକସ, ଯୋଜନା, ନିୟମ ପାଳନ ଓ ବିପଦ ପରିଚାଳନା ଭଳି କାର୍ଯ୍ୟର ଦେଖାଶୁଣା କରୁଥିଲେ। ରିଲାଏନ୍ସ ଅନିଲ ଅମ୍ବାନୀ ଗ୍ରୁପ୍ର ବିଭିନ୍ନ ସଂସ୍ଥା ପାଇଁ ଦେଶ ଓ ବିଦେଶର ବିଭିନ୍ନ ସଂସ୍ଥାଠାରୁ ଋଣ ଆଣିବା କାଗଜପତ୍ରରେ ସେ ଦସ୍ତଖତ କରୁଥିଲେ। ଇଡି ପକ୍ଷରୁ କୁହାଯାଇଛି ଯେ ଭିତ୍ତିଭୂମି ନିର୍ମାଣ ନାମରେ ଉଠାଯାଇଥିବା ଋଣ ଆତ୍ମସାତ କରିବାରେ ସେଠଙ୍କ ଭୂମିକା ଥିଲା।

## ସୀମାରେ ଭାରତ ସହ ବିବାଦ

# ୯ ନାଗରିକଙ୍କୁ ଗ୍ରହଣ କରୁନି ବାଂଲାଦେଶ

ନୂଆଦିଲ୍ଲୀ : ଭାରତ ଓ ବାଂଲାଦେଶ ମଧ୍ୟରେ ସୀମା ବିବାଦ ପୁଣି ତୀବ୍ର ହୋଇଛି। ଆସାମର ମଙ୍କଚର ସେକ୍ଟରରେ ଦୁଇ ଦେଶ ମଧ୍ୟରେ ତିକ୍ତତା ଦେଖିବାକୁ ମିଳିଛି। ଏହି ବିବାଦ ଯୋଗୁ ଦୁଇ ଦେଶ ମଧ୍ୟରେ ଥିବା ନୋ ମ୍ୟାନ୍ସ ଲ୍ୟାଣ୍ଡରେ ୯ ଜଣ ବାଂଲାଦେଶ ନାଗରିକ ଫସି ରହିଛନ୍ତି। ନୋ ମ୍ୟାନ୍ସ ଲ୍ୟାଣ୍ଡ ହେଉଛି ଦୁଇଟି ଦେଶର ସୀମା ମଧ୍ୟରେ ଥିବା ସେହି ଅଞ୍ଚଳ, ଯାହା କୌଣସି ଦେଶର ପ୍ରତ୍ୟକ୍ଷ ନିୟନ୍ତ୍ରଣ କିମ୍ବା ଅଧିକାରରେ ନ ଥାଏ। ସାଧାରଣତଃ ଏହା ଦୁଇ ଦେଶର ସୀମା ମଧ୍ୟରେ ଥିବା ଗୋଟିଏ ଖାଲି ଅଞ୍ଚଳ। ଏଠାରେ ସାଧାରଣ ଲୋକଙ୍କ ଯାତାୟାତ ବ୍ୟାନ ଓ ଏହା ଉପରେ ସୁରକ୍ଷାକର୍ମୀ ନଜର ରଖିଥାଆନ୍ତି। ଏବେ ସେଠାରେ ଫସିଥିବା ଲୋକମାନେ ବାଂଲାଦେଶର ନାଗରିକ ହୋଇଥିଲେ ବର୍ଡର ଗାର୍ଡ ବାଂଲାଦେଶ(ବିଜିବି) ସେମାନଙ୍କୁ ନେବାକୁ ଚାହୁଁନାହିଁ। ଏହାକୁ ନେଇ ଭାରତ ସହ ବାଂଲାଦେଶର ବିବାଦ ଦେଖିବାକୁ ମିଳିଛି। ବିବାଦ ଯୋଗୁ ବିଏସଏଫ ଓ ବିଜିବି ମଧ୍ୟରେ ଗୋଟିଏ ଫ୍ଲାଗ ମିଟିଂ ହୋଇଥିଲା। ସମାଧାନ ପାଇଁ ଉଦ୍ୟମ ହୋଇଥିଲେ ହେଁ କୌଣସି ସୁଫଳ ମିଳିନାହିଁ। ଆଜି ପୁଣି ବିବାଦର ସମାଧାନ ପାଇଁ ବୈଠକ



ବସିବ ବୋଲି ଜଣାପଡ଼ିଛି। ରବିବାର ମଙ୍କଚର ସୀମାର ନୋ ମ୍ୟାନ୍ସ ଲ୍ୟାଣ୍ଡରେ ୯ ଜଣ ସାଧାରଣ ଲୋକଙ୍କୁ ଠାବ କରାଯିବା ପରେ ଦୁଇ ଦେଶ ମଧ୍ୟରେ ବିବାଦ ଦେଖାଯାଇଛି। ସାମ୍ନାକୁ ଆସିଥିବା ଭିଡିଓରେ ଦେଖିବାକୁ ମିଳୁଛି ଯେ ସେଠାରେ ଥିବା ୯ ଜଣଙ୍କ ମଧ୍ୟରୁ ଜଣେ ସ୍ୱୀକାର କରୁଛନ୍ତି ଯେ ସେମାନେ ବାଂଲାଦେଶ ନାଗରିକ ଓ କାମ ଅନ୍ୱେଷଣରେ ଭାରତ ଆସିଥିଲେ। ସେ କହୁଛନ୍ତି, "ଆମେ ବାଂଲାଦେଶର ନାଗରିକ ବୋଲି ପ୍ରମାଣିତ କରିବାକୁ ଆମ ପାଖରେ ଦସ୍ତାବିଜ ରହିଛି। ଆମକୁ ହତ୍ୟା କରି ନଦୀରେ ଫିଙ୍ଗି ଦେଲେ ମଧ୍ୟ ଆମେ କେବେ ହେଲେ ଭାରତକୁ ଯିବୁ ନାହିଁ।" ଆଉ କିଛି ଭିଡିଓରେ ଫସି ରହିଥିବା ଲୋକମାନେ କାନ୍ଦୁ ଥିବା ଦେଖାଯାଉଛି। ଏବେ ସେମାନଙ୍କ ଭବିଷ୍ୟତ ଅନିଶ୍ଚିତତା ମଧ୍ୟରେ ରହିଛି। ବେଶ କିଛି ସପ୍ତାହ ହେଲାଣି ଭାରତ ସୀମା ଅତିକ୍ରମ କରିବାକୁ ଚେଷ୍ଟା କରୁଥିବା ଅନେକ ବାଂଲାଦେଶୀଙ୍କୁ ବିଏସଏଫ ଘଉଡ଼ାଇବାରେ ଲାଗିଛି। ଗତ ସପ୍ତାହରେ ବିଏସ୍ଏଫ ଓ ଆସାମ ପୁଲିସ ୨୧ ଅନୁପ୍ରବେଶକାରୀଙ୍କୁ ସୀମାରେ ଅଟକାଇବାକୁ ସକ୍ଷମ ହୋଇଥିଲେ। ଅନୁପ୍ରବେଶକୁ ରୋକିବାରେ ପୁଲିସ ଓ ବିଏସଏଫ ଚମତ୍କାର କାମ କରୁଥିବାରୁ ଏହାକୁ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ପ୍ରଶଂସା କରିଥିଲେ।

# ଆମେରିକା-ଇରାନ ଚୁକ୍ତିକୁ ସ୍ୱାଗତ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ବିବାଦର ଅନ୍ତ ପାଇଁ ହୋଇଥିବା ଚୁକ୍ତିକୁ ସ୍ୱାଗତ କରିଛନ୍ତି। ସେ ଆଶା ପ୍ରକାଶ କରିଛନ୍ତି ଯେ, ଚୁକ୍ତି ଏହି ଅଞ୍ଚଳରେ ଶାନ୍ତି ଏବଂ ସ୍ଥିରତା ଫେରାଇ ଆଣିବାରେ ସାହାଯ୍ୟ କରିବ, ଏବଂ ସମୁଦ୍ର ପଥରେ ଅବାଧ ଗତିବିଧି ତଥା ବିଶ୍ୱ ବାଣିଜ୍ୟକୁ ସୁଦୃଢ଼ କରିବ। ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ପଶ୍ଚିମ ଏସିଆରେ ବିବାଦର ଅନ୍ତ ପାଇଁ ଆମେରିକା ଏବଂ ଇରାନ ମଧ୍ୟରେ ହୋଇଥିବା ଚୁକ୍ତିକୁ ମୁଁ ସ୍ୱାଗତ କରୁଛି। ଏହି ବିବାଦ ସାରା ବିଶ୍ୱରେ ଗମ୍ଭୀର ଆର୍ଥିକ ଅସ୍ଥିରତା ଏବଂ ଅନେକ ଦେଶରେ ଜୀବନ ଏବଂ ସମ୍ପତ୍ତିର କ୍ଷତି କରିଛି। ସେ କହିଛନ୍ତି,ଭାରତ ଆଶା କରୁଛି ଯେ, ଏହି ଚୁକ୍ତିନାମା କାର୍ଯ୍ୟକାରୀ ହେବା ଫଳରେ ଅଞ୍ଚଳରେ ଶାନ୍ତି ଏବଂ ସ୍ଥିରତା ପୁନଃସ୍ଥାପିତ ହେବ। ଏହା ସହିତ ଗତିବିଧି ଏବଂ ବାଣିଜ୍ୟର ସ୍ୱାଧୀନତା ସୁନିଶ୍ଚିତ ହେବ। ଦୁଇ ପକ୍ଷ ମଧ୍ୟରେ ବାକି ଥିବା ସମସ୍ୟାଗୁଡ଼ିକ ମଧ୍ୟ ଆଲୋଚନା ମାଧ୍ୟମରେ ସମାଧାନ କରାଯିବ ଯାହା ଦ୍ୱାରା ଏକ ସ୍ଥାୟୀ ଚୂଡ଼ାନ୍ତ ସମାଧାନ ହୋଇପାରିବ ବୋଲି ସେ କହିଛନ୍ତି।

# ହର୍ମୁଜରେ ଅଟକିଛି ୧୬ ସାର ଜାହାଜ

ନୂଆଦିଲ୍ଲୀ: ସାର ଭର୍ତ୍ତି କରି ଭାରତ ଅଭିମୁଖେ ଯାତ୍ରା ଆରମ୍ଭ କରିଥିବା ୧୬ଟି ଜାହାଜ ଯୁଦ୍ଧ ଦ୍ୱାରା ପ୍ରଭାବିତ ହର୍ମୁଜ ପ୍ରଣାଳୀରେ ଅଟକି ରହିଛି। ସେଥିରୁ ଆଠଟି ଜାହାଜରେ ୩,୩୦,୦୦୦ ଟନ୍ ୟୁରିଆ, ଚାରିଟି ଜାହାଜରେ ୨,୫୭,୦୦୦ ଟନ୍ ଡାଇ-ଆମୋନିୟମ ଫସ୍ଫେଟ୍ ଓ ଗୋଟିଏ ଜାହାଜରେ ଆମୋନିଆ ରହିଛି। ଅନ୍ୟ ତିନିଟି ଜାହାଜରେ ୧,୧୦,୦୦୦ ଟନ୍ ସଲ୍ଫର୍ ରହିଥିବା ସାର ମନ୍ତ୍ରଣାଳୟର ଯୁଗ୍ମ ସଚିବ ବନ୍ଦନା ପ୍ରିୟାଶି କହିଛନ୍ତି। ଦେଶର ଚାହିଦା ପୂରଣ କରିବାକୁ ୫ ନିୟୁତ ଟନ୍ ସାର ଆମଦାନି କରାଯାଇଛି। ଆଉ ୧.୭ ନିୟୁତ ଟନ୍ ୟୁରିଆ ଆଣିବାକୁ ବିଶ୍ୱସ୍ତରୀୟ ଟେଣ୍ଡର ଆହ୍ୱାନ କରାଯାଇଛି। ଦେଶରେ ବୁଣାବୁଣି ଋତୁ ଆରମ୍ଭ ହୋଇଯାଇଛି। ସାର ଅଭାବ ଦେଖାଦେବା ଭଳି କୌଣସି ସ୍ଥିତି ନାହିଁ ବୋଲି ସେ କହିଛନ୍ତି। ଚଳିତ ଫସଲ ଋତୁରେ ୩୮.୩୯ ନିୟୁତ ଟନ୍ ସାର ବ୍ୟବହାର ହେବା ଆଶା କରାଯାଉଥିବା ସେ କହିଛନ୍ତି। କୃଷି ମନ୍ତ୍ରଣାଳୟ ଆକଳନ ଅନୁସାରେ ଚଳିତ ବର୍ଷ ଖରିଫ ଋତୁରେ ୩୮୩.୯ ଲକ୍ଷ ଟନ୍ ସାର ଆବଶ୍ୟକ। ବର୍ତ୍ତମାନ ଦେଶରେ ୧୯୬.୬୫ ଲକ୍ଷ



ଟନ୍ ରହିଛି ଯାହା ସ୍ୱାଭାବିକ ସ୍ତରଠାରୁ ଉପରେ ରହିଛି। ଚାଷୀମାନେ ୧୦୨.୭୮ ଲକ୍ଷ ଟନ୍ ସାର କିଣିଛନ୍ତି ଯାହା ସେମାନଙ୍କ ମୋଟ୍ ଆବଶ୍ୟକତାର ୩୭ ପ୍ରତିଶତ। ସେମାନେ ଆଉ ୨୧୮.୧୨ ଲକ୍ଷ ଟନ୍ ସାର କିଣିବେ। ସେଥିମଧ୍ୟରୁ ଦେଶରେ ୧୯୬ ଲକ୍ଷ ଟନ୍ ସାର ରହିଛି।

# ଛାଡପତ୍ର ମାମଲାରେ ଫସିଲେ ବିଜୟ

## ଅଗଷ୍ଟ ୭ ପର୍ଯ୍ୟନ୍ତ ଶୁଣାଣି ଘୁଞ୍ଚାଇଲେ କୋର୍ଟ

ଚେନ୍ନାଇ : ତାମିଲନାଡୁ ମୁଖ୍ୟମନ୍ତ୍ରୀ ତଥା ଟିଭିକେ ମୁଖ୍ୟ ଜୋସେଫ ବିଜୟଙ୍କ ଛାଡପତ୍ର ମାମଲାର ଶୁଣାଣି ଆଜି ସ୍ଥଗିତ ରଖାଯାଇଛି। ଚେଙ୍ଗାଲପଟ୍ଟୁ ପରିବାର କଲ୍ୟାଣ କୋର୍ଟ ସୋମବାର ବିଜୟ ଏବଂ ତାଙ୍କ ପତ୍ନୀ ସଙ୍ଗୀତାଙ୍କ ଦ୍ୱାରା ଦାୟର ଛାଡପତ୍ର ଆବେଦନର ଶୁଣାଣି କରିବାର ଥିଲା। କିନ୍ତୁ ମାମଲାକୁ ଏବେ ସ୍ଥଗିତ ରଖାଯାଇଛି। ଚେଙ୍ଗାଲପଟ୍ଟୁ ପରିବାର କଲ୍ୟାଣ କୋର୍ଟ ଛାଡପତ୍ର ମାମଲାକୁ ଅଗଷ୍ଟ ୭ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖିଛନ୍ତି। ଛାଡପତ୍ର ଆବେଦନ ପରେ, ଉଭୟଙ୍କ ମଧ୍ୟରେ ଆପୋଷ ବୁଝାମଣାର ଖବର ମଧ୍ୟ ସାମ୍ନାକୁ ଆସୁଛି। ବିଜୟଙ୍କ ପତ୍ନୀ ସଙ୍ଗୀତା ସେମାନଙ୍କ ମଧ୍ୟରେ ମତଭେଦ ଥିବା ଦର୍ଶାଇ ତାଙ୍କ ସହିତ ବିବାହ ସମାପ୍ତ କରିବା ପାଇଁ ପରିବାର କୋର୍ଟରେ ଏକ ଆବେଦନ କରିଥିଲେ। ସଙ୍ଗୀତା ବିଜୟଙ୍କ ଉପରେ ମାନସିକ ନିର୍ଯାତନାର ଅଭିଯୋଗ ମଧ୍ୟ ଲଗାଇଥିଲେ ଏବଂ ଦାବି କରିଥିଲେ ଯେ ତାଙ୍କର



ଜଣେ ଚଳଚ୍ଚିତ୍ର ଅଭିନେତ୍ରୀଙ୍କ ସହ ପରକୀୟା ପ୍ରୀତି ରହିଛି। ସଙ୍ଗୀତା ତାଙ୍କ ଆବେଦନରେ ଛାଡପତ୍ର, ବିଜୟଙ୍କ ସାମାଜିକ ଏବଂ ଆର୍ଥିକ ସ୍ଥିତି ସହିତ ସମାନ ଭରଣପୋଷଣ ତଥା ପରିବାରର ନୀଳାଙ୍କରାଇସ୍ଥିତ ଘରେ ରହିବାର ଅଧିକାର ଦାବି କରିଥିଲେ। ପୂର୍ବରୁ ମାମଲାଟି ଚେଙ୍ଗାଲପଟ୍ଟୁ ପରିବାର କଲ୍ୟାଣ କୋର୍ଟରେ ଆଗତ ହୋଇଥିଲା, ଯେଉଁଠାରେ ବିଜୟ କିମ୍ବା ସଙ୍ଗୀତା ବ୍ୟକ୍ତିଗତ ଭାବରେ ହାଜର ନହେବାରୁ କୋର୍ଟ ମାମଲାକୁ ସ୍ଥଗିତ ରଖିଥିଲେ। ଶୁଣାଣି ସମୟରେ କେବଳ ସେମାନଙ୍କର ଆଇନଗତ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଉଭୟ ପକ୍ଷର ଆଇନଜୀବୀମାନେ କୋର୍ଟଙ୍କୁ କହିଥିଲେ ଯେ, ସେମାନଙ୍କ ମହକିଲମାନେ ବ୍ୟକ୍ତିଗତ ଭାବରେ ଉପସ୍ଥିତ ହେବା ଦ୍ୱାରା ସୁରକ୍ଷା ଏବଂ ଯିବା ଆସିବାରେ ସମସ୍ୟା ସୃଷ୍ଟି ହୋଇପାରେ। ତେଣୁ ସେମାନେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ମାମଲା ପରିଚାଳନା କରିବାକୁ ଅନୁମତି ମାଗିଥିଲେ। ଏହି ଦାବିଗୁଡ଼ିକୁ ବିଚାରକୁ ନେଇ, କୋର୍ଟ ଜୁନ୍ ୧୫ ତାରିଖ ପର୍ଯ୍ୟନ୍ତ ଶୁଣାଣିକୁ ସ୍ଥଗିତ ରଖିଥିଲେ। ଏବେ ଏହାକୁ ପୁଣି ଘୁଞ୍ଚାଇ ଦିଆଯାଇଛି। ଏହି ଘଟଣା ବିଜୟଙ୍କ ସମର୍ଥକ ଏବଂ ରାଜନୈତିକ ପର୍ଯ୍ୟବେକ୍ଷକଙ୍କ ମଧ୍ୟରେ ବିଶେଷ ଭାବରେ ସୋସିଆଲ ମିଡିଆରେ ଯଥେଷ୍ଟ ଆଗ୍ରହ ସୃଷ୍ଟି କରିଛି, ଏବଂ ଦମ୍ପତିଙ୍କର ପୁନର୍ମିଳନ କରିବା ପାଇଁ ପ୍ରୟାସ ବିଷୟରେ ଆଲୋଚନା ଚାଲିଛି। ଯଦିଓ ଜୋସେଫ ବିଜୟ କିମ୍ବା ସଙ୍ଗୀତା ଏହି ରିପୋର୍ଟଗୁଡ଼ିକ ଉପରେ ସାର୍ବଜନୀନ ଭାବରେ ମନ୍ତବ୍ୟ ଦେଇନାହାନ୍ତି, କିନ୍ତୁ ଗତ କିଛି ଦିନ ମଧ୍ୟରେ ଅନଲାଇନରେ ଏକ ଦୁହିଁଙ୍କ ମଧ୍ୟରେ ଆପୋଷ ବୁଝାମଣା ନେଇ କଳ୍ପନାଜଳ୍ପନା ଜୋର ଧରିଛି। ଏହି ହାଇ ପ୍ରୋଫାଇଲ୍ ମାମଲାର ଶୁଣାଣି ନେଇ ସମସ୍ତଙ୍କ ନଜର କୋର୍ଟଙ୍କର କାର୍ଯ୍ୟଧାରା ଉପରେ ରହିଛି।

# ପଞ୍ଜାବ-ଉତ୍ତରାଖଣ୍ଡ ବିଧାନସଭା ନିର୍ବାଚନ ନେଇ କଳ୍ପନାଜଳ୍ପନା

ଚଣ୍ଡିଗଡ଼/ଡେରାଡୁନ : ସମ୍ପ୍ରତି ପଞ୍ଜାବ ରାଜନୀତିରେ ଏକ ନୂଆ ଆଲୋଚନା ଆଲୋଡ଼ନ ସୃଷ୍ଟି କରିଛି। ରାଜ୍ୟରେ ଆଗାମୀ ବିଧାନସଭା ନିର୍ବାଚନ ନିର୍ଦ୍ଧାରିତ ସମୟ ପୂର୍ବରୁ ହୋଇପାରେ ବୋଲି କଳ୍ପନାଜଳ୍ପନା ଜୋର ଧରିଛି। ଯଦିଓ ପଞ୍ଜାବ ବିଧାନସଭାର କାର୍ଯ୍ୟକାଳ ଫେବୃଆରି ୨୦୨୭ରେ ଶେଷ ହେବାକୁ ଯାଉଛି, ପ୍ରଶାସନିକ ଏବଂ ଧାର୍ମିକ କାର୍ଯ୍ୟକ୍ରମ ଯୋଗୁ ନଭେମ୍ବର ୨୦୨୬ରେ ନିର୍ବାଚନ କରିବା ପାଇଁ ପ୍ରସ୍ତୁତି ଚାଲିଛି। କେବଳ ପଞ୍ଜାବରେ ନୁହେଁ ଏହାର ପଡ଼ୋଶୀ ରାଜ୍ୟ ଉତ୍ତରାଖଣ୍ଡରେ ମଧ୍ୟ ଆଗୁଆ ନିର୍ବାଚନ ନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଛି। ରାଜନୈତିକ କରିଡର ଏବଂ ପ୍ରଶାସନିକ ସୂତ୍ର ଅନୁଯାୟୀ, ଆଗୁଆ ନିର୍ବାଚନ କରିବା ପାଇଁ ଦୁଇଟି ମୁଖ୍ୟ କାରଣ ସାମ୍ନାକୁ ଆସୁଛି।

# ଭାରତରେ ପ୍ରଥମ ଉତ୍ପାଦନ କେନ୍ଦ୍ର ସ୍ଥାପନ କରିବ ହାଲିଅନ

ଭୋପାଳ : ମଧ୍ୟପ୍ରଦେଶସ୍ଥିତ ପିତମପୁରଠାରେ କଞ୍ଜ୍ୟୁମର କମ୍ପାନୀ ହାଲିଅନ ପ୍ରଥମ ଉତ୍ପାଦନ କେନ୍ଦ୍ର ସ୍ଥାପନ କରିବା ସମ୍ପର୍କରେ ଘୋଷଣା କରିଛି । ଏହି ଷ୍ଟେଟ-ଅଫ୍-ଦି-ଆର୍ଟ ଗ୍ରିନଫିଲ୍ଡ ସାଇଟ ସ୍ଥାନୀୟ ସ୍ମାର୍ଟ ଇଣ୍ଡଷ୍ଟ୍ରିଆଲ ପାର୍କରେ ୪୦ ଏକର ଜମିରେ ପରିବ୍ୟାପ୍ତ ରହିବ । ଏହି ଉତ୍ପାଦନ କେନ୍ଦ୍ର ପାଇଁ କମ୍ପାନୀ ମୋଟ ୨୦୦୦ କୋଟି ଟଙ୍କା ନିବେଶ କରିବ । ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଡଃ ମୋହନ ଯାଦବ, ହାଲିଅନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବ୍ରିୟାନ ମ୍ୟାକ୍ନାମାରା, ହାଲିଅନର ଭାରତ ସିଇଓ ଓ ଭାରତ ଉପମହାଦେଶ ଅଧ୍ୟକ୍ଷ କେଦାର ଲେଲେ ଏବଂ ହାଲିଅନର ମୁଖ୍ୟ ଯୋଗାଣ ଶୃଙ୍ଖଳା ଅଧିକାରୀ ନମ୍ରତା ପଟେଲଙ୍କ ଉପସ୍ଥିତିରେ ଏହି ଘୋଷଣା କରାଯାଇଛି । ଏହି କାରଖାନାକୁ ହାଲିଅନର ନୂତନ ଗ୍ଲୋବାଲ ଆଡଭାନ୍ସ ବ୍ଲୁପ୍ରିଣ୍ଟ ଉପରେ ଡିଜାଇନ କରାଯାଇଛି ଏବଂ ଏଠାରେ ଭବିଷ୍ୟତ-ପ୍ରସ୍ତୁତ ଅଟୋମେଟେଡ ମାନୁଫ୍ୟାକଚରିଂ କ୍ଷମତା ରହିବ । ଏହା ୨୦୨୯-୩୦ ଆର୍ଥିକ ବର୍ଷ ସୁଦ୍ଧା କାର୍ଯ୍ୟକ୍ଷମ ହେବାର ସମ୍ଭାବନା ରହିଛି । ଏହି ଉତ୍ପାଦନ କାରଖାନା ପ୍ରାୟ ୫୦୦ ପ୍ରତ୍ୟକ୍ଷ ନିଯୁକ୍ତି ସୃଷ୍ଟି କରିବ ବୋଲି ଆଶା କରାଯାଉଛି । ଏହି ନିବେଶ ହାଲିଅନର ୨୦୩୦ ସୁଦ୍ଧା ୧୦୦ କୋଟିରୁ ଅଧିକ ଉପଭୋକ୍ତାଙ୍କ ନିକଟରେ ପହଂଚିବା ଲକ୍ଷ୍ୟରେ ସହଯୋଗ କରିବ । ଏହି ଅବସରରେ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ କହିଛନ୍ତି, ପିତମପୁରରେ ନିଜର ପ୍ରଥମ ଉତ୍ପାଦନ କେନ୍ଦ୍ର ସ୍ଥାପନ କରିବା ପାଇଁ ହାଲିଅନର ନିଷ୍ପତ୍ତି ରାଜ୍ୟର ଅଭିବୃଦ୍ଧି କ୍ଷମତା ଓ ବ୍ୟବସାୟ ଇକୋସିଷ୍ଟମରେ ଅଗ୍ରଣୀ ଆନ୍ତର୍ଜାତୀୟ କମ୍ପାନୀଗୁଡିକର ବଢୁଥିବା ବିଶ୍ୱାସକୁ ପ୍ରତିଫଳନ କରୁଛି ।

# ଆଇଭରି କୋଷ୍ଟ ୧-୦ରେ ବିଜୟୀ

ଫିଲାଡେଲଫିଆ,୧୫।୬(ଏଜେନ୍ସି) : ଆଇଭରି କୋଷ୍ଟର ଫିଫା ବିଶ୍ୱକପ୍ ପ୍ରତ୍ୟାବର୍ତ୍ତନ ବିଜୟରୁ ଆରମ୍ଭ ହୋଇଛି। ଫିଲାଡେଲ୍ଫିଆ ଷ୍ଟାଡିୟମରେ ଖେଳାଯାଇଥିବା ସୋମବାର ଗ୍ରୁପ୍-ଇ'ର ଏକ ମୁକାବିଲାରେ ନାଟକୀୟ ଭାବେ ୯୦ତମ ମିନିଟ୍‌ରେ ବଦଳ ଖେଳାଳି ଅମାଦ ଦିଆଲୋଙ୍କ ଗୋଲରେ ଆଇଭରି କୋଷ୍ଟ ୧-୦ରେ ଇକ୍ୱେଡରକୁ ମାତ୍ ଦେଇଛି। ୨୦୦୬ରେ ପ୍ରଥମ ଥର ବିଶ୍ୱକପ୍ ଖେଳିଥିବା ଆଇଭରି କୋଷ୍ଟ ଲଗାତାର ୩ ସଂସ୍କରଣ ଖେଳିଥିଲା। ୨୦୧୪ ପରେ ପ୍ରଥମ ଥର ଚଳିତ ବିଶ୍ୱକପ୍ ଟିକେଟ୍ ହାସଲ କରିଥିଲା। ଆଇଭରି କୋଷ୍ଟ ଆରମ୍ଭରୁ ପଛରେ ପଡ଼ିଥିଲା। ଇକ୍ୱେଡର ଚମତ୍କାର ଖେଳି ପ୍ରଥମାର୍ଦ୍ଧରେ ମ୍ୟାଚକୁ ନିଜ ନିୟନ୍ତ୍ରଣରେ ରଖିଥିଲେ ମଧ୍ୟ ଗୋଲ୍ ଦେବାରେ ସକ୍ଷମ ହୋଇ ନଥିଲା। ତେବେ ୫୫ତମ



ମିନିଟ୍‌ରେ ପଡ଼ିଆକୁ ବଦଳ ଖେଳାଳି ଭାବେ ପ୍ରବେଶ କରିଥିବା ଅମାଦ ୩୫ତମ ପଡ଼ିଆ ରହିବା ସହ ୯୦ତମ ମିନିଟ୍‌ରେ ଗୋଲ୍ ଲଦି ୧୯ ମ୍ୟାଚରେ ଅପରାଜିତ ଥିବା ଇକ୍ୱେଡରକୁ ପରାଜୟ ଦେଖାଇଥିଲେ। ଏହି ବିଜୟ ସହ ୧୨ ଧରି ଫିଫା ବିଶ୍ୱକପରେ ଅନୁପସ୍ଥିତ ଥିବା ଆଇଭରି କୋଷ୍ଟ ନକ୍‌ଆଉଟ୍ ପହଞ୍ଚିବାର ନିକଟବର୍ତ୍ତୀ ହୋଇଛି। ପରବର୍ତ୍ତୀ ମ୍ୟାଚରେ ଏହି ଦଳ ୪ ଥରର ବିଜେତା ଜର୍ମାନୀଙ୍କୁ ଭେଟିବ।

# ପାରୁଲ ଚୌଧୁରୀଙ୍କ ଜାତୀୟ ରେକର୍ଡ

ନୂଆଦିଲ୍ଲୀ, ୧୫।୬(ଏଜେନ୍ସି) : ଭାରତୀୟ ଆଥଲେଟ୍ ପାରୁଲ ଚୌଧୁରୀ ଗୋଟିଏ ଗୁଳିରେ ଦୁଇଟି ଶିକାର କରିଛନ୍ତି। ଫ୍ରାନ୍ସର ନିଷ୍ଠାରେ ଅନୁଷ୍ଠିତ ମିଟିଂ ନିକାୟା ପ୍ରତିଯୋଗିତାରେ ନୂଆ ଜାତୀୟରେକର୍ଡ ସହ ଚଳିତ ବର୍ଷର ଏସୀୟକ୍ରୀଡ଼ା ଯୋଗ୍ୟତା ଅର୍ଜନ କରିନେଇଛନ୍ତି ସେ। ମହିଳା ୫୦୦୦ ମିଟର୍ ଦୌଡ଼କୁ ପାରୁଲ ୧୫:୦୪.୨୬ ମିନିଟରେ ଶେଷ କରି ଏହି ରେକର୍ଡ ପ୍ରତିଷ୍ଠା କରିଛନ୍ତି। ବ୍ୟକ୍ତିଗତ ଶ୍ରେଷ୍ଠ ଟାଇମିଂ ସହିତ ସେ ପ୍ରତିଯୋଗିତାର ଦ୍ୱିତୀୟ ସ୍ଥାନରେ ରହିଥିଲେ। ପାରୁଲ ମଧ୍ୟ ଗତ ହାଂଗଝୁ ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏବେବି ତାଙ୍କ ନାମରେ ୩୦୦୦ ଷ୍ଟିପଲ୍‌ଚେଜ୍ ରେକର୍ଡ ରହିଛି। ଫ୍ରାନ୍ସରେ ପାରୁଲଙ୍କଠାରୁ ଆଗରେ ରହି ଇଥିଓପିଆର ବେରେକା ସେନିୟା ମହମ୍ମଦ (୧୫:୦୩.୮୫) ସ୍ୱର୍ଣ୍ଣ ପଦକ ଜିତିଥିଲେ।

## ଫିଫା ବିଶ୍ୱକପ୍

# ଟ୍ୟୁନିସିଆକୁ ୫-୧ ଗୋଲରେ ହରାଇଲା ସ୍ୱିଡେନ୍

ମାଣ୍ଟୋରି, ୧୫।୬(ଏଜେନ୍ସି) : ଭିକ୍ଟର ଗିଓକେରେସ୍ ଓ ଆଲେକଜାଣ୍ଡର ଇଶାକଙ୍କ ଚମକରେ ସ୍ୱିଡେନ୍ ଚଳିତ ବିଶ୍ୱକପରେ ବିଜୟରୁ ଅଭିଯାନ ଆରମ୍ଭ କରିଛି। ସୋମବାର ଗ୍ରୁପ୍-ଏଫ୍'ର ଏକ ମ୍ୟାଚରେ ଏହି ଦଳ ୫-୧ ଗୋଲରେ ଟ୍ୟୁନିସିଆକୁ ପରାସ୍ତ କରି ଟେବୁଲର ଶୀର୍ଷ ସ୍ଥାନ ଅଧିକାର କରିଛି। ସପ୍ତମ ମିନିଟ୍‌ରେ ଗିଓକେରେସଙ୍କୁ ପାସ୍କୁ ୟାସିନ



ଆୟାରି ଗୋଲରେ ପରିଣତ କରି ସ୍ୱିଡେନଙ୍କୁ ପ୍ରାରମ୍ଭିକ ଅଗ୍ରଣୀ ନେଇଥିଲା। ଏହାପରେ ଇଶାକ ସାଥୀ ଷ୍ଟ୍ରାଇକର୍ ଗିଓକେରେସଙ୍କୁ ପାସରେ ଗୋଲ୍ କରି ସ୍ୱିଡେନକୁ ଯୁଗଳ ଅଗ୍ରଣୀ ଦେଇଥିଲେ। ହେଲେ ୪୩ତମ ମିନିଟ୍‌ରେ ଟ୍ୟୁନିସିଆର ଓମାର ରେକିକ୍ ଗୋଟିଏ ଗୋଲ୍ ଶୁଝି ସ୍ଥିତି ପ୍ରଥମାର୍ଦ୍ଧ ସୁଦ୍ଧା ୧-୨ କରିଥିଲେ। ଏହା ରେକିକଙ୍କ ପ୍ରଥମ ଅନ୍ତର୍ଜାତୀୟ ଗୋଲ୍ ଥିଲା। ଦ୍ୱିତୀୟାର୍ଦ୍ଧରେ ଇଶାକଙ୍କ ସହଯୋଗରେ ଗିଓକେରେସ୍ (୫୯ ମିନିଟ୍) ଗୋଲ୍ ଦେଇ ଦଳକୁ ୩-୧ରେ ଆଗୁଆ କରିଥିଲେ। ୮୪ତମ ମିନିଟ୍‌ରେ ବଦଳରେ ଖେଳାଳି ଭାବେ ମାତିଆସ୍ ସ୍ୱନ୍ବର୍ଗ ପଡ଼ିଆରେ ପ୍ରବେଶ କରିବାର ୧୮ ସେକେଣ୍ଡରେ ଗୋଲ୍ ଲଦି ସ୍ୱିଡେନକୁ ୪-୧ରେ ଆଗରେ ରଖିଥିଲେ। ଏଥିସହ ସ୍ୱନ୍ବର୍ଗ ବଦଳ ଖେଳାଳି ଭାବେ ଦ୍ୱିତୀୟ ଦ୍ରୁତତମ ଗୋଲ୍ ସ୍କୋରର୍ ହେବାର ଗୌରବ ଅର୍ଜନ କରିଥିଲେ। ଶେଷରେ ଦ୍ୱିତୀୟ ଇନ୍‌ଜୁରି ସମୟରେ ଆୟାରି (୯୦+୬ ମିନିଟ୍) ଗୋଲ୍ ଦେଇ ବ୍ୟକ୍ତିଗତ ଯୁଗଳ ସଫଳତା ପାଇବା ସହ ଦଳକୁ ୫-୧ରେ ବିଜୟ ଭେଟି ଦେଇଥିଲେ।

# ଷ୍ଟାଡିୟମ୍ ସଫା କଲେ, ହୃଦୟ ଜିଣିଲେ ଜାପାନ ପ୍ରଶଂସକ

ଆର୍ଲିଂଟନ୍ (ଆମେରିକା), ୧୫/୬(ଏଜେନ୍ସି) : ଚଳିତ ଫିଫା ବିଶ୍ୱକପରେ ଜାପାନ ପ୍ରଶଂସକ ଷ୍ଟାଡିୟମ୍ ସଫା କରି ହୃଦୟ ଜିତିଛନ୍ତି। ରବିବାର ରାତି ମ୍ୟାଚରେ ଜାପାନ ୨-୨ ଗୋଲରେ ନେଦରଲାଣ୍ଡ୍ସ ବିପକ୍ଷରେ ଡ୍ର' ରଖି ପଏଣ୍ଟ ବାଣ୍ଟିଥିଲା। ଏହି ମ୍ୟାଚ୍ ସରିବା ପରେ ଜାପାନ ପ୍ରଶଂସକ ଷ୍ଟାଡିୟମ୍ ଛାଡ଼ି ନଥିଲେ। ଛାଡ଼ିବା ପୂର୍ବରୁ ଦଳକୁ ଉତ୍ସାହିତ କରିବାକୁ ଆଣିଥିବା ନୀଳ ରଙ୍ଗର ଜରିରେ ଷ୍ଟାଡିୟମ୍ ପଡ଼ି ରହିଥିବା ଅଳିଆ ଗୋଟାଇ ସଫା କରିଥିଲେ।ଏହି ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହେବା ପରେ ଜାପାନ ପ୍ରଶଂସକଙ୍କୁ ସାରା ବିଶ୍ୱର ଫୁଟବଲ ପ୍ରଶଂସକ ସାବାସି ଜଣାଇଥିଲେ। ଏହି ମହନ କାର୍ଯ୍ୟ ପାଇଁ ଫିଫା ବି ଜାପାନ ଦର୍ଶକଙ୍କୁ ପ୍ରଶଂସାରେ ପୋତି ଦେଇଛି। ଏଭଳି କାର୍ଯ୍ୟ କରିବା ଜାପାନ ପ୍ରଶଂସକଙ୍କ ପାଇଁ ନୂଆ ନୁହେଁ। ପୂର୍ବରୁ ଅଲିମ୍ପିକ୍ସ, ବିଶ୍ୱକପ୍ ସହ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ଏଭଳି ମହାନ କାର୍ଯ୍ୟ କରିଛନ୍ତି। ଏହା ସେମାନଙ୍କର ଏକ ପରମ୍ପରାରେ ପରିଣତ ହୋଇଯାଇଛି।



## ଅଖିଳ ଭାରତୀୟ ସୈନିକ ସ୍କୁଲ ହକି ଟୁର୍ଣ୍ଣାମେଣ୍ଟ

# ସୈନିକ ସ୍କୁଲ ଭୁବନେଶ୍ୱର ଚମ୍ପିଆନ୍

ଭୁବନେଶ୍ୱର, ୧୫।୬(ସବ୍ୟ) : ସୈନିକ ସ୍କୁଲ ଭୁବନେଶ୍ୱର ଦ୍ୱାରା ଆୟୋଜିତ ଅଖିଳ ଭାରତୀୟ ସୈନିକ ସ୍କୁଲ ଅନ୍ତଃ ଗ୍ରୁପ୍ ହକି ପ୍ରତିଯୋଗିତା-୨୦୨୬ ଅତ୍ୟନ୍ତ ଉତ୍ସାହ ଉଦ୍ଦିପନାର ସହ ସମାପନ ହୋଇଯାଇଅଛି। ଉକ୍ତ ସମାପନୀ ଉତ୍ସବରେ କମୋଡର ବିକ୍ରମ ସିଂହ ଡେପୁଟି ଡାଇରେକ୍ଟର ଜେନେରାଲ, ଏନ.ସି.ସି. ଡାଇରେକ୍ଟରେଟ୍ ଓଡ଼ିଶା ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ଭାରତର ବିଭିନ୍ନ ପ୍ରାନ୍ତରରୁ ଆସିଥିବା ସମସ୍ତ ସୈନିକ ସ୍କୁଲ କେଡେଟ୍ ମାନଙ୍କୁ ତାଙ୍କର ଉତ୍କୃଷ୍ଟ ଖେଳୁଆଡ଼ ମନୋଭାବ, ଶୃଙ୍ଖଳା ଓ ସେମାନଙ୍କ ଦଳଗତ ଉତ୍ତମ କାର୍ଯ୍ୟଲାଗି ଭୂୟଶୀ ପ୍ରଶଂସା କରିବା ସହ ବିଜେତା ମାନଙ୍କୁ ପୁରସ୍କୃତ କରିଥିଲେ। ଉକ୍ତ ପ୍ରତିଯୋଗିତାରେ ସିନିଅର ବାଳକ ବିଭାଗରେ ସୈନିକ ସ୍କୁଲ ଭୁବନେଶ୍ୱର ଚମ୍ପିଆନ ହୋଇଥିବା ବେଳେ ସୈନିକ ସ୍କୁଲ ବିଜାପୁର ରନର୍ସଅପ୍, ସିନିଅର ବାଳିକା ବିଭାଗରେ ସୈନିକ ସ୍କୁଲ ସମ୍ବଲପୁର ଚମ୍ପିଆନ୍ ହୋଇଥିବାବେଳେ ସୈନିକ ସ୍କୁଲ ଘୋରାଖାଲ ରନର୍ସଆପ୍ ହୋଇଥିଲେ। ଜୁନିଅର ବାଳକ ବିଭାଗରେ ସୈନିକ ସ୍କୁଲ ପୁରୁଲିଆ ଚମ୍ପିଆନ ଓ ସୈନିକ ସ୍କୁଲ ସିଲଭାସା ରନର୍ସଅପ୍ ହୋଇଥିଲେ। ପଦ୍ମଶ୍ରୀ ଡ. ଦିଲିପ୍ ତିର୍କୀ



ହକି ଇଣ୍ଡିଆର ପ୍ରେସିଡେଣ୍ଟ କଳିଙ୍ଗ ଷ୍ଟାଡିୟମ୍ ଠାରେ ଫାଇନାଲ୍ ଖେଳରେ ଉପସ୍ଥିତ ରହି ସମସ୍ତ ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହ ସୈନିକ ସ୍କୁଲ ଭୁବନେଶ୍ୱରର ସିନିଅର ବିଭାଗର ଖେଳାଳିମାନଙ୍କୁ ସେମାନଙ୍କର ଉତ୍କୃଷ୍ଟ ଖେଳ ପ୍ରଦର୍ଶନର ଭୂୟସୀ ପ୍ରଶଂସା କରିଥିଲେ। ଶ୍ରୀ ମଧୁସୂଦନ ପାଢ଼ୀ (ଆଇ.ଏ.ଏସ୍.)ରିଟାର୍ଡ, ମୁଖ୍ୟ ନିର୍ବାଚନ କମିଶନର ଓଡ଼ିଶା ସୈନିକ ସ୍କୁଲର ସମସ୍ତ ପୁରାତନ ଛାତ୍ରଗଣ ଓ ଅଭିଭାବକ ଗଣ ଖେଳରେ ଉପସ୍ଥିତ ରହି ଖେଳାଳିମାନଙ୍କୁ ପ୍ରେରଣା ଯୋଗାଇଥିଲେ। କର୍ଣ୍ଣେଲ ପଙ୍କଜ କୁମାର ପ୍ରିନ୍ସିପାଲ ସୈନିକ ସ୍କୁଲ ଭୁବନେଶ୍ୱର, କମାଣ୍ଡର ମନୋରମା ପୋଖରୀଆ, ଭାଇସ୍ ପ୍ରିନ୍ସିପାଲ, ଲେ.କର୍ଣ୍ଣେଲ୍ ପ୍ରିତମ୍ କାମ୍ବେଲେ, ମୁଖ୍ୟ ପ୍ରଶାସକ ଓ ସମସ୍ତ କର୍ମଚାରୀ ଉପସ୍ଥିତ ରହି ସମସ୍ତ ଖେଳର ଆୟୋଜନ କରିବା ସହ ଖେଳାଳି ମାନଙ୍କର ମନୋବଳ ବଢ଼ାଇଥିଲେ। ସୈନିକ ସ୍କୁଲ ଭୁବନେଶ୍ୱର, ସୈନିକ ସ୍କୁଲ ସମ୍ବଲପୁର ଏବଂ ସୈନିକ ସ୍କୁଲ ପୁରୁଲିଆ ଆଗକୁ ହେବାକୁଥିବା ନେହୁରୁ କପ୍ ହକି ଟୁର୍ଣ୍ଣାମେଣ୍ଟରେ ସିନିଅର ଓ ଜୁନିଅର ବିଭାଗରେ ଖେଳିବାପାଇଁ ମନୋନିତ ହୋଇଛନ୍ତି। ପରିଶେଷରେ କର୍ଣ୍ଣେଲ ପଙ୍କଜ କୁମାର ବିଭିନ୍ନ ସ୍କୁଲରୁ ଆସିଥିବା ଟିମ୍, ଅଫିସିଆଲସ୍, ସମସ୍ତ ଅତିଥି ଓ ସୈନିକ ସ୍କୁଲର ସମସ୍ତ କର୍ମଚାରୀଙ୍କୁ ସେମାନଙ୍କର ଉତ୍କୃଷ୍ଟ ସହଯୋଗ ନିମନ୍ତେ ଧନ୍ୟବାଦ ଅର୍ପଣ କରିଥିଲେ।

## ପବିତ୍ର ମୋହନ କ୍ରିକେଟ ନାଇଟ ଟୁର୍ଣ୍ଣାମେଣ୍ଟ

# ଗହମ ଚାମ୍ପିଅନ, ଶିପୁର ରନର୍ସଅପ

କଣିହାଁ,୧୫ ।୬(ସବ୍ୟ) : କଣିହାଁ ବ୍ଲକ ପବିତ୍ରନଗର ମିନି ଷ୍ଟାଡିୟମରେ ରବିବାର ଏକ ଦିନିକିଆ ପବିତ୍ର ମୋହନ କ୍ରିକେଟ ନାଇଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ପବିତ୍ରନଗର କ୍ଲବ ତରଫରୁ ଏହା ଆୟୋଜିତ ହୋଇଥିବା ବେଳେ ପ୍ରଥମେ ପବିତ୍ର ପ୍ରଧାନଙ୍କ ପ୍ରତିମୂର୍ତ୍ତି ଠାରେ ପୂଜାର୍ଚ୍ଚନା କରାଯାଇ ଉଦଘାଟନ କରାଯାଇଥିଲା । ଏଥିରେ ମୋଟ ୧୨ ଟି ଟିମ ଯୋଗ ଦେଇଥିଲେ । ରାତିରେ ସର୍ଟ ସାର୍କଲରେ ଖେଳାଯାଇଥିବା ଏହି ଟୁର୍ଣ୍ଣାମେଣ୍ଟ ରେ ଗହମ ଟିମ ବିଜୟୀ ହୋଇ ଚମ୍ପିଆନ ହୋଇଥିବା ବେଳେ ଶିପୁର ଟିମ ରନର୍ସ ଅପ ହୋଇଥିଲା । ବିଜୟୀ ଟିମର ମିଥୁନ ବେହେରା ମ୍ୟାନ ଅଫ ଦି ସିରିଜ ଓ ପ୍ରକାଶ ଚନ୍ଦ୍ର



ବେହେରା ଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ଦିଆ ଯାଇଥିଲା । ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ମିଟୁନ ଜେନାଙ୍କୁ ସମ୍ମାନିତ କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ପ୍ରଫୁଲ୍ଲ ମିଶ୍ର ଓ ପ୍ରବୀଣ ସାହୁ ଯୋଗଦେଇ ଟ୍ରଫି ଓ ପୁରସ୍କାର ପ୍ରଦାନ କରିଥିଲେ । ଟୁର୍ଣ୍ଣାମେଣ୍ଟ ପରିଚାଳନା ରେ ସୁବ୍ରତ ବିଶ୍ୱାଳ, ଦୀପକ ସାହୁ, ଆଶିଷ ପ୍ରଧାନ, ସୁଶାନ୍ତ ପ୍ରଧାନ, ଚନ୍ଦନ ପ୍ରଧାନ, ସୁବାସ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ମଦନପୁର ପ୍ରିମିୟର୍ ଲିଗ : ବାପି ଏକାଦଶ ଚାମ୍ପିଅନ

ଆନନ୍ଦପୁର, ୧୫।୬(ସବ୍ୟ) : ପବିତ୍ର ରଜ ସଂକ୍ରାନ୍ତିରେ ଗତ ସୋମବାରରେ ଆନନ୍ଦପୁର ଉପଖଣ୍ଡସ୍ଥ ଘସିପୁରା ବ୍ଲକ ମଦନପୁର ପ୍ରିମିୟର୍ ଲିଗ ରେ ସୁନ୍ଦର କ୍ରୀଡା ନୈପୁଣ୍ୟ ପ୍ରଦର୍ଶିତ କରି ବାପି ଏକାଦଶ ଚାମ୍ପିଅନ ହୋଇପାରିଛି । ବହୁ ବର୍ଷ ପରେ ମଦନପୁର ଗାଁ'ର ପହିଲୁ ଅଫିସିଆଲ ଟିମର ମହାମିଳନ ଅନୁଷ୍ଠିତ ହୋଇଥିଲା ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି । ବିଶେଷତଃ ଅତୀତର ଧୂଆଁଧାର ବ୍ୟାଟସ ମ୍ୟାନ କୋଦଣ୍ଡ କୁଅଁରଙ୍କର ହୱିଲ ଚେୟାର୍ ଉପରେ ଉପସ୍ଥିତି ବହୁ ଲୋକଙ୍କ ଆଖିରେ ଲୁହ ଆଣିଦେଇଥିଲା । ରଘୁନାଥ କବି, ନରେନ୍ଦ୍ର ବେହେରା, ବାପି କୁଅଁର, କୁନୀପୁଅ କୁଅଁର, ନବଘନ ସେଠୀ, ନାନୁ ଯେନା, ହିମାଂଶୁ ଯେନା, ଅନନ୍ତ ପାଢ଼ୀ, ପ୍ରଦୀପ ମହାରଣା, ଟୁକୁନ, ହାଉଁ ଦା', ଚିନ୍ମୟ ସାହୁ, ଚକର ପାତ୍ର, ଦୀନୁ ଦା', ଅଜୁ ମହାରଣା.... ଇତ୍ୟାଦି ଅଗଣିତ ସିନିୟର୍ ପିଲାମାନଙ୍କ ସହ କ୍ଷୀରୋଦ ବେହେରା, ଗୁଡ୍ଡୁ, ମନୋରଞ୍ଜନ ମହାରଣା, ପପୁ କୁଅଁର୍, ସ୍ୱାଧୀନ, ବଳରାମ କୁଅଁର, ପିଣ୍ଟୁ ମହାରଣା, ଦୀପୁନା ମହାରଣା, ସତ୍ୟପ୍ରକାଶ ଓଝା, ବେଦପ୍ରକାଶ କୁଅଁର, ଦେବାଶିଷ କୁଅଁର, ମନୋଜ ଓଝା, ସୁମନ୍ତ କୁଅଁର, କୁମାର ନାୟକ, ବିଜୁ ମହାରଣା, ଚିତ୍ରସେନ ମହାରଣା, ଅକ୍ଷୟ ସାହୁ (ବାବୁ), ସୁନୀଲ ମହାରଣା, ବାବୁ କୁଅଁର, ରାହୁଲ କୁଅଁର, ଅଜୁ ପଲେଇ ଇତ୍ୟାଦି ଛୋଟ ଛୋଟ ପିଲାଙ୍କ ଅଫୁରନ୍ତ ଉତ୍ସାହ ଆଜି ମଦନପୁର ଖେଳ ପଡିଆକୁ ଦୀର୍ଘ ଦୁଇ ଦଶନ୍ଧି ପରେ ପୁନର୍ଜୀବିତ କଲା ବୋଲି ଅଞ୍ଚଳରେ ମତ ପ୍ରକାଶ ପାଇଛି ।

# ସୁପର ଓଭରରେ ଜିତିଲା ଶ୍ରୀଲଙ୍କା ଏ ଟିମ୍

ନୂଆଦିଲ୍ଲୀ, ୧୫।୬(ଏଜେନ୍ସି) : ଅନେକ ବିବାଦ। ଅମ୍ପାୟାରଙ୍କ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି। ଆଉ ୧୦ ରନର ପେନାଲ୍ଟି। ଶେଷରେ ସୁପର ଓଭରରେ ଶ୍ରୀଲଙ୍କା ଏ ଠାରୁ ହାରି ଯାଇଛି ଭାରତୀୟ ଏ ଟିମ। ମ୍ୟାଚ ହାରିବା ପରେ ଶ୍ରୀଲଙ୍କା ଏ ଟିମର ଉସକାଇବା ଭଳି ସେଲିବ୍ରେସନ ଯୋଗୁ ପଡ଼ିଆରେ ଦେଖାଦେଇଛି ପାଟିତୁଣ୍ଡ। ୧୫ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀଙ୍କ ସହ ଶ୍ରୀଲଙ୍କା ଏ ଟିମର ଜଣେ ଖେଳାଳିଙ୍କ ହୋଇଛି ଭୀଷଣ ଝଗଡ଼ା। ସୂର୍ଯ୍ୟବଂଶୀ ତାଙ୍କୁ ଧକ୍କା ଦେବାକୁ ମଧ୍ୟ ପଛାଇ ନାହାନ୍ତି। ଅନ୍ୟ ଖେଳାଳିଙ୍କ ହସ୍ତକ୍ଷେପ ଯୋଗୁ କିଛି କ୍ଷଣର ଉତ୍ତେଜନା ପରେ ସବୁ କିଛି ଶାନ୍ତ ହୋଇଛି। ଦୁଇ ଦଳର ଖେଳାଳି ହାତ ମିଳାଇଛନ୍ତି।ତେବେ ମ୍ୟାଚ୍ ଅତ୍ୟନ୍ତ ବିବାଦୀୟ ଢଙ୍ଗରେ ଶେଷ ହୋଇଛି। ପୂରା ବିବାଦ ଶ୍ରୀଲଙ୍କା ଏ ଟିମର ଶେଷ ଓଭରରୁ ହିଁ ଆରମ୍ଭ ହୋଇଥିଲା। ଦଳକୁ ଶେଷ ବଲରେ ୨ ରନ ଦରକାର ଥିଲା। ଶେଷ ବଲରେ ଚାମିକା ଗୁଣସେକରା ସତରେ ଏକ ଶଟ୍ ଖେଳିବାକୁ ଚେଷ୍ଟା କରିଥିଲେ କି? ବଲ ତାଙ୍କ ପ୍ୟାଡରେ ବାଜି ୧ ରନ ହୋଇଥିଲା। ଏହାକୁ ନେଇ ବିବାଦ ଦେଖାଦେଇଥିଲା। ଭାରତୀୟ ଖେଳାଳିମାନେ ଅତ୍ୟନ୍ତ କ୍ଷୁବ୍ଧ ହୋଇଥିଲେ। କିଛି ସମୟ ପାଇଁ ନିଜ ଭାବନା ଉପରେ ନିୟନ୍ତ୍ରଣ ହରାଇବା ଭଳି ଲାଗିଥିଲା। ଅଧିନାୟକ ତିଳକ ବର୍ମା ଦୁଇ ଅମ୍ପାୟରଙ୍କ ନିକଟରେ ନିଜ ପକ୍ଷ ରଖିଥିଲେ। କିନ୍ତୁ ନିଷ୍ପତ୍ତି ବଦଳି ନଥିଲା।ତିଳକ ସୁପର ଓଭର କଥା କହୁଥିଲେ ହେଁ ସମୟ ହୋଇଯାଇଥିବା କହି ପଏଣ୍ଟ ଭାଗ କରିବାକୁ ଅମ୍ପାୟାର କହିଥିଲେ। ତିଳକ ବହୁତ ବୁଝାସୁଝା କରିବା ପରେ ମ୍ୟାଚ୍ ସୁପର ଓଭରକୁ ଯାଇଥିଲା।ବିବାଦ ସେଠାରେ ମଧ୍ୟ ଶେଷ ହୋଇନଥିଲା। ସୁପର ଓଭର ସମୟରେ ୱାଇଡ୍ ଓ ନୋ-ବଲ୍ ନିଷ୍ପତ୍ତିକୁ ନେଇ ଭାରତୀୟ ଦଳ ଅସନ୍ତୋଷ ପ୍ରକାଶ କରିଥିଲା। ଶେଷ ବଲ ଅର୍ଶଦ ଖାନ ହାଇ ଫୁଲଟସ ପକାଇଥିଲେ। ଅଭିଷ୍କା ଫର୍ଣ୍ଣାଣ୍ଡୋ ଶଟ ଖେଳିଥିଲେ ହେଁ କ୍ୟାଚ୍ ଆଉଟ ହୋଇଥିଲେ। ଅନ ଫିଲ୍ଡ ଅମ୍ପାୟାର ଆଉଟ ଦେବାରୁ ଶ୍ରୀଲଙ୍କା ସୁପର ଓଭରରେ ୧୪ ରନ କରିଥିବା କୁହାଗଲା।



ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.

## ପଦ୍ମପୁରରେ ଭୋଳାନାଥ ସାମନ୍ତରାୟ ଦିବାରାତ୍ର ଭଲିବଲ ପ୍ରତିଯୋଗିତା

# ଇଟାମାଟି ଚାମ୍ପିଅନ

ନିରାକାରପୁର, ୧୫/୬ (ସବ୍ୟ) : ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ନିକଟସ୍ଥ ପଦ୍ମପୁର ସ୍କୁଲ ଖେଳପଡ଼ିଆଠାରେ ଭୋଳାନାଥ ସାମନ୍ତରାୟ ସ୍ମାରକୀ ଦିବାରାତ୍ର ଭଲିବଲ ପ୍ରତିଯୋଗିତା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି ରୋମାଞ୍ଚକର ପ୍ରତିଯୋଗିତାରେ ଅଞ୍ଚଳର ୪ଟି ପ୍ରମୁଖ ଦଳ ଯଥା ଇଟାମାଟି, ପୁରୀ, ଖୋର୍ଦ୍ଧା ଏବଂ ସୋରଣ ଅଂଶଗ୍ରହଣ କରିଥିଲେ ।ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚଟି ଇଟାମାଟି ଏବଂ ପୁରୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଇଟାମାଟି ଦଳ ଚମତ୍କାର ପ୍ରଦର୍ଶନ କରି ପୁରୀ ଦଳକୁ ୨୫-୨୨ ଏବଂ ୨୫-୨୦ ସେଟ୍ରେ ପରାସ୍ତ କରି ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି ।ଉଦଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଅମିତ ସାମନ୍ତରାୟ ଓ ଶୁଭମ ଦାସ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପ୍ରସାଦ କୁମାର ଦାସ ଓ ତୋଫାନ ସଓ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ । ଅତିଥିମାନେ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ବିଜେତା (ଇଟାମାଟି) ଓ ଉପବିଜେତା



(ପୁରୀ) ଦଳକୁ ଟ୍ରଫି ଓ ପୁରସ୍କାର ପ୍ରଦାନ କରିଥିଲେ । ଏହି ଦିବାରାତ୍ର ମ୍ୟାଚକୁ ଦେଖିବା ପାଇଁ ସ୍ଥାନୀୟ ଅଞ୍ଚଳର ଶତାଧିକ କ୍ରୀଡ଼ାପ୍ରେମୀ ରାତିତମାମ ପଡ଼ିଆରେ ଉପସ୍ଥିତ ରହି ଖେଳର ଭରପୂର ଆନନ୍ଦ ନେଇଥିଲେ ଏବଂ ଖେଳାଳିମାନଙ୍କୁ କରତାଳି ଦେଇ ଉତ୍ସାହିତ କରିଥିଲେ ।

# ତୀରନ୍ଦାଜି ବିଶ୍ୱକପ୍ : ଧୀରଜଙ୍କୁ ଯୁଗଳ ସ୍ୱର୍ଣ୍ଣ

ଅନ୍ତଲ୍ୟା, ୧୫।୬(ଏଜେନ୍ସି) : ଭାରତର ତାରକା ତୀରନ୍ଦାଜ ଧୀରଜ ବୋମ୍ମାଦେବରା ବିଶ୍ୱକପ୍ ସ୍ୱର୍ଣ୍ଣ ପ୍ରତୀକ୍ଷାର ଅନ୍ତ ଘଟାଇଛନ୍ତି। ଏଠାରେ ଚାଲିଥିବା ତୀରନ୍ଦାଜି ବିଶ୍ୱକପ୍ ଷ୍ଟେଜ୍୩ରେ ମିଶ୍ରିତ ଯୁଗଳ ସହ ଏକକରେ ସ୍ୱର୍ଣ୍ଣ ଜିତି ଦ୍ୱିମୁକୁଟ ହାସଲ କରିଛନ୍ତି ଧୀରଜ। ଚଳିତ ଋତୁରେ ପ୍ରଥମ ଥର ଏକାଠି ଖେଳୁଥିବା ୨୪ ବର୍ଷୀୟ



ଅଲିମ୍ପିଆନ୍ ଧୀରଜ ଓ ୧୭ ବର୍ଷୀୟ କୁମ୍କୁମ୍ ଅନିଲ ମେହୁଦ ମିଶ୍ରିତ ଯୁଗଳ ରିକର୍ଭ ଫାଇନାଲରେ ୫-୧ (୩୭-୩୬, ୩୭-୩୬, ୩୯-୩୯) ରେ କୋରିଆର କିମ୍ ଜେ-ଡିଓକ୍ ଓ ଓ ୟି ଜିନକଙ୍କୁ ପରାସ୍ତ କରିଛନ୍ତି। ଫାଇନାଲ୍ ପୂର୍ବରୁ ଏହି ଯୋଡ଼ି ଡେନମାର୍କ ୬-୦, ଆମେରିକାକୁ ୬-୨ ଓ ଜର୍ମାନୀକୁ ୬-୨ରେ ହରାଇଥିଲେ। ଏକକ ବର୍ଗ ଫାଇନାଲରେ ଧୀରଜ ୭-୩ (୩୦-୨୯, ୨୯-୨୮, ୨୭-୨୭, ୨୭-୨୯, ୩୦-୨୯)ରେ ପ୍ୟାରିସ୍ ଅଲିମ୍ପିକ୍ କାଂସ୍ୟ ବିଜେତା ଦକ୍ଷିଣ କୋରିଆର ଲି ଉ ସିଓକଙ୍କୁ ମାତ୍ ଦେଇଥିଲେ। ଏହା ପୂର୍ବରୁ ସେମିଫାଇନାଲରେ ଜର୍ମାନୀର ମୋର୍ଟିଜ ୱିଜରଙ୍କୁ ୬-୪ରେ ହରାଇଥିଲେ। ଧୀରଜ ୨୦୨୧ରେ ପଦାର୍ପଣ କରିଥିଲା ବେଳେ ୨୦୨୩, ୨୦୨୪ ଓ ୨୦୨୫ରେ କାଂସ୍ୟ ଜିତିଥିଲେ।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି